ବର୍ଷ-୨୫, ସଂଖ୍ୟା-୨୮୪
ଭୁବନେଶ୍ୱର
୨୬, ଅକ୍ଟୋବର, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 284
Bhubaneswar
26, October, 2025 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

ଫର୍ମକୁ ଫେରିଲେ 'ରୋକୋ'



# ମାଡି ଆସୁଛି 'ମନ୍ଥା'

**ଭୁବନେଶ୍ୱର,୨୫ା୧୦(ମହାଭାରତ):** ବଙ୍ଗୋପସାଗର ଉପରେ ଅବପାତ ବର୍ତ୍ତମାନ ସକ୍ରିୟ ରହିଛି। ଆସନ୍ତା ୨୪ ଘଂଟା ମଧ୍ୟରେ ଏହା ଗଭୀର ଅବପାତର ରୂପ ନେବ। ଆସନ୍ତା ୨୭ ତାରିଖ ସକାଳ ସମୟରେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏହା ବାତ୍ୟାର ରୂପ ନେବାର ସମ୍ଭାବନା ରହିଛି ବୋଲି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ବର୍ତ୍ତମାନ ଗୋପାଳପୁର ଠାରୁ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ୧୦୪୦ କିଲୋମିଟର ଦୂରରେ ସମ୍ଭାବ୍ୟ ବାତ୍ୟା ରହିଛି। ବାତ୍ୟାର ନାମକରଣ ହୋଇନାହିଁ। ସ୍ଥଳଭାଗ ଛୁଇଁବା ବେଳେ ଏହା ଭୀଷଣ ବାତ୍ୟାର ରୂପ ନେବ।

ସେ କହିଛନ୍ତି ଭୀଷଣ ବାତ୍ୟା ଭାବେ ଆନ୍ଧ୍ରପ୍ରଦେଶ ଉପକୂଳକୁ କଳିଙ୍ଗପାଟନାମ ଏବଂ ମଛଳିପଟନମ ମଧ୍ୟରେ କାକିନାଡ଼ା ପାଖାପାଖି ୨୮ ତାରିଖ ସନ୍ଧ୍ୟା ଏବଂ ରାତ୍ରି ମଧ୍ୟରେ ସ୍ଥଳଭାଗ ଛୁଇଁବା ସମ୍ଭାବନା ରହିଛି। ଏହି ସମୟରେ ପବନର ବେଗ ଘଂଟା ପ୍ରତି ୯୦ ରୁ ୧୦୦ ସର୍ବାଧିକ ୧୧୦ କିମି ରହିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଓଡ଼ିଶାରେ ୨୭ ତାରିଖରୁ ବର୍ଷା ଆରମ୍ଭ ହେବ। ୨୮ ଓ ୨୯ ରେ ବର୍ଷା ସହ ପବନ ରହିବ। ଓଡ଼ିଶାରେ ପବନର ବେଗ ୬୦ ରୁ ୭୦ କିମି ପବନ ରହିବ। ଝଟକା ପବନ ଘଂଟା ପ୍ରତି ୮୦ କିମି ରହିବ। ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ପବନର ପ୍ରଭାବ ସର୍ବାଧିକ ରହିବ। ୩୦ରେ ବି ହାଲୁକା ବର୍ଷା ହୋଇପାରେ। ଏହି ସମୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ଅକ୍ଟୋବର ୨୬ ରୁ ୩୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଏହାସହ ରାଜ୍ୟର ସମସ୍ତ ବନ୍ଦର ଗୁଡ଼ିକରେ ୩ ନମ୍ବର ବିପଦ ସଂକେତ ଦିଆଯାଇଛି।

ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ପୂର୍ବ ପ୍ରସ୍ତୁତି ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓରଞ୍ଜନ କୁମାର ସିଂ ସମ୍ଭାବ୍ୟ ବାତ୍ୟାରେ ପ୍ରଭାବିତ ହେବାକୁ ଥିବା ଜିଲ୍ଲାଗୁଡ଼ିକର ଜିଲ୍ଲାପାଳମାନଙ୍କ ସହ ବାତ୍ୟାପୂର୍ବ ପ୍ରସ୍ତୁତି ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ।

ବୈଠକ ପରେ ରାଜୀବ ଭବନଠାରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ ମନ୍ତ୍ରୀ ପୂଜାରୀ କହିଲେ ଯେ ଭାରତୀୟ ପାଣିପାଗ କେନ୍ଦ୍ରର ଭାବନେଶ୍ୱରସ୍ଥିତ ଆଞ୍ଚଳିକ ଶାଖାର ସୂଚନା ଅନୁଯାୟୀ ଏବେ ବାତ୍ୟା ଗଭୀର ଅବପାତରେ ପରିଣତ ହୋଇଛି। ଏହାର ତୀବ୍ରତା ବୃଦ୍ଧି ପାଉଥିଲେ ମଧ୍ୟ ଗତିପଥ ସ୍ପଷ୍ଟ ହୋଇପାରିନାହିଁ। ଏହାର ପ୍ରଭାବରେ ଅକ୍ଟୋବର ୨୭, ୨୮ ଓ ୨୯ ତାରିଖ ବେଳକୁ ଦକ୍ଷିଣ ଓଡ଼ିଶା ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା



ହୋଇପାରେ। ଏଥିରେ ରାଜ୍ୟର ୧୫ଟି ଜିଲ୍ଲା ପ୍ରଭାବିତ ହେବାର ଆଶଙ୍କା ରହିଛି। ଅତୀତର ଅନୁଭବ ଓ ବର୍ତ୍ତମାନର ସ୍ଥିତିକୁ ଦୃଷ୍ଟିରେ ରଖି ସରକାର ସମସ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି।

ସମ୍ଭାବ୍ୟ ବାତ୍ୟା ପାଇଁ ଗଞ୍ଜାମ, ବାଲେଶ୍ୱର, ଜଗତସିଂହପୁର, କେନ୍ଦ୍ରାପଡା ଓ କନ୍ଧମାଳ ଜିଲ୍ଲାରେ ୨୫ରୁ ୩୦ ଛୁଟି ବାତିଲ କରାଯାଇଛି। ସମସ୍ତ ଅଧିକାରୀଙ୍କୁ ମୁଖ୍ୟାଳୟ ଛାଡ଼ି ନ ଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦିଆଯାଇଛି। ପରିସ୍ଥିତି ନିୟନ୍ତ୍ରଣାଧୀନ ହେବା ପର୍ଯ୍ୟନ୍ତ ଛୁଟି ବାତିଲ୍ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଛୁଟିରେ ଥିବା କର୍ମଚାରୀଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ଏବଂ ଅଧିକାରୀଙ୍କୁ ନିଜ ନିଜ ମୁଖ୍ୟାଳୟରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ।

ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ଏନଡିଆରଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀକୁ ସଜାଗ ରଖାଯାଇଛି। ସରକାର କୃଷି, ଜଳସମ୍ପଦ, ଶକ୍ତି, ପଞ୍ଚାୟତିରାଜ, ସ୍ୱାସ୍ଥ୍ୟ, ସମବାୟ, ଗ୍ରାମ୍ୟ ଉନ୍ନୟନ, ପ୍ରାଣୀସମ୍ପଦ ବିଭାଗ ସହ ସମନ୍ୱୟ ରକ୍ଷା କରି ପ୍ରସ୍ତୁତି ଜାରି ରଖିଛନ୍ତି। ରାଜ୍ୟର ତଳିଆ ଓ ଜଳମଗ୍ନ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରାଯାଇଛି। ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକୁ ପ୍ରସ୍ତୁତ ରଖାଯାଇଛି। ସେଠାରେ ଖାଦ୍ୟପଦାର୍ଥ, ପାନୀୟ ଜଳ, ଗୋଖାଦ୍ୟ, ଆବଶ୍ୟକୀୟ ଔଷଧ ଇତ୍ୟାଦିର ବ୍ୟବସ୍ଥା କରାଯାଇଛି। ଆବଶ୍ୟକ ପଡ଼ିଲେ ଲୋକମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତରିତ କରାଯିବ।

ମନ୍ତ୍ରୀ ଶ୍ରୀ ପୂଜାରୀ ପୁଣି କହିଛନ୍ତି ଯେ ସରକାର ଧନଜୀବନ ରକ୍ଷା ସହ ସମ୍ପତିର ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଭାବେ ଧ୍ୟାନ ଦେଉଛନ୍ତି। ଏବେ ଭୂସ୍ଖଳନ ଓ ସହରୀ ବନ୍ୟା ଉପରେ ମଧ୍ୟ ସତର୍କ ଦୃଷ୍ଟି ରଖାଯାଇଛି। ଆଗରୁ ଆଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଜନସାଧାରଣଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରାଯାଇଛି। ସରକାରଙ୍କ ସହ ନିୟମିତ ସମ୍ପର୍କରେ ରହିବା ସହ ଆତଙ୍କିତ ନହେବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ସିଂ କହିଲେ ଯେ ଜନସାଧାରଣ ସରକାରଙ୍କ ଦ୍ୱାରା ବାତ୍ୟା ସମ୍ପର୍କିତ ସୂଚନାକୁ ଗୁରୁତ୍ୱ ଦିଅନ୍ତୁ। ଅଯଥାରେ ଆତଙ୍କିତ ନହେବାକୁ ଅନୁରୋଧ କରିବା ସହ ସରକାର ନିରନ୍ତର ବାତ୍ୟା ସମ୍ପର୍କିତ ସୂଚନା ଜାରି କରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିଥିବା ସେ ପ୍ରକାଶ କରିଛନ୍ତି।

ସମ୍ଭାବ୍ୟ ବାତ୍ୟା ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ଆମ ପାଇଁ ୨୮,୨୯ ଓ ୩୦ ତାରିଖ ଗୁରୁତ୍ୱପୁର୍ଣ୍ଣ। ବିଶେଷ କରି ଦକ୍ଷିଣ ଓଡ଼ିଶାର ଗଞ୍ଜାମ,ଗଜପତି, କୋରାପୁଟ, ମାଲକାନଗିରି, ରାୟଗଡ଼ା ଓ ଉପକୂଳ ଓଡ଼ିଶାର ପୁରୀ, ଖୋର୍ଦ୍ଧା,କେନ୍ଦ୍ରାପଡ଼ା, ଜଗତସିଂପୁର, ଭଦ୍ରକ ପ୍ରଭାବିତ ହେବ। ବାତ୍ୟା ଦିଗ ପରିବର୍ତନ କରୁଥିବାରୁ ଆଇଏମଡି ଆକଳନ ଅନୁସାରେ ସରକାର ପ୍ରସ୍ତୁତି କରୁଛନ୍ତି। ଆନୁସଙ୍ଗିକ ବିଭାଗ ଗୁଡିକ ସ୍ୱତନ୍ତ୍ର ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ ରହିଛି। ଓଡ୍ରାଫ୍, ଏନଡିଆରଏଫ୍, ଅଗ୍ନିଶମ ବିଭାଗ ଓ ଜିଲ୍ଲା ପ୍ରଶାସନ ସମନ୍ୱୟ ରଖି କାମ କରିବାକୁ ନିର୍ଦ୍ଦେଶ ରହିଛି। ବିପର୍ଯ୍ୟୟ ପ୍ରକୋପ ଯାହା ହେଲେ ବି ସରକାର ସର୍ବୋଚ୍ଚ ପ୍ରସ୍ତୁତି କରୁଛନ୍ତି। ଲ୍ୟାଣ୍ଡ ସ୍ଲାଇଡ୍ ଅଂଚଳ ଚିହ୍ନଟ କରି ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ସମୁଦ୍ରକୁ ଯାଇଥିବା ମତ୍ସ୍ୟଜୀବୀଙ୍କୁ ଫେରି ଆସିବାକୁ ନିର୍ଦ୍ଦେଶ ଦିଆଯାଇଛି। ତଳିଆ ଅଂଚଳ ଚିହ୍ନଟ ସହ ଆବଶ୍ୟକ ସ୍ଥଳେ ସ୍ଥାନାନ୍ତରଣ,ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତି, ରାସନ ଓ ମେଡିସିନ ମହଜୁଦ ପାଇଁ ନିର୍ଦେଶ ଦିଆଯାଇଛି। ସରକାରଙ୍କ ପ୍ରାଥମିକତା ଜୀବନ ରକ୍ଷା। ଧନସମ୍ପତି ରକ୍ଷା କରିବା ବି ପ୍ରଥମିକତା।

## ଏୟାର ହୋଷ୍ଟେସଙ୍କ ସହ ଲଭ୍ ସେକ୍ସ ଧୋକା

# ଏୟାରପୋର୍ଟ ଡିଜିଏମ୍ ଗିରଫ

**ଭୁବନେଶ୍ୱର,୨୫ା୧୦ (ମହାଭାରତ):** ଲଭ୍ ସେକ୍ସ ଧୋକା ଅଭିଯୋଗରେ ଭୁବନେଶ୍ୱର ବିମାନବନ୍ଦରର ଡେପୁଟି ଜେନେରାଲ ମ୍ୟାନେଜର (ଡିଜିଏମ୍) ଉମାକାନ୍ତ ପଟେଲ ଗିରଫ ହୋଇଛନ୍ତି। ଜନୈକ ଏୟାର ହୋଷ୍ଟେସଙ୍କ ଅଭିଯୋଗ ପରେ ତାଙ୍କୁ ଗିରଫ କରିଛି ଏୟାରପୋର୍ଟ ଥାନା ପୋଲିସ୍।



ଉମାକାନ୍ତଙ୍କ ବିରୋଧରେ ମିଛ କଥା କହି ଏୟାର ହୋଷ୍ଟେସଙ୍କ ସହ ଅବୈଧ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଛି। ଏପରିକି ଏୟାର ହୋଷ୍ଟେସଙ୍କ ଗର୍ଭପାତ କରାଇଥିବା ଭଳି ସାଂଘାତିକ ଅଭିଯୋଗ ମଧ୍ୟ ଆସିଛି। ଗିରଫ ଉମାକାନ୍ତ ପୂର୍ବରୁ ବିବାହିତ। ଶନିବାର ଗିରଫ ହେବା ପରେ ପଟେଲଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଦିଲ୍ଲୀ ବିମାନବନ୍ଦରରେ କାମ କରିବା ପରେ ପ୍ରାୟ ଚାରି ମାସ ପୂର୍ବରୁ ପଟେଲଙ୍କୁ ଭୁବନେଶ୍ୱର ବିମାନବନ୍ଦରକୁ ସ୍ଥାନାନ୍ତର କରାଯାଇଥିଲା। ଦିଲ୍ଲୀରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ, ସେ ଏକ ଘରୋଇ ଏୟାରଲାଇନ୍ସରେ ନିଯୁକ୍ତି ପାଇଥିବା ଜଣେ ଏୟାର ହୋଷ୍ଟେସଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା, ମିଛ କହି ସେ ନିଜକୁ ଅବିବାହିତ ବୋଲି ଦର୍ଶାଇଥିଲେ। ବିବାହର ପ୍ରଲୋଭନ ଦେଖାଇ ସେ ତାଙ୍କ ସହିତ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ ବୋଲି ଅଭିଯୋଗ ହୋଇଛି।ପରବର୍ତ୍ତୀ ସମୟରେ, ଯେତେବେଳେ ମହିଳା ଜଣକ ଗର୍ଭବତୀ ହେଲେ, ପଟେଲ ତାଙ୍କୁ ଧମକ ଦେଇଥିଲେ ଏବଂ ଗର୍ଭପାତ କରିବାକୁ ବାଧ କରିଥିଲେ ବୋଲି ଅଭିଯୋଗ ହୋଇଛି। ପରେ ଏୟାର ହୋଷ୍ଟେସ ଜଣକ ଭୁବନେଶ୍ୱରକୁ ସ୍ଥାନାନ୍ତରିତ ହୋଇଥିଲେ। ପଟେଲ ମଧ୍ୟ ପରେ ଭୁବନେଶ୍ୱରକୁ ସ୍ଥାନାନ୍ତରିତ ହୋଇ ତାଙ୍କ ସହିତ ସମ୍ପର୍କ ଜାରି ରଖିଥିଲେ। ପଟେଲ ପୂର୍ବରୁ ବିବାହିତ ଏବଂ ତାଙ୍କର ଏକ ସନ୍ତାନ ଅଛି ବୋଲି ଜାଣିବା ପରେ ମହିଳା ଜଣକ ବିମାନବନ୍ଦର ପୋଲିସ ଷ୍ଟେସନରେ ଅଭିଯୋଗ କରିଥିଲେ।

## ୨ ଗ୍ରାମବାସୀଙ୍କୁ ହତ୍ୟା କଲେ ନକ୍ସଲ

**ବିଜାପୁର,୨୫ା୧୦ (ମହାଭାରତ):** ଛତିଶଗଡ଼ ରାଜ୍ୟର ବିଜାପୁର ଜିଲ୍ଲାରେ ଗତକାଲି ରାତିରେ ନକ୍ସଲମାନେ ଧାରୁଆ ଅସ୍ତ୍ରରେ ଦୁଇ ଗ୍ରାମବାସୀଙ୍କୁ ହତ୍ୟା କରିଛନ୍ତି। ମୃତକଙ୍କ ନାମ ରବି କଟ୍ଟମ (୨୫ ବର୍ଷ) ଏବଂ ତିରୁପତି ସୋଧି (୩୮ ବର୍ଷ) ବୋଲି ଚିହ୍ନଟ କରାଯାଇଛି। ତିରୁପତିଙ୍କ ଭାଇ ଜଣେ ସିଆରପିଏଫ ଜବାନ।

ପୋଲିସ ସନ୍ଦେହ କରୁଛି ଯେ, ନକ୍ସଲମାନେ ପ୍ରତିଶୋଧ ନେବା ପାଇଁ ଏହି ଆକ୍ରମଣ କରିଛନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇ ଉସୁର ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି। ପୋଲିସ ଏବଂ ସୁରକ୍ଷା ବାହିନୀ ଆଖପାଖ ଅଂଚଳରେ ସର୍ଚ୍ଚ ଅପରେସନ୍ କରୁଛନ୍ତି। ନକ୍ସଲଙ୍କ ଦ୍ୱାରା ସଂଗଠିତ ଏହି ହତ୍ୟାକାଣ୍ଡ ପରେ ଅଂଚଳରେ ଆତଙ୍କ ସୃଷ୍ଟି ହୋଇଛି। ବିଜାପୁର ଏଏସପି ଚନ୍ଦ୍ରକାନ୍ତ ଗବର୍ଣ୍ଣା ଶନିବାର ଦିନ କହିଛନ୍ତି ଯେ, ଉସୁର ଥାନା ଅଂଚଳର ନେଲାକାଙ୍କେର ଗାଁରେ ଶୁକ୍ରବାର ରାତିରେ ନକ୍ସଲମାନେ ଦୁଇ ଜଣ ଗ୍ରାମବାସୀଙ୍କ ଘରେ ପ୍ରବେଶ କରି ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଥିଲେ ଏବଂ ସେଠାରୁ ପଳାୟନ କରିଥିଲେ । ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଘଟଣା ପରେ ସୁରକ୍ଷା ବାହିନୀ ପାଟ୍ରୋଲିଂ ଏବଂ ସର୍ଚ୍ଚ ଅପରେସନକୁ ତୀବ୍ର କରିଛି। ସେ କହିଛନ୍ତି ଯେ, ଏନେଇ ଅଧିକ ତଦନ୍ତ ଚାଲିଛି ଏବଂ ଦୋଷୀ ମାନଙ୍କୁ ଧରିବା ପାଇଁ ସମସ୍ତ ପ୍ରକାରର ପଦକ୍ଷେପ ନିଆଯାଉଛି। ତିରୁପତି ସୋଧିଙ୍କ ଶିକ୍ଷାଗତ ଯୋଗ୍ୟତା ହେଉଛି ସେ ୮ମ ଶ୍ରେଣୀ ପାସ୍ କରିଛନ୍ତି ଏବଂ ବୃତିରେ ସେ ଜଣେ ଚାଷୀ ଥିଲେ, ଯେତେବେଳେକି କଟ୍ଟମ ରବି ଯୁକ୍ତ ଦୁଇ ପାସ୍ କରିଥିଲା । ଉଭୟ ପ୍ରାୟତଃ ବିଜାପୁରର ମୁଖ୍ୟାଳୟ ଆୱାପାଲିକୁ ଯାତ୍ରା କରୁଥିଲେ। ତେଣୁ, ନକ୍ସଲମାନେ ସେମାନଙ୍କୁ ସୂଚନାଦାତା ବୋଲି ସନ୍ଦେହ କରିବା ସହିତ ଦୁହିଁଙ୍କୁ ହତ୍ୟା କରିଥିଲେ । ନକ୍ସଲମାନେ ଗତ ଏକ ମାସ ମଧ୍ୟରେ ସାତ ଜଣ ଗ୍ରାମବାସୀଙ୍କୁ ହତ୍ୟା କରିଛନ୍ତି।

## ମୋହନ ସରକାରକୁ ପୂରିଲା ୫୦୦ ଦିନ

# ୩୩ ପ୍ରକଳ୍ପରେ ୧.୪୬ଲକ୍ଷ କୋଟି ନିବେଶ

**ଭୁବନେଶ୍ୱର,୨୫ା୧୦(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଗଠିତ ଡବଲ ଇଞ୍ଜିନ ସରକାର ତାଙ୍କ ଶାସନର ୫ଶହ ଦିନ ପୂରଣ କରିବା ଅବସରରେ ଓଡ଼ିଶାରେ ୧କୋଟି ୪୬ଲକ୍ଷ ଟଙ୍କାର ୩୩ଟି ବୃହତ୍ତ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ଲୋକସଭା ଭବନଠାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କ୍ଲିୟରାନ୍ସ କମିଟି ବୈଠକ ଅନୁଷ୍ଠିତ ହୋଇ ଏହି ପ୍ରକଳ୍ପଗୁଡିକୁ ମଞ୍ଜୁରୀ ଦିଆଯାଇଛି। ଏହି ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେଲେ ରାଜ୍ୟରେ ୬୬ହଜାର ନିଯୁକ୍ତି ସୃଷ୍ଟି ହେବ। ୭ଲକ୍ଷ ୭୦ହଜାର କୋଟି ଟଙ୍କାର ୩୩୦ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏଥିରେ ୪ଲକ୍ଷ ୭୦ହଜାର ନୂଆ ନିଯୁକ୍ତି ସୁଯୋଗର ସମ୍ଭାବନା ସୃଷ୍ଟି ହୋଇଛି। ଏହା ବିକଶିତ ଓଡ଼ିଶା ୨୦୩୬ ଲକ୍ଷ୍ୟ ହାସଲ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ୫୦୦ ଦିନ ଏକ ଆତ୍ମବିଶ୍ୱାସୀ, ପ୍ରଗତିଶୀଳ ଓ ପୁଞ୍ଜିନିବେଶ ପାଇଁ ପ୍ରସ୍ତୁତ ଓଡ଼ିଶାକୁ ପ୍ରତିଫଳନ କରୁଛି। ଭାରତ ଓ ବିଦେଶରୁ ପୁଞ୍ଜିନିବେଶକାରୀ ମାନେ ଯେଉଁ ଆସ୍ଥା ପୋଷଣ କରିଛନ୍ତି ତାହା ଆମର ନୀତିର ଦୃଢ଼ତା, ଉତ୍ତମ ଶାସନ, ଆତ୍ମନିର୍ଭର ଓ ବିକାଶଶୀଳ ରାଜ୍ୟ ପାଇଁ ଆମ ଦୃଷ୍ଟିକୋଣକୁ ଏହା ଉଜାଗର କରୁଛି। ଅନୁମୋଦିତ ପ୍ରକଳ୍ପଗୁଡ଼ିକରେ ଆଇଟି ଓ ଇଏସଡିଏମ୍, ଏରୋସ୍ପେସ୍ ଓ ଡିଫେନ୍ସ, ଟେକ୍ସଟାଇଲ୍ସ ଓ ଆପାରେଲ୍, ଫୁଡ୍ ପ୍ରୋସେସିଂ, ଟୁରିଜିମ୍, ଗ୍ରୀନ୍ ଏନର୍ଜି ଉପକରଣ, ଡାଟା ସେଂଟର, ସ୍ପେସିଆଲିଟି ଷ୍ଟିଲ୍, ଆଲୁମିନିୟମ୍, ବିଦ୍ୟୁତ ଏବଂ ଗ୍ରୀନ୍ ହାଇଡ୍ରୋଜେନ୍ ଓ ଆମୋନିଆ ଭଳି ବିଭିନ୍ନ କ୍ଷେତ୍ର ସାମିଲ ଅଛି।



ପୁଞ୍ଜିନିବେଶକୁ ରାଜ୍ୟର ୧୪ଟି ପ୍ରମୁଖ ଜିଲ୍ଲା ଅନୁଗୁଳ, ବଲାଙ୍ଗୀର, କଟକ, ଢେଙ୍କାନାଳ, ଗଞ୍ଜାମ, ଜଗତସିଂହପୁର, ଯାଜପୁର, ଝାରସୁଗୁଡ଼ା, କନ୍ଧମାଳ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ପୁରୀ, ସମ୍ବଲପୁର ଏବଂ ସୁନ୍ଦରଗଡ଼ରେ ହୋଇଛି, ଯାହା ସନ୍ତୁଳିତ ଶିଳ୍ପାୟନ ଓ ଆଂଚଳିକ ଅଭିବୃଦ୍ଧିକୁ ସୁନିଶ୍ଚିତ କରାଇବ।

୪୨ତମ ଏଚଏଲସିଏ ବୈଠକରେ ଏହି ପୁଞ୍ଜିନିବେଶକୁ ମଞ୍ଜୁରୀ ମିଳିଛି।

ଏହି ବୈଠକରେ ୧,୪୧,୯୯୩.୫୪ କୋଟି ମୂଲ୍ୟର ୧୨ଟି ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ୪୯,୭୪୫ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଅଦାନୀ ଏଣ୍ଟରପ୍ରାଇଜେସ୍ ଲିମିଟେଡ୍ ଦ୍ୱାରା କୋଇଲାରୁ ରାସାୟନିକ ପ୍ରକଳ୍ପ ସୁନ୍ଦରଗଡ଼ରେ ୮୪ହଜାର କୋଟି ଟଙ୍କା ଓ ୩୬ହଜାର ନିଯୁକ୍ତି ଏବଂ ଜିନ୍ଦଲ ଇଣ୍ଡିଆ ପାୱାର ଲିମିଟେଡ୍ ପାୱାର କ୍ଷେତ୍ରରେ (୧୪୮୦୦ କୋଟି, ଅନୁଗୁଳ) ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ସାମିଲ ଅଛି।

ବୈଠକ ପୂର୍ବରୁ ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ ବୈଠକରେ ୪୦୧୯.୫୩ କୋଟିର ୨୧ଟି ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏଥିରୁ ୧୬,୫୯୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରିଲାଏନ୍ସ କଞ୍ଜ୍ୟୁମର ଦ୍ୱାରା ଖୋର୍ଦ୍ଧାରେ ବିସ୍କୁଟ୍ ଓ ପାନୀୟ ଉତ୍ପାଦନ କେନ୍ଦ୍ର (୯୩୮କୋଟି) ଏବଂ ଟୋରେ ମାସ୍ ଆପାରେଲ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ପୋଷାକ ଉତ୍ପାଦନ ୟୁନିଟ୍ (୩୯୨ କୋଟି ଟଙ୍କା ଓ ୨୧୭୪ ନିଯୁକ୍ତି) ପ୍ରମୁଖ ପୁଞ୍ଜିନିବେଶ ପ୍ରକଳ୍ପ ସାମିଲ ଅଛି।

ଗତ ୫୦୦ ଦିନ ମଧ୍ୟରେ, ଓଡ଼ିଶା ସରକାର 'ଡବଲ୍ ଇଞ୍ଜିନ୍ - ୱାନ୍ ଭିଜନ, ଡବଲ୍ ଇମ୍ପାକ୍ଟ' ଦୃଷ୍ଟିକୋଣରେ ଏକ ନୂତନ ମାନକ ସ୍ଥାପିତ କରିଛନ୍ତି। ଏହି ୫୦୦ଦିନ ମଧ୍ୟରେ, ୧୨ଟି ସିଙ୍ଗଲ୍ ୱିଣ୍ଡୋ ଏବଂ ୭ଟି ହାଇଲେଭଲ୍ କ୍ଲିଅରାନ୍ସ ଅଥରିଟି ବୈଠକ ଅନୁଷ୍ଠିତ ହୋଇଛି, ଯେଉଁଥିରେ ମୋଟ ୩୩୦ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ମୋଟ ୭.୭ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି ଓ ଏହାଦ୍ୱାରା ପ୍ରାୟ ୪.୭ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ଆଶା କରାଯାଉଛି। ନୂତନ ପ୍ରକଳ୍ପ ସମେତ ୭୬ଟି ପ୍ରକଳ୍ପର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି ଏବଂ ୮ଟି ପ୍ରକଳ୍ପ ଉଦଘାଟନ କରାଯାଇଛି, ଯାହା ମୋଟ ୨.୦୪ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଅଟେ।

# ୬ ସହର ପାଇଁ କିଣାଯିବ ୨୦୦ ଇ-ବସ୍

**ଭୁବନେଶ୍ୱର,୨୫ା୧୦ (ମହାଭାରତ):** ରାଜ୍ୟ ସରକାର ଓଡ଼ିଶାରେ ଯାତ୍ରୀ ପରିବହନ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ଆହୁରି ୨ଶହ ବିଦ୍ୟୁତ ଚାଳିତ ମିଡି ବସ୍ କିଣିବାକୁ ନିଷ୍ପତ୍ତି କରିଛନ୍ତି। ଆଜି ରାଜ୍ୟ ମନ୍ତ୍ରିମଣ୍ଡଳ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ୪ଟି ବିଭାଗର ୫ଟି ପ୍ରସ୍ତାବକୁ କ୍ୟାବିନେଟର ମଞ୍ଜୁରୀ ଦିଆଯାଇଛି।

ବୈଠକ ଶେଷରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ବୈଠକର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ରାଜ୍ୟ ସରକାର ଆଗାମୀ ୧୦ ବର୍ଷ ପାଇଁ ୨୦୦ ମିଡି ଇଲେକ୍ଟ୍ରିକ୍ ବସ୍ ପରିଚାଳନା ପ୍ରକଳ୍ପ ନିମନ୍ତେ ମୋଟ ୯୫୨.୫୬ କୋଟି ଟଙ୍କା ବ୍ୟବସ୍ଥା କରିବାକୁ ମନ୍ତ୍ରିମଣ୍ଡଳ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ୟାକେଜ୍ ୮ରେ କେନ୍ଦୁଝର ପାଇଁ ୨୫, ବାରିପଦା ପାଇଁ ୨୫ ଏବଂ ବ୍ରହ୍ମପୁର ପାଇଁ ୫୦ଟି ଏହିପରି ମୋଟ ୧୦୦ଟି ବସ୍ ଯୋଗାଇ ଦିଆଯିବ। ସେପରି ପ୍ୟାକେଜ୍ ୯ ରେ ଅନୁଗୁଳ ପାଇଁ ୨୫, ଝାରସୁଗୁଡ଼ା ପାଇଁ ୨୫ ଏବଂ ସମ୍ବଲପୁର ପାଇଁ ୫୦ ଆଉ ୧୦୦ଟି ବସ୍ ଏହିପରି ମୋଟି ୨ଶହଟି ବସ୍ କିଣିବା ପାଇଁ ପ୍ରସ୍ତାବ ମନ୍ତ୍ରିମଣ୍ଡଳ ବୈଠକରେ ପାରିତ ହୋଇଛି। ଏହି ପ୍ରକଳ୍ପ ମାଧ୍ୟମରେ ଉପରୋକ୍ତ ପ୍ରମୁଖ ୬ଟି ସହରଗୁଡିକରେ ବସ୍ ଚାର୍ଜିଂ, ଡିପୋ ଭିତ୍ତିଭୂମି ନିର୍ମାଣ ଓ ଏହାର ବ୍ୟାପକ ପରିଚାଳନା, ରକ୍ଷଣାବେକ୍ଷଣ କ୍ଷେତ୍ରରେ କାର୍ଯ୍ୟକାରୀ କରାଯିବ। କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ବର୍ତ୍ତମାନ ଦୈନିକ ପ୍ରାୟ ତିନି ଲକ୍ଷ ଯାତ୍ରୀଙ୍କୁ ସେବା ପ୍ରଦାନ କରିଆସୁଛି। ଏନେଇ ବିଭିନ୍ନ ରୁଟ୍ ରେ ୬୭୦ଟି ଆମ ବସ୍ ଚଳାଚଳ କରୁଛି। ଆଜିକା ଦିନରେ ଲକ୍ଷାଧିକ ସାଧାରଣ ଲୋକ ବସରେ ଯାତାୟାତ କରି ଉପକୃତ ହେଉଛନ୍ତି।



ସହରାଞ୍ଚଳ ପରିବହନ ଓ ଯାତାୟତ ଦିଗରେ ଆବଶ୍ୟକୀୟ ସୁବିଧା ବୃଦ୍ଧି ଓ ସହରାଞ୍ଚଳ ପ୍ରଦୂଷଣ, କାର୍ବନ ନିର୍ଗମନ ହ୍ରାସ କରିବା ଏହି ପ୍ରକଳ୍ପର ମୂଳ ଲକ୍ଷ୍ୟ।

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଆହାର ଯୋଜନା ସମ୍ପର୍କରେ ମନ୍ତ୍ରିମଣ୍ଡଳର ନିଷ୍ପତ୍ତିକୁ ନେଇ ମୁଖ୍ୟ ଶାସନ ସଚିବ କହିଲେ ଯେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଆହାର ଯୋଜନାରେ ଖର୍ଚ୍ଚ ହେଉଥିବା ପ୍ରତି ମିଲ୍ ପାଇଁ ୨୩ ଟଙ୍କାରୁ ୨୭ ଟଙ୍କାକୁ ବୃଦ୍ଧି କରାଯାଇଛି। କିନ୍ତୁ ହିତାଧିକାରୀମାନେ ଯେଉଁ ୫ଟଙ୍କା ଦେଇ ଆହର ପାଉଥିଲେ ସେଥିରେ କୌଣସି ପରିବର୍ତ୍ତନ ହୋଇନାହିଁ। କେବଳ ଏହି ଆହର ଭୋଜନ ପାଇଁ ସରକାରୀ ସବସିଡି ୧୮ ଟଙ୍କାରୁ ୨୨ ଟଙ୍କାକୁ ବୃଦ୍ଧି କରାଯାଇଛି। ରାଜ୍ୟ କ୍ୟାବିନେଟ୍ ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଆହାର ପାଇଁ ୨୦୨୫-୨୬ରୁ ୨୦୨୯-୩୦ ପର୍ଯ୍ୟନ୍ତ ୫ ବର୍ଷ ପାଇଁ ୫୧୨ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି।

ବିମାନ ଚଳାଚଳ କ୍ଷେତ୍ର ପାଇଁ ବି-ମାନ ' ଏକୀକୃତ ଯୋଜନାକୁ ଓଡ଼ିଶା କ୍ୟାବିନେଟ୍ ଅନୁମୋଦନ କରିଛି। ଓଡିଶା କ୍ୟାବିନେଟ୍ ପାଞ୍ଚ ବର୍ଷ (୨୦୨୫ - ୨୦୩୦) ପାଇଁ ୪.୪,୧୮୮୨ କୋଟି ଟଙ୍କାର ମୋଟ ବ୍ୟୟବରାଦ ସହିତ - ଓଡ଼ିଶା ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗର ଏକ ସମନ୍ୱିତ ପଦକ୍ଷେପ - ବିମାନ ସମ୍ପତ୍ତି ଏବଂ ନେଟୱାର୍କ ନିର୍ମାଣ ଏବଂ ପରିଚାଳନା ଏକୀକୃତ ଯୋଜନାକୁ ଅନୁମୋଦନ କରିଛି। ବିମାନ ଚଳାଚଳର ସମସ୍ତ ଦିଗକୁ ଏକ ବ୍ୟାପକ ଢାଞ୍ଚା ଅଧୀନରେ ଆଣିବା ପାଇଁ ଡିଜାଇନ୍ କରାଯାଇଥିବା ଏହି ଯୋଜନାର ଲକ୍ଷ୍ୟ ହେଉଛି 'ସମସ୍ତଙ୍କ ପାଇଁ ବିମାନ ଚଳାଚଳ (ସମସ୍ତଙ୍କ ପାଇଁ ବିମାନ ସେବା)' ଅନ୍ତର୍ଭୁକ୍ତ ଦୃଷ୍ଟିକୋଣ ଅଧୀନରେ ପୂର୍ବ ଭାରତରେ ଏକ ଅଗ୍ରଣୀ ବିମାନ ଚଳାଚଳ କେନ୍ଦ୍ର ଭାବରେ ଓଡ଼ିଶାକୁ ସ୍ଥାନିତ କରିବା।

ମାଂସ ଏବଂ ମାଂସ ଉତ୍ପାଦର ବର୍ଦ୍ଧିତ ଚାହିଦା ପୂରଣ କରିବା ପାଇଁ, ରାଜ୍ୟ ସରକାର "ପ୍ରାଣି ସମ୍ପଦ ସମୃଦ୍ଧି ଯୋଜନା' ଅନ୍ତର୍ଗତ କ୍ଷୁଦ୍ର ପ୍ରାଣୀ ଉନ୍ନୟନ ଉପଯୋଜନାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଏହି ଯୋଜନା ଆସନ୍ତା ୪ ବର୍ଷ ପାଇଁ ଯଥା ୨୦୨୫-୨୬ ରୁ ୨୦୨୮-୨୯ ପର୍ଯ୍ୟନ୍ତ ମୋଟ ୧୨୯୪.୩୬ କୋଟି ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟକାରୀ ହେବ । ଏହି ଯୋଜନା ଦ୍ୱାରା ପ୍ରାୟ ୨୩,୭୩୫ କୃଷକ (ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସମେତ) ଉପକୃତ ହେବେ ଏବଂ ରାଜ୍ୟରେ ଅତିରିକ୍ତ ଭାବେ ବାର୍ଷିକ ୧୨.୨୫ ଟିଏମଟି ମାଂସ ଉତ୍ପାଦନ ହେବ।

## କୋଲୋନ୍ କ୍ୟାନସରର ଉପଗ୍ରର କଫିରେ

ଯେଉଁମାନେ କୋଲୋନ୍ କ୍ୟାନସର (ପେଟରେ କ୍ୟାନସର)ରେ ଆକ୍ରାନ୍ତ ଥିବେ ସେମାନଙ୍କ ପାଇଁ ଗୋଟିଏ କପ୍ କଫି ବହୁତ ଲାଭଦାୟକ। ଏକ ରିପୋର୍ଟ ଅନୁଯାୟୀ, ଯଦି ପେଟରେ କ୍ୟାନସର ହୋଇଥିବା ବ୍ୟକ୍ତି ଯଦି ଦିନକୁ ଚାରି କପ୍ କଫି ପିଉଛନ୍ତି, ତେବେ ଏହାର ପ୍ରଭାବ ବହୁତ ପ୍ରଭାବଶାଳୀ ହୋଇପାରେ। ରିପୋର୍ଟ ଅନୁଯାୟୀ, କଫି ପିଇବା ଦ୍ୱାରା ପେଟରେ କ୍ୟାନସର ବୃଦ୍ଧି ଉପରେ ବ୍ରେକ୍ ଦେଇଥାଏ। ଏମିତିକି ସ୍ଥିତି ବିଗିଡିବା ପୂର୍ବରୁ ଏହାକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ। ଏଥିସହ ଜଣାପଡ଼ିଛି ଯେ ଦିନକୁ ଅତି କମରେ ଚାରି କପ୍ କଫି ପିଉଥିବା ରୋଗୀଙ୍କ ବଞ୍ଚିବାର ସମ୍ଭାବନା ବଢ଼ିଥାଏ। ତେବେ ଏହା ଲାଭଦାୟକ ହେବ ଯେଉଁମାନଙ୍କ ବୟସ ୫୦ ବର୍ଷରୁ କମ୍ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ୫୦ ବର୍ଷରୁ ଅଧିକ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହା ଏତେଟା ସଫଳ ନୁହେଁ ବୋଲି ଜଣାପଡ଼ିଛି। ତେବେ ଏହି କୋଲେନ୍ କ୍ୟାନସର ପାଇଁ କେବଳ କଫି ଉପରେ ନିର୍ଭର କରିବା ଠିକ୍ ନୁହେଁ। ଡକ୍ଟର କିମି ନାଗ କହିଛନ୍ତି, କୋଲେନ୍ କ୍ୟାନସର ରୋଗୀଙ୍କ ଅବସ୍ଥା ସୁଧାରିବାରେ କଫି ସହାୟକ ହେଉଛି। ଏହାକୁ ନେଇ ଅନୁସନ୍ଧାନ ଚାଲିଛି। ବ୍ୟକ୍ତି ଅନୁସାରେ ଏହା ଅଲଗା ଅଲଗା ହୋଇପାରେ।



ଖବର

## 'ସି-ସେକ୍ସନ୍' ପ୍ରସବ ଅସ୍ୱାଭାବିକ ନୁହେଁ, ମୋର ଦୁଇଥର ହୋଇଛି : କରିନା



ବଲିଉଡ୍ ଅଭିନେତ୍ରୀ କରିନା କପୁର ଖାନ୍ ତାଙ୍କର ଦୁଇ ପୁଅ ତୈମୁର ଓ ଜେହାଙ୍ଗିରଙ୍କ 'ସି-ସେକ୍ସନ୍' (ଶଲ୍ୟ ଚିକିତ୍ସା ଦ୍ୱାରା ପ୍ରସବ) ମାଧ୍ୟମରେ ଜନ୍ମ ଦେବା ବିଷୟରେ ଖୋଲାଖୋଲି ଭାବେ କହିଛନ୍ତି। ସେ ଜୋର ଦେଇ କହିଛନ୍ତି ଯେ, କୌଣସି ପ୍ରସବ ପଦ୍ଧତି ଅନ୍ୟଠାରୁ ଭଲ ବା ଅଧିକ ସ୍ୱାଭାବିକ ନୁହେଁ। କରିନା କହିଛନ୍ତି ଯେ ଲୋକମାନେ ସି-ସେକ୍ସନ୍ ବିଷୟରେ କଥା ହେବାକୁ ଚାହାଁନ୍ତି ନାହିଁ, କିନ୍ତୁ ଏହା ମଧ ଏକ ପ୍ରକାର ପ୍ରସବ। ଯଦି କୌଣସି ଜଟିଳତା କିମ୍ବା ମା'ର ସୁବିଧା ପାଇଁ ଅସ୍ତ୍ରୋପଚାର କରିବାକୁ ପଡେ, ତେବେ ଏହାକୁ ଅସ୍ୱାଭାବିକ କହିବା ଠିକ୍ ନୁହେଁ। ସେ କହିଛନ୍ତି, ଏହା ଅସ୍ୱାଭାବିକ ନୁହେଁ। ଏହା ମଧ ଏକ ପ୍ରକାର ପଦ୍ଧତି ଏବଂ ପସନ୍ଦ। ଆପଣ ଏକ ଅସ୍ତ୍ରୋପଚାର ଦେଇ ଗତି କରୁଥିବାରୁ ଆପଣ ଆହୁରି ଅଧିକ ଶକ୍ତିଶାଳୀ। ମୁମ୍ବାଇର ଡାକ୍ତର ରିଚା ଭରଦ୍ୱାଜଙ୍କ ଅନୁଯାୟୀ, ଯେଉଁ ପ୍ରସବରେ ମାଆ ଓ ଶିଶୁ ଉଭୟ ସୁରକ୍ଷିତ ରୁହନ୍ତି, ତାହା ସ୍ୱାଭାବିକ। ଆଜିର ସମୟରେ, ପ୍ରସବ ପଦ୍ଧତି ବାଛିବା ମା'ର ଆରାମ, ସୁରକ୍ଷା ଏବଂ ଡାକ୍ତରୀ ପରାମର୍ଶ ଉପରେ ନିର୍ଭର କରିବା ଉଚିତ, ସାମାଜିକ ଚାପ ଉପରେ ନୁହେଁ। ଯଦି ମା' ସୁବିଧା ମନେକରେ, ତେବେ ଯୋଜନାବଦ୍ଧ ସି-ସେକ୍ସନ୍ ଏକ ସଠିକ୍ ନିଷ୍ପତ୍ତି ହୋଇପାରେ, ଯଦି ଏହା ଡାକ୍ତରୀ ତ□ାବଧାନରେ କରାଯାଏ। ଡାକ୍ତର କହିଛନ୍ତି ଯେ ସି-ସେକ୍ସନ୍ ସାଧାରଣତଃ ଭବିଷ୍ୟତର ଗର୍ଭାବସ୍ଥାକୁ ପ୍ରଭାବିତ କରେ ନାହିଁ। କରିନାଙ୍କ ପରି ଅନେକ ମହିଳା ସୁସ୍ଥ ଦ୍ୱିତୀୟ କିମ୍ବା ତୃତୀୟ ସି-ସେକ୍ସନ୍ କରିପାରିଛନ୍ତି। ମାତୃତ୍ୱ କିପରି ପ୍ରସବ କଲେ ତାହା ଦ୍ୱାରା ସ୍ଥିର ହୁଏ ନାହିଁ, ବରଂ ଶିଶୁର ଯତ୍ନ ଓ ଆରୋଗ୍ୟ ଉପରେ ନିର୍ଭର କରେ। ପ୍ରତ୍ୟେକ ପ୍ରସବକୁ ତୁଳନା ନକରି ସମ୍ମାନ ଦେବା ଉଚିତ।

## ଭାଗ୍ୟ ଚମକାଇବ ଦୁବ ଘାସ

ଅନେକ ସମୟରେ ଆର୍ଥିକ ସମସ୍ୟା ଲାଗି ରହୁଥିବା ଦେଖାଯାଏ। ଏହି କାରଣରୁ ଘରେ କଳହ ପରିସ୍ଥିତି ମଧ ସୃଷ୍ଟି ହୋଇଥାଏ। ତେବେ ଏକ ସରଳ ବାସ୍ତୁ ଉପାୟ ଆପଣାଇବା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହୋଇଥାଏ। ଜାଣନ୍ତୁ..

ଦୁବ ଘାସ ଭାଗ୍ୟରେ ପରିବର୍ତ୍ତନ ଆଣିଥାଏ। ଘରର ଦକ୍ଷିଣ-ପୂର୍ବ କୋଣରେ ଦୁବ ଘାସ ଲଗାଇବା ଦ୍ୱାରା ଘରେ ସକାରାତ୍ମକ ଶକ୍ତି ପ୍ରବେଶ କରିଥାଏ। ଦୁବ ଘାସର ସଠିକ ଭାବେ ଯତ୍ନ ନିଅନ୍ତୁ। ଏହା ସବୁଜ ଶ୍ୟାମଳ ହୋଇ ରହିଲେ ଘରେ ସୁଖଶାନ୍ତିରେ ବୃଦ୍ଧି ଓ ଉନ୍ନତି ହୋଇଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସହ କାର୍ଯ୍ୟରେ ସଫଳତା ପ୍ରାପ୍ତି ହୋଇଥାଏ।

ଘରେ ଆର୍ଥିକ ସ୍ଥିତିରେ ଉନ୍ନତି ପାଇଁ ଦୁବ ଘାସକୁ ଘରର ଈଶାନ୍ୟ କୋଣରେ ଲଗାନ୍ତୁ। ଏହାସହ ମନ୍ଦିର ନିକଟରେ ମଧ ଦୁବ ଘାସ ଲଗାଇପାରିବେ। ଏହାଦ୍ୱାରା ଆମଦାନୀରେ ବୃଦ୍ଧି, କର୍ମକ୍ଷେତ୍ରରେ



## ନିୟମିତ ସପୁରୀ ଜୁସ୍ ପିଇଲେ ରହିବେ ଫିଟ୍

ଜଣେ ବ୍ୟକ୍ତି ସୁସ୍ଥ ରହିବାକୁ କଣ କଣ ନ କରେ। ସମସ୍ତ ପ୍ରକାରର ଉପାୟ ଆପଣାଏ। ବିଶେଷ କରି ଶୀତଦିନେ ସ୍ୱାସ୍ଥ୍ୟର ଯତ୍ନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏପରି ପରିସ୍ଥିତିରେ ଶରୀରରେ ଭିଟାମିନ୍ ଏବଂ ମିନେରାଲ୍ସ ଯାହା ଦରକାର, ତାହା ଶରୀରରେ କଦାପି ଅଭାବ ହେବା ଉଚିତ୍ ନୁହେଁ। ଶରୀରକୁ ଉପକାର କରୁଥିବା ଏହି ଜିନିଷ ମଧ୍ୟରୁ ଗୋଟିଏ ହେଉଛି ପାଇନାପଲ ତଥା ସପୁରୀ ଜୁସ୍। ଏହା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ଏବଂ ହଜମ ପାଇଁ ସବୁଠାରୁ ଫାଇଦା। ସପୁରୀ ଜୁସ୍ ହେଉଛି ବ୍ରୋମେଲାଇନ୍ ର ଏକମାତ୍ର ଖାଦ୍ୟ ଉତ୍ସ। ଶୀତଦିନେ ଘଟୁଥିବା ଅନେକ ରୋଗର ଚିକିତ୍ସା ପାଇଁ ଏହି ଏନଜାଇମ୍



ବ୍ୟବହୃତ ହୁଏ। ଏପରି ପରିସ୍ଥିତିରେ, ଆମେ ଆପଣଙ୍କୁ ଏଠାରେ କହିବୁ ସପୁରୀ ଜୁସ୍ ପିଇବା ଦ୍ୱାରା କଣ ଫାଇଦା ମିଳେ।

କେଉଁ ଭିଟାମିନ୍ ଏବଂ ମିନେରାଲ୍ସ ମିଳିଥାଏ ?

ସପୁରୀ ଜୁସରେ ଆଇରନ, ଭିଟାମିନ୍ ସି, ମାଙ୍ଗାନିଜ୍, କପର, ଫୋଲେଟ୍, ପୋଟାସିୟମ୍, ଭିଟାମିନ୍ କେ, ଭିଟାମିନ୍ ବି-୬, ଭିଟାମିନ୍ ବି -୧ (ଥିଏମାଇନ୍), କ୍ୟାଲସିୟମ୍, ଫସଫରସ୍, କୋଲାଇନ୍, ମ୍ୟାଗ୍ନେସିୟମ୍ ରହିଥାଏ। ବ୍ରଣ ମୁକ୍ତ ହୁଏ- ଅନେକ ଲୋକ ଜାଣିପାରିବେ ନାହିଁ ଯେ ସପୁରୀ ରସ ପିଇବା ଦ୍ୱାରା ବ୍ରଣ ପରି ସମସ୍ୟାରୁ ମୁକ୍ତି ଦିଏ ଉଜ୍ଜ୍ୱଳ ତ୍ୱଚା ଫେରାଏ। ବୟସ ବଢ଼ିବା ସହିତ ଚର୍ମର ସତେଜ ରୁହେ ଏବଂ କୁଞ୍ଚନ ଦେଖାଯାଏ ନାହିଁ। ଯଦି ଆପଣ ନିୟମିତ ଭାବେ ସପୁରୀ ଜୁସ୍ ପିଅନ୍ତି। ତେବେ ଆପଣଙ୍କ ତ୍ୱଚାକୁ ସୁସ୍ଥ କୋମଳ ରଖିବ।

ପେଟ ଯନ୍ତ୍ରଣାରୁ ମୁକ୍ତି ମିଳିବ: ଅନେକ ଥର କୌଣସି ଫାଷ୍ଟଫୁଡ୍ ଖାଇବା ଦ୍ୱାରା ପେଟ ଭାରୀ ହୋଇଯାଏ। ଏହା ପେଟକୁ ଯନ୍ତ୍ରଣା ଦିଏ। ଏହି ସମୟରେ ସପୁରୀ ଜୁସ କରି ପିଇବା ଦ୍ୱାରା ଆପଣଙ୍କୁ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ। ଏଥିରେ ହଜମ ପାଇଁ ଫାଇବର ଏବଂ ଭିଟାମିନ୍ ସି ର ଏକ ସମୃଦ୍ଧ ଉତ୍ସ ଥାଏ। ଯାହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ। ଯଦି ଆପଣ ପ୍ରତିଦିନ ପିଅନ୍ତି ତାହାଲେ କୋଷ୍ଠକାଠିନ୍ୟ, ଗ୍ୟାସ୍ ଭଳି ସମସ୍ୟା ଦୂର ହୋଇଯିବ।

ପ୍ରତିରୋଧକ ଶକ୍ତି : ଯେଉଁମାନେ ପ୍ରତିଦିନ ସପୁରୀ ଜୁସ୍ ପିଉଛନ୍ତି ସେମାନଙ୍କଠାରୁ ରୋଗ ମଧ ଦୂରରେ ରହିଥାଏ। ସେମାନଙ୍କର ପ୍ରତିରୋଧକ ଶକ୍ତି ବୃଦ୍ଧି ହୁଏ। ଏହା ଅନେକ ରୋଗକୁ ମଧ ଲଢ଼ିଥାଏ।

## କାର୍ତ୍ତିକରେ ଯୋଗ ନିଦ୍ରାରେ ଜାଗ୍ରତ ରୁହନ୍ତି ଶ୍ରୀ ଭଗବାନ

କାର୍ତ୍ତିକ ମାସ ହିନ୍ଦୁ ଧର୍ମରେ ଅତ୍ୟଧିକ ପବିତ୍ର ମାସ ବୋଲି ଜଣା ଯାଇଥାଏ। ଏହା ଚତୁର୍ମାସର ଶେଷ ମାସ। ଏହି ମାସରୁ ଦେବ ତତ୍ତ୍ୱ ମଜବୁତ ହୋଇଥାଏ। ଏମାସରେ ତୁଳସୀ ରୋପଣ ଏବଂ ବିବାହ ସର୍ବୋତ୍ତମ ହୋଇଥାଏ। ଏମାସରେ ଦୀପଦାନ ଏବଂ ଦାନ କରିବା ଦ୍ୱାରା ଅକ୍ଷୟ ଶୁଭ ଫଳ ପ୍ରାପ୍ତ ହୋଇଥାଏ। ଏମାସରୁ ସ୍ନିଗ୍ଧ ଜିନିଷ ଏବଂ ଡ୍ରାଇ ଫ୍ରୁଟ୍ସ ଖାଇବାକୁ ପରାମର୍ଶ ଦିଆଯାଇଥାଏ। ଯେଉଁ ଜିନିଷ ଗରମ ଥିବ ଏବଂ ଦୀର୍ଘ ସମୟ ଯାଏଁ ଶକ୍ତି ବଜାୟ ରଖିବ ସେହିପରି ଜିନିଷ ଖାଇବା ଉଚିତ୍। ଏମାସରେ ଡାଲି ଖାଇବାକୁ ମନା କରାଯାଇଛି। ସୂର୍ଯ୍ୟଙ୍କ କିରଣରେ ସ୍ନାନକୁ ମଧ ଏମାସରେ ଉତ୍ତମ ବୋଲି କୁହାଯାଇଛି। ଏମାସରେ ଦ୍ୱିପ୍ରହରେ ଶୋଇବାକୁ ମଧ ମନା କରାଯାଇଛି। କାର୍ତ୍ତିକ ମାସ ଶ୍ରୀ ହରି ଏବଂ ମା ଲକ୍ଷ୍ମୀଙ୍କ ଅତ୍ୟନ୍ତ ପ୍ରିୟ



ହୋଇଥାଏ। ଏମାସରେ ଭଗବାନ ବିଷ୍ଣୁ ଯୋଗ ନିଦ୍ରାରେ ଜଗିଥାନ୍ତି ଏବଂ ସୃଷ୍ଟିରେ ଆନନ୍ଦ ଏବଂ କୃପା ବର୍ଷା ହୋଇଥାଏ। ଏମାସରେ ମା ଲକ୍ଷ୍ମୀ ପୃଥିବୀ ପୃଷ୍ଠରେ ଭ୍ରମଣ କରିଥାନ୍ତି ଏବଂ ଭକ୍ତଙ୍କୁ ଅପାର ଧନ ଦେଇଥାନ୍ତି। ମା ଲକ୍ଷ୍ମୀଙ୍କ କୃପା ପାଇବା ପାଇଁ ଏମାସରେ ଧନ ତ୍ରୟୋଦଶୀ, ଦୀପାବଳି ଏବଂ ଗୋପାଷ୍ଟମୀ ପାଳନ କରାଯାଇଥାଏ। ଏମାସରେ ବିଶେଷ ପୂଜା ଏବଂ ପ୍ରୟୋଗ କରି ଆପଣ ଆଗାମୀ ସମୟରେ ଅପାର ଧନ ପାଇପାରିବେ ଏବଂ କରଜରୁ ମୁକ୍ତ ହୋଇ ପାରିବେ। କାର୍ତ୍ତିକ ମାସରେ ମା ଲକ୍ଷ୍ମୀଙ୍କ କୃପା ପାଇଁ ଦୀପାବଳି ଭଳି ବଡ଼ ପର୍ବ ପାଳନ କରାଯାଇଥାଏ। ତଥାପି କାର୍ତ୍ତିକ ମାସରେ ପ୍ରତି ଦିନ ମା ଲକ୍ଷ୍ମୀଙ୍କ କୃପା ପାଇବାର ଉପାୟ କରାଯିବା ଉଚିତ୍। କାର୍ତ୍ତିକ ମାସରେ ପ୍ରତିଦିନ ରାତିରେ ଭଗବାନ ବିଷ୍ଣୁ ଏବଂ ଲକ୍ଷ୍ମୀଙ୍କ ସଂଯୁକ୍ତ ପୂଜା କରନ୍ତୁ। ଗୋଲାପି କିମ୍ବା ଚମକୁଥିବା ବସ୍ତ୍ର ଧାରଣ କରି ପୂଜା କରନ୍ତୁ। ପାରିବାରିକ ଏବଂ ବୈବାହିକ ଜୀବନ ପାଇଁ ତୁଳସୀ ପୂଜା ସବୁଠୁ ଉତ୍ତମ ହୋଇଥାଏ। ତୁଳସୀ ଗଛ ରୋପଣ ଏବଂ ପୂଜା ପାଇଁ କାର୍ତ୍ତିକ ମାସ ସବୁଠୁ ଭଲ ହୋଇଥାଏ। ସବୁଦିନ ସନ୍ଧ୍ୟାରେ ତୁଳସୀ ଗଛ ତଳେ ଘିଅ କିମ୍ବା ରାଶି ତେଲର ଦୀପ ଜଳାନ୍ତୁ। ସୁଖକର ପାରିବାରିକ ଜୀବନ ଏବଂ ବୈବାହିକ ଜୀବନ ପାଇଁ ପ୍ରାର୍ଥନା କରନ୍ତୁ।

## ଅଁଳା ନବମୀରେ ମହତ୍ତ୍ୱ

ହିନ୍ଦୁ ଧର୍ମରେ ଅନେକ ପର୍ବପର୍ବାଣି ପାଳନ କରାଯାଏ। କଥାରେ ଅଛି ୧୨ ମାସରେ ୧୩ ପର୍ବ। ଦୀପାବଳି ପରେ ବର୍ତ୍ତମାନ ଛଠ ପୂଜା ପାଳନ କରାଯାଉଛି। ଛଠ ପୂଜା ପରେ ଅଁଳା ନବମୀ ପାଳନ କରାଯିବ। ଅଁଳା ନବମୀ ପରେ କାର୍ତ୍ତିକ ପୂର୍ଣ୍ଣମୀ ପାଳନ କରାଯିବ। ହିନ୍ଦୁ ଧର୍ମରେ ଅଁଳା ନବମୀର ଅନେକ ମହତ୍ତ୍ୱ ରହିଛି। କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ନବମୀ ତିଥିରେ ଅଁଳା ନବମୀ ପାଳନ କରାଯାଏ। ଏଥର ଅଁଳା ନବମୀ ନଭେମ୍ବର ୨୩ ତାରିଖରେ ପଡୁଛି। ଏହି ଦିନ ଅଁଳା ଗଛକୁ ପୂଜା କରାଯାଏ।

ଅଁଳା ନବମୀ ସହ ଜଡିତ କିଛି ଖାସ କଥା ସମ୍ପର୍କରେ ଜାଣନ୍ତୁ : ଅଁଳା ନବମୀ ଦିନ ସର୍ବ ପ୍ରଥମେ ମା' ଲକ୍ଷ୍ମୀଙ୍କୁ ଆରାଧନା କରାଯାଇଥାଏ। ଏହା ପଛରେ ଏକ କାରଣ ରହିଛି। ଏକ କଥା ଅନୁସାରେ, ଥରେ ମା' ଲକ୍ଷ୍ମୀ ପୃଥିବୀଲୋକକୁ ଭ୍ରମଣ କରିବାକୁ ଆସିଥିଲେ। ପୃଥିବୀକୁ ଆସିବା ପରେ ଭଗବାନ ବିଷ୍ଣୁ ଓ ଭଗବାନ ଶିବଙ୍କ ପୂଜା ଏକାସଙ୍ଗେ କରିବାକୁ ତାଙ୍କୁ ଇଚ୍ଛା ହେଲା। ସେତେବେଳେ ସେ ମନେପକାଇଲେ ଯେ ତୁଳସୀ ନାରାୟଣଙ୍କ ପ୍ରିୟ କିନ୍ତୁ ଶିବଙ୍କର ନୁହେଁ। ଶିବଙ୍କ ପୂଜାରେ ତୁଳସୀ ଲାଗେନି। କିନ୍ତୁ ଶିବଙ୍କ ସ୍ୱରୂପ ବେଲର ଗୁଣ ଅଁଳା ବୃକ୍ଷରେ ରହିଛି। ସେଥିପାଇଁ ଅଁଳା ଗଛରେ ଉଭୟ ତୁଳସୀ ଓ ବେଲର ଅଂଶ ରହିଛି। ସେତେବେଳେ ମା' ଲକ୍ଷ୍ମୀ ଅଁଳାକୁ ହିଁ ଶିବ ଓ ବିଷ୍ଣୁଙ୍କ ସ୍ୱରୂପ ଭାବି ପୂଜା କଲେ। ମା'ଙ୍କ ପୂଜା ପରେ ଭଗବାନ ଶିବ ଓ ଭଗବାନ ବିଷ୍ଣୁ ପ୍ରକଟ



ହେଲେ। ଏହାପରେ ମା'ଲକ୍ଷ୍ମୀ ଅଁଳା ଗଛ ମୂଳରେ ଭୋଜନ ପ୍ରସ୍ତୁତ କଲେ ଓ ଶିବ ଓ ବିଷ୍ଣୁଙ୍କୁ ଭୋଜନ କରାଇଲେ। ସେହିଦିନ ଠାରୁ କାର୍ତ୍ତିକ ମାସ ଶୁକ୍ଳ ପକ୍ଷରେ ଅଁଳା ନବମୀ ଦିନ ଅଁଳା ଗଛକୁ ପୂଜା କରାଯାଇଥାଏ ଏବଂ ଅଁଳା ଗଛ ମୂଳରେ ରୋଷେଇ ମଧ ହୋଇଥାଏ। ସେହିଦିନ ଠାରୁ ଏହି ପ୍ରଥା ଚାଲିଆସିଛି।

ଅଁଳା ନବମୀ ପୂଜା ବିଧି :

- ଅଁଳା ନବମୀ ଦିନ ସର୍ବ ପ୍ରଥମେ ଭୋରରୁ ଉଠି ସ୍ନାନ ଆଦି କରାଯାଏ, କୌଣସି ପବିତ୍ର ନଦୀରେ ଗାଧୋଇଲେ ଶୁଭ ବୋଲି କୁହାଯାଏ।
- ଏହାପରେ ଅଁଳା ଗଛ ମୂଳରେ କ୍ଷୀର, ଅକ୍ଷତ, ଧୂପ-ପୁଷ୍ପ ଆଦି ଅର୍ପଣ କରାଯାଏ।
- ଏହାପରେ ବିଧି ପୂର୍ବକ ଅଁଳା ଗଛକୁ ପୂଜା କରାଯାଏ।
- ପୂଜା ପରେ ଗଛର ୭ଥର ପରିକ୍ରମା କରିବା ଉଚିତ।
- ପରିକ୍ରମା ପରେ ଦୀପ ଜାଳି ଅଁଳା ନବମୀ କଥା ଶୁଣିବା ଉଚିତ।

**ଅଁଳା ଫଳ ଖାଇଲେ ମଧ ମିଳିଥାଏ ଭଗବାନ ବିଷ୍ଣୁଙ୍କ ଆଶୀର୍ବାଦ :** ପୁରାଣ କଥା ଅନୁସାରେ ଅଁଳା ଫଳ ଖାଇଲେ ମଧ ଭଗବାନ ବିଷ୍ଣୁଙ୍କ କୃପା ପ୍ରାପ୍ତ ହୋଇଥାଏ। ଅଁଳାର ଅନେକ ଗୁଣ ରହିଛି। ଏହାର ଅନେକ ସ୍ୱାସ୍ଥ୍ୟଗତ ଲାଭ ରହିଛି। ଅଁଳା ରସ ସେବନ ସ୍ୱାସ୍ଥ୍ୟ ପାଇଁ ହିତକର। ଅଁଳା ରସ ସେବନ କଲେ ଧର୍ମ ସ୍ଥାପନା ହୋଇଥାଏ ବୋଲି ପୁରାଣରେ କୁହାଯାଇଛି। ଅଁଳା ଜଳରେ ସ୍ନାନ କଲେ ଗରିବୀ ଦୂର ହୋଇଥାଏ ଏବଂ ସୁଖ ପ୍ରାପ୍ତ ହୋଇଥାଏ। ହିନ୍ଦୁ ଧର୍ମ ଶାସ୍ତ୍ରରେ ଆଉ ଏକ ବିଶ୍ୱାସ ରହିଛି ଯେ ଯେଉଁଠାରେ ଅଁଳା ଗଛ ଥାଏ ସେଠାରେ ଭଗବାନ ବିଷ୍ଣୁ ବାସ କରନ୍ତି। ଅଁଳା ନବମୀର ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଅଁଳା ନବମୀ ଦିନ ଅଁଳା ଗଛକୁ ପୂଜା କରାଯାଇଥାଏ, ସେଥିପାଇଁ ଏହି ଦିନ ଅଁଳା ସେବନ କରିବା ଉଚିତ ନୁହେଁ।

## ବିଶେଷ ସଘନ ସଂଶୋଧନ ପ୍ରସ୍ତୁତି ପାଇଁ ନିର୍ବାଚନ ଅଧିକାରୀଙ୍କ ସମ୍ମିଳନୀ ଶେଷ

**ଭୁବନେଶ୍ୱର,୨୫।୧୦ (ମହାଭାରତ):** ଭାରତ ନିର୍ବାଚନ ଆୟୋଗର ଦୁଇ ଦିନିଆ ମୁଖ୍ୟ ନିର୍ବାଚନ ଅଧିକାରୀ ସମ୍ମିଳନୀ ଗୁରୁବାର ନୂଆଦିଲ୍ଲୀର ଇଣ୍ଡିଆ ଇଂଟରନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଫର୍ ଡେମୋକ୍ରାସି ଆଣ୍ଡ ଇଲେକ୍ଟୋରାଲ୍ ମ୍ୟାନେଜମେଂଟରେ ସମାପ୍ତ ହୋଇଛି । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ନିର୍ବାଚନ କମିଶନର ଡକ୍ଟର ସୁଖବୀର ସିଂହ ସାନ୍ଧୁ, ଡକ୍ଟର ବିବେକ ଜୋଶୀଙ୍କ ସମେତ ଦେଶର ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀ, ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶା ଆର ଏସ ଗୋପାଳନ , ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ ମିଶ୍ର, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡ଼ଃ ଲକ୍ଷ୍ମୀପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ନିର୍ବାଚନ ଆୟୋଗ ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ସେମାନଙ୍କ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶରେ ବିଶେଷ ସଘନ ସଂଶୋଧନ ପାଇଁ ସେମାନଙ୍କର ପ୍ରସ୍ତୁତିକୁ ଚୂଡ଼ାନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆୟୋଗର ବରିଷ୍ଠ ଅଧିକାରୀଙ୍କ ଏସଆଇଆର ପ୍ରକ୍ରିୟା ଉପରେ ଉପସ୍ଥାପନା ପରେ, ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କ ଦ୍ୱାରା ଉଠାଯାଇଥିବା ବିଭିନ୍ନ ପ୍ରଶ୍ନର ଉତର ଏହି ସମ୍ମିଳନୀରେ ରଖାଯାଇଥିଲା। ରାଜ୍ୟ/କେନ୍ଦ୍ରଶାସିତ ଅଂଚଳରେ ବିଗତ ଏସଆଇଆର ଅନୁଯାୟୀ ବର୍ତମାନର ଭୋଟରମାନଙ୍କୁ ପୂର୍ବ ଭୋଟରମାନଙ୍କ ଅନୁସାରେ ମାନଚିତ୍ରଣ କରିବା ପାଇଁ ପୂର୍ବରୁ ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ଦିଆଯାଇଥିବା ନିର୍ଦ୍ଦେଶ ଉପରେ ହୋଇଥିବା ଅଗ୍ରଗତିକୁ ଆୟୋଗ ମୂଲ୍ୟାଙ୍କନ କରିଥିଲେ।

## ‘ବିହନ ହବ’ରେ ପରିଣତ ହେବ ଓଡ଼ିଶା




**ଭୁବନେଶ୍ୱର,୨୫।୧୦ (ମହାଭାରତ):** ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧକ୍ଷତାରେ ସଘନ କୃଷି କାର୍ଯ୍ୟକ୍ରମ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ବିଲୁପ୍ତପ୍ରାୟ ଖାଦ୍ୟର ପୁନରୁଦ୍ଧାର ବିଷୟରେ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭର ହେବା ଆହ୍ୱାନରେ ଅନୁପ୍ରାଣିତ ହୋଇ ଡାଲି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ପାଇଁ ଓଡ଼ିଶା କ୍ଲଷ୍ଟର ପଦ୍ଧତି ମାଧ୍ୟମରେ ରାଜ୍ୟରେ ହରଡ଼, କଳା ଚଣା ଏବଂ ଅନ୍ୟାନ୍ୟ ଡାଲି ଜାତୀୟ ଫସଲ ଚାଷକୁ ପ୍ରୋତ୍ସାହିତ କରିବାକୁ ନିଷ୍ପତ୍ତି ନେଇଛି।

ଆଇସିଆରଆଇଏସଏଟି ଦ୍ୱାରା ବିକଶିତ ଆଇସିପିଭି ୨୫୪୪୪ ନାମକ ଏକ ହରଡ଼ ପ୍ରଜାତି, ଯାହା ସବୁ ଋତୁରେ ଚାଷ କରାଯାଇପାରିବ, ଏହା ୪୫ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ତୀବ୍ର ଉତାପ ସହନଶୀଳ ଏବଂ ୧୨୦ ଦିନ ସମୟ ମଧ୍ୟରେ ଉତ୍ପାଦନ କରାଯାଇପାରିବା ଭଳି ପ୍ରଜାତି ବିକଶିତ ହୋଇଛି। ଡାଲି କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ପରିପ୍ରେକ୍ଷୀରେ ଏହି କିସମ ଏକ ଯୁଗାନ୍ତକାରୀ ପରିବର୍ତକ ହୋଇପାରିବ।

ଉପମୁଖ୍ୟମନ୍ତ୍ରୀ ଉପରୋକ୍ତ ବିକଶିତ ହରଡ଼ କିସମ ସହିତ ଡଙ୍ଗରରାଣୀ ଏବଂ କାନ୍ଦୁଲ ଭଳି ପାରମ୍ପରିକ କିସମ ମଧ୍ୟ ଚାଷ କରିବାକୁ ପରାମର୍ଶ ଦେଇଛନ୍ତି, ଯାହା ଏବେ ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ ଦ୍ୱାରା ବିଲୁପ୍ତ ପ୍ରାୟ କିସମ ବର୍ଗରେ ଆସୁଅଛି। ଡାଲିରେ ଆତ୍ମନିର୍ଭର ଅଧୀନରେ ଓଡ଼ିଶା ଏକ ‘ବିହନ କେନ୍ଦ୍ର’ ହେବା ଉଚିତ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି।

## ଭିଡିଓ କନଫରେନ୍ସିଂରେ ମାନବାଧିକାର କମିଶନଙ୍କ ଶୁଣାଣି

**ଭୁବନେଶ୍ୱର,୨୫।୧୦ (ମହାଭାରତ):** ଓଡ଼ିଶା ମାନବାଧିକାର କମିଶନ, ଭୁବନେଶ୍ୱରଙ୍କ ସମସ୍ତ ବେଞ୍ଚମାନଙ୍କ ଦ୍ୱାରା ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶୁଣାଣି ସୁଚାରୁ ରୂପେ ସମ୍ପାଦନ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି ପ୍ରକ୍ରିୟାକୁ ଏକୀକୃତ ଏବଂ ସୁବ୍ୟବସ୍ଥିତ କରିବା ପାଇଁ କମିଶନ ନିୟମ ଓ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଆସନ୍ତା ୨୭ ତାରିଖ ସୋମବାର ଠାରୁ ଏହି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶୁଣାଣି କାର୍ଯ୍ୟକାରୀ କରାଯିବ।

କମିଶନଙ୍କ ସମସ୍ତ ବେଂଚ “ଗୁଗୁଲ ମିଟ” ପ୍ଲାଟଫର୍ମ ମାଧ୍ୟମରେ ଭିଡିଓ କନଫରେନ୍ସିଂ ମୋଡ୍ ସହିତ ଫିଜିକାଲ୍ ମୋଡ୍ ରେ କାର୍ଯ୍ୟ ସଂପାଦନ କରିବେ। ଯେଉଁ ପକ୍ଷ/ ପରାମର୍ଶଦାତା ମାନେ ଦୂରଦୂରାନ୍ତରୁ ଭର୍ଚୁଆଲ୍ ମୋଡ୍ ରେ ଉପସ୍ଥିତ ହେବାକୁ ଇଚ୍ଛୁକ, ସେମାନେ ଅଭିଯୋଗକାରୀଙ୍କ ନାମ, ମାମଲା ନମ୍ବର, ବେଂଚ ନାମ ଏବଂ ଭିସି ମାଧ୍ୟମରେ ହାଜର ହେବାକୁ ଇଚ୍ଛୁକ ବ୍ୟକ୍ତିଙ୍କ ବିବରଣୀ ଫର୍ମ ଭରି ଶୁଣାଣି ପୂର୍ବ ତାରିଖ ଅପରାହ୍ଣ ୪ଟା ସୁଦ୍ଧା କମିଶନଙ୍କ ଇମେଲ୍ ରେ ପଠାଇବା ଆବଶ୍ୟକ। ଶୁଣାଣି ଦିନ ପଠାଯାଇଥିବା କୌଣସି ଇ ମେଲ ଅନୁରୋଧକୁ ଗ୍ରହଣ କରାଯିବ ନାହିଁ ବୋଲି କମିଶନ ସ୍ପଷ୍ଟ କରିଛନ୍ତି। ସମସ୍ତ ମାମଲା ସୂଚୀବଦ୍ଧ ଥିବା କ୍ରମିକ ସଂଖ୍ୟା ଅନୁଯାୟୀ ବିଚାର କରାଯିବ। ପକ୍ଷ ଓ ଓକିଲମାନେ ଶୁଣାଣି ଦିନ ସକାଳ ୧୧ ଟାରୁ କମିଶନଙ୍କ ୱେବସାଇଟ୍ ରେ ଭିଡିଓ ଲିଙ୍କ ଏବଂ ସମୟ ଦେଖିପାରିବେ। ନିର୍ଦ୍ଦିଷ୍ଟ ସମୟର ୫ ମିନିଟ୍ ପୂର୍ବରୁ ଭିଡିଓ କନଫରେନ୍ସିଂରେ ଯୋଗଦେବାକୁ ପଡିବ। ସମସ୍ତ ପକ୍ଷ ଓ ଅଂଶଗ୍ରହଣକାରୀମାନେ ଭିଡିଓ କନଫରେନ୍ସିଂ ସମୟରେ ଯଥୋଚିତ ସୌଜନ୍ୟ ଓ ମର୍ଯ୍ୟାଦା ଅନୁସରଣ କରିବେ। କୌଣସି ବ୍ୟକ୍ତି କିମ୍ବା ସଂସ୍ଥାଙ୍କ ଦ୍ୱାରା ଅନଧିକୃତ ଅଡିଓ କିମ୍ବା ଭିଡିଓ ରେକର୍ଡିଂ କରାଯିବ ନାହିଁ। ଅଂଶଗ୍ରହଣକାରୀମାନେ ମର୍ଯ୍ୟାଦା ସହିତ ସଂଯମ ପୋଷାକ ପିନ୍ଧିବେ। ପୋଲିସ ଅଧିକାରୀମାନେ ନିର୍ଦ୍ଧାରିତ ଆଇନ ଓ ନିୟମ ଅନୁଯାୟୀ ସରକାରୀ ୟୁନିଫର୍ମରେ ଉପସ୍ଥିତ ହେବେ। ଭିଡିଓ କନଫରେନ୍ସିଂ ସମୟରେ ଯଦି କୌଣସି ଅନାବଶ୍ୟକ ବିଶୃଙ୍ଖଳା ସୃଷ୍ଟି ହୁଏ, ତେବେ ଅଧକ୍ଷ ବିଚାରପତିଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟଧାରାକୁ ହଠାତ ବନ୍ଦ କରାଯାଇପାରେ। ସମସ୍ତ ଅଂଶଗ୍ରହଣକାରୀ କ୍ୟାମେରା ସମ୍ମୁଖରେ ସତର୍କ ଭାବେ ଉପସ୍ଥିତ ହେବେ ଏବଂ ଶୁଣାଣି ସମୟରେ ଅନ୍ୟ କୌଣସି କାର୍ଯ୍ୟକଳାପରେ ନିୟୋଜିତ ହେବେ ନାହିଁ। ଭିଡିଓ କନଫରେନ୍ସିଂ ସମ୍ବନ୍ଧୀୟ ଯେକୌଣସି ପ୍ରାକୃତିକ ସମସ୍ୟା ପାଇଁ ଭିସି ସଂଯୋଜକ ମୋବାଇଲ ନମ୍ବର ୭୬୫୬୮୪୯୬୦୩ ରେ ସମ୍ପର୍କ କରିବାକୁ କମିଶନ ଜଣାଇଛନ୍ତି।ଓଡ଼ିଶା ମାନବାଧିକାର କମିଶନ ସମସ୍ତ ପକ୍ଷ ଓ ସାଧାରଣ ଜନସାଧାରଣଙ୍କୁ ଉପରୋକ୍ତ ନିୟମ ଅନୁସରଣ ପୂର୍ବକ ସହଯୋଗ ଦେବା ପାଇଁ ଅନୁରୋଧ କରିଛନ୍ତି।

## ୨୭ ଜିଲ୍ଲାରେ ସାଇବର ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୫।୧୦ (ମହାଭାରତ):** ରାଜ୍ୟରେ ସାଇବର ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଓଡ଼ିଶା ସାଇବର ସୁରକ୍ଷା ଅଭିଯାନ - ୨୦୨୫ ବେଶ୍ ସଫଳତାର ସହ ଆଗକୁ ବଢୁଛି। ଗତ ଅକ୍ଟୋବର ୧୮, ୨୦୨୫ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଏହି ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ଏଥିରେ ୧୬ଟି ସାଇବର ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା। ଏହି ଅଭିଯାନ ଓଡ଼ିଶାର ସମସ୍ତ ୩୪ଟି ପୋଲିସ୍ ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି, ଯାହା ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଉଭୟକୁ ସାମିଲ କରାଯାଇଛି। ଏପର୍ଯ୍ୟନ୍ତ ରାଜ୍ୟର ୨୭ଟି ଜିଲ୍ଲାରେ ମୋଟ ୨୦୨ଟି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ରାଲି, ସେମିନାର, କର୍ମଶାଳା ଏବଂ ସାଧାରଣ ସଭା ସମେତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ୬୩,୬୯୨ରୁ ଅଧିକ ନାଗରିକ ଅଂଶଗ୍ରହଣ କରିଛନ୍ତି। ବିଭିନ୍ନ ଜିଲ୍ଲାମାନଙ୍କରେ ୩୭ଟି ଉଦଘାଟନୀ ସମାରୋହ ଏବଂ ୧୧ଟି ସାଇବର ରଥ ସଚେତନତା ଡ୍ରାଇଭ୍ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ସର୍ବସାଧାରଣ ସ୍ଥାନରେ ସଚେତନତା ଅଧିବେଶନ କରାଯାଇଛି।ଏଥି ସହିତ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ପାମ୍ପଲେଟ୍ ବଣ୍ଟନ କରାଯାଇଛି ଏବଂ ଏଲଇଡି ପ୍ୟାନେଲ୍ ମାଧ୍ୟମରେ ସାଇବର ସୁରକ୍ଷା ଭିଡିଓ ପ୍ରଦର୍ଶିତ ହେଉଛି। ରାୟଗଡା ଜିଲ୍ଲା ସାଇବର ସଚେତନତା ପ୍ରସାର ପାଇଁ ଏକ ‘ସାଇବର ମ୍ୟୁଜିୟମ’ ର ବ୍ୟବସ୍ଥା କରିଛି। ଅନୁଗୁଳ ଜିଲ୍ଲା ସାଇବର ସୁରକ୍ଷା ସଚେତନତା ଅବସରରେ ଏକ “ହଜିଯାଇଥିବା ମୋବାଇଲ୍ ଫୋନ୍ ପ୍ରତ୍ୟର୍ପଣ ମେଳା” ଆୟୋଜନ କରି ୧୦୧ଟି ହଜିଯାଇଥିବା ମୋବାଇଲ୍ ଫୋନକୁ ସେମାନଙ୍କ ମାଲିକଙ୍କୁ ହସ୍ତାନ୍ତର କରିଛି। ସର୍ବାଧିକ ଅଂଶଗ୍ରହଣକାରୀ ଜିଲ୍ଲା ମାନଙ୍କ ମଧ୍ୟରେ ବାଲେଶ୍ୱରରେ ୮,୨୦୦ ଅଂଶଗ୍ରହଣକାରୀ, ସୁନ୍ଦରଗଡ଼ରେ ୬,୬୧୬ ଜଣ, କଳାହାଣ୍ଡିରେ ୬,୨୩୫ ଜଣ, ବରଗଡ଼ରେ ୬,୧୫୦ ଜଣ ଏବଂ କନ୍ଧମାଳରେ ୬,୦୮୦ ଜଣ ନାଗରିକ ଅଂଶଗ୍ରହଣ କରିଥିଲେ।

## ଡିସେମ୍ବର ୬-୭ରେ ଗ୍ଲୋବାଲ ଏନର୍ଜି ଲିଡ଼ର୍ସ ସମ୍ମିଳନୀ




**ଭୁବନେଶ୍ୱର,୨୫।୧୦ (ମହାଭାରତ):** ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ ଓ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆସନ୍ତା ଡିସେମ୍ବର ମାସ ୬-୭ ରେ ଓଡ଼ିଶାରେ ଆୟୋଜିତ ହେବାକୁ ଯାଉଛି ଗ୍ଲୋବାଲ ଏନର୍ଜି ଲିଡ଼ର୍ସ ସମ୍ମିଳନୀ। ଏଥିରେ ଦେଶ ବିଦେଶରୁ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ। ଏମାନଙ୍କ ମଧ୍ୟରେ ୟୁକେ ର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର, ଫିନଲ୍ୟାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଟିବିଆଇର ଷ୍ଟ୍ରେଟେଜିକ୍ କାଉନସେଲର୍ ସନା ମରିନ, ୟୁଏଇ, ସିଙ୍ଗାପୁର, ଭୁଟାନର ଶକ୍ତି ମନ୍ତ୍ରୀ ପ୍ରମୁଖ ଯୋଗଦେବା ଯୋଜନା ରହିଛି। ଏହି ସମ୍ମିଳନୀରେ ଭାରତର ସମସ୍ତ ରାଜ୍ୟର ଶକ୍ତିମନ୍ତ୍ରୀ ମାନେ ଯୋଗଦେବେ ଏବଂ ଅଧିବେଶନକୁ ସମ୍ବୋଧିତ ମଧ୍ୟ କରିବେ। ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀ ଭାରତର ଶକ୍ତି କ୍ଷେତ୍ରରେ ନିବେଶ ତଥା ପ୍ରୋତ୍ସାହନ ନିମନ୍ତେ ଏକ ସୁନ୍ଦର ପ୍ଲାଟଫର୍ମ ଯୋଗାଇ ଦେବ ଏବଂ ପରିବେଶ ସହିତ ଅର୍ଥନୀତିର ସାମଞ୍ଜସ୍ୟ ରଖି ଉତ୍କୃଷ୍ଟ ଓଡିଶା ଗଠନ ଦିଗରେ ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ସମ୍ମିଳନୀରେ ବିଭିନ୍ନ ଅଧିବେଶନ ରହିଛି। ଏଥିରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଦର୍ଶନ ମଧ୍ୟ ହେବ। ବୈଠକରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ସିଏମଡି, ଓପିଟିସିଏଲ ଭାସ୍କର ଜ୍ୟୋତି ଶର୍ମା, ଏମଡ଼ି ଗ୍ରୀଡ଼କୋ ସତ୍ୟପ୍ରିୟ ରଥ, ଟିବିଆଇ ପକ୍ଷରୁ ବିବେକ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ସମର୍ଥକଙ୍କ ସହ ବିଜେପିରେ ମିଶିଲେ ଆଦିବାସୀ ନେତା

**ଭୁବନେଶ୍ୱର,୨୫।୧୦ (ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବଢ଼ିଚାଲିଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିକଶିତ ଭାରତ ଗଠନ ପାଇଁ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହାକୁ ପୂରଣ କରିବା ପାଇଁ ବିଜେପିରେ ନୂତନ କାର୍ଯ୍ୟକର୍ତାଙ୍କ ଯୋଗଦାନ ବଢ଼ିବାରେ ଲାଗିଛି। ନୂଆପଡା ଉପନିର୍ବାଚନରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳୁଛି । ଆଜି ନୂଆପଡାରେ ଅନୁଷ୍ଠିତ ଏକ ବଡ ମିଶ୍ରଣ ପର୍ବରେ ବିଶିଷ୍ଟ ଓ ବରିଷ୍ଠ ଆଦିବାସୀ ନେତା ଭୁଜବଳ ଅଡବାଙ୍ଗ ନିଜ ଶତାଧିକ ସମର୍ଥକଙ୍କ ଗହଣରେ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି। ଏହି ଅବସରରେ ସୁନାମଧନ୍ୟ ଆଇନଜୀବି ତଥା ଆଦିବାସୀ ନେତା ଆଡଭୋକେଟ ଘାସିରାମ ବାଗ, ଆଡଭୋକେଟ ଗୋପାଳ ସାମନ୍ତ, ଆଡଭୋକେଟ ପୂର୍ଣ୍ଣଚନ୍ଦ୍ର ସାହୁ, ଅଶୋକ ଦେବଗାନ ପ୍ରମୁଖ ବିଜେପିରେ ଯୋଗଦାନ କରିଛନ୍ତି । ଶ୍ରୀ ଅଡବାଙ୍ଗ ଗତ ୨୦୨୪ ସାଧାରଣ ନିର୍ବାଚନରେ ନୂଆପଡା ବିଧାନସଭା ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଛିଡା ହୋଇ ପାଖାପାଖି ୬ ହଜାର ଭୋଟ ପାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ଉପରେ ନୂଆପଡାବାସୀ ପୂର୍ଣ୍ଣ ଆସ୍ଥା ପ୍ରକଟ କରିଛନ୍ତି। ବିଶେଷ ଭାବେ ମୁଖ୍ୟମନ୍ତ୍ରୀ ନିଜେ ଜଣେ ଆଦିବାସୀ ଏବଂ ତାଙ୍କର ନୂଆପଡା ଜିଲ୍ଲା ପ୍ରତି ଭଲ ପାଇବା ଓ ନୂଆପଡା ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା ଆମ ସମସ୍ତଙ୍କୁ ପ୍ରଭାବିତ କରିଛି।




ଏହି ଅବସରରେ ରାଜ୍ୟ ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଡ.ମୁକେଶ ମହାଲିଙ୍ଗ, ସାଂସଦ ଅନନ୍ତ ନାୟକ, ପ୍ରଦୀପ ପୁରୋହିତ, ସୁଜିତ କୁମାର, ରବିନାରାୟଣ ବେହେରା, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ଅଭିନନ୍ଦନ ପଣ୍ଡା ଉପସ୍ଥିତ ରହି ନୂତନ ସଦସ୍ୟଙ୍କୁ ଦଳୀୟ ଟୋପି ଉତରୀୟ ପିନ୍ଧାଇ ସ୍ୱାଗତ କରିଛନ୍ତି।

## ସିବିସି ଓ ପିଆଇବି ପକ୍ଷରୁ ଦୁର୍ନୀତି ନିବାରଣ କର୍ମଶାଳା

**ଭୁବନେଶ୍ୱର,୨୫।୧୦ (ମହାଭାରତ):** ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଞ୍ଚାରବ୍ୟୁରୋ (ସିବିସି) ଏବଂ ପତ୍ରସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପକ୍ଷରୁ ଦୁର୍ନୀତି ନିବାରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ‘‘ଦୁର୍ନୀତି ନିବାରଣ: ଆମର ସହଭାଗୀ ଉତ୍ତର ଦାୟିତ୍ୱ’’ ବିଷୟ ବସ୍ତୁକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛତା, ପାରଦର୍ଶିତା ଏବଂ ନୈତିକ ପ୍ରଶାସନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ସିବିସି ଓ ପିଆଇବି ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର କର୍ମଶାଳାରେ ଅଧକ୍ଷତା କରିଥିଲେ। ଭୁବନେଶ୍ୱର ସିଜିଏସଟି ଯୁଗ୍ମଆୟୁକ୍ତ ଡ. କଲ୍ୟାଣ ଚକ୍ରବର୍ତ୍ତୀ ବିଶିଷ୍ଟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏସସିବି ମେଡ଼ିକାଲ କଲେଜ ହୃଦରୋଗ ବିଭାଗ ଅତିରିକ୍ତ ପ୍ରାଧ୍ୟାପକ ଡାକ୍ତର ଦୀପକ ଦାସ, ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ସମାଚାର ବିଭାଗ ମୁଖ୍ୟ ଡକ୍ଟର ଅଭିଷେକ ମିଶ୍ରା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏଡିଜି ଶ୍ରୀ ମିଶ୍ର କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସାର୍ବଜନୀନ ଜୀବନରେ ଦୁର୍ନୀତି ନିବାରଣ ଏବଂ




ବିଶ୍ୱସନୀୟତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ଆତ୍ମ-ଶୃଙ୍ଖଳା ଏବଂ ଇଚ୍ଛାଠାରୁ କର୍ତ୍ତବ୍ୟକୁ ଉଚ୍ଚସ୍ଥାନ ଦେବାର ସାହସ ସହିତ ପ୍ରକୃତରେ ଦୁର୍ନୀତି ନିବାରଣ ସତର୍କତା ଆରମ୍ଭ ହୋଇଥାଏ। ଦଳଗତ କାର୍ଯ୍ୟର ଶକ୍ତି ଉପରେ ଆଲୋକପାତ କରି ସେ ଉଲ୍ଲେଖ କରିଥିଲେ ଯେ ସହଯୋଗ ଏବଂ ବିଶ୍ୱାସ ସାଂଗଠନିକ ଉତ୍କର୍ଷତାକୁ ଆଗେଇ ନେଇଥାଏ। ଚରିତ୍ର ଏବଂ ପ୍ରଶାସନ ଉଭୟକୁ ସୁଦୃଢ଼ କରିବା ଲାଗି ସେ ବିଶ୍ୱସ୍ତତା, ସମର୍ପଣ ଏବଂ କ୍ଷମା ଉପରେ ଗୁରୁତ୍ୱାରୋପ କରିଥିଲେ। ଭୁବନେଶ୍ୱରର ସିଜିଏସଟିର ଯୁଗ୍ମଆୟୁକ୍ତ ଡି. କଲ୍ୟାଣଚକ୍ରବର୍ତ୍ତୀ ସ୍ୱଷ୍ଟତା ଏବଂ ସୁଶାସନ ପାଇଁ ଦୁର୍ନୀତି ନିବାରଣ ସତର୍କତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଆଲୋକପାତ କରିଥିଲେ। ସେ କହିଥିଲେ, ଦୁର୍ନୀତି କେବଳ ଏକ ନୈତିକ ବିଭ୍ରାଟ ନୁହେଁ ବରଂ ଏକ ଆର୍ଥିକ ବିପଦ ଯାହା ଅଭିବୃଦ୍ଧିକୁ ଦୁର୍ବଳ କରିଥାଏ। ଡାକ୍ତର ଦୀପକ ଦାସ ବୃତ୍ତିଗତ ଜୀବନରେ ନୈତିକତା ଏବଂ ମାନସିକ ସୁସ୍ଥତା ମଧ୍ୟରେ ସମ୍ପର୍କ ବିଷୟରେ କହିଥିଲେ। ଡକ୍ଟର ଅଭିଷେକ ମିଶ୍ରା ନୈତିକତାପୂର୍ଣ୍ଣ ପ୍ରଶାସନ ଉପରେ ମତରଖି କହିଥିଲେ, ଦୁର୍ନୀତି ନିବାରଣ ପ୍ରତିସତର୍କତା ଆତ୍ମ-ସଚେତନତା ଏବଂ ବ୍ୟକ୍ତିଗତ ଦାୟିତ୍ୱରୁ ଆରମ୍ଭହୁଏ। ସେ କହିଥିଲେ ଯେ ପ୍ରକୃତ ସଙ୍କୋଚତା ନିୟମ ନୁହେଁ, ଆଭ୍ୟନ୍ତରୀଣ ଶୃଙ୍ଖଳାରୁ ଉତ୍ପନ୍ନ ହୁଏ। ସିବିସିର ସହକାରୀ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ ସମ୍ମାନିତ ଅତିଥି ଏବଂ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିଥିଲେ। ଏବଂକାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ। ସିବିସି ଭୁବନେଶ୍ୱରର କ୍ଷେତ୍ରପ୍ରଚାର ଅଧିକାରୀ ଶ୍ରୀମତୀ ସସ୍ମିତା ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।


## ସୈନିକ ସ୍କୁଲ ନାମଲେଖା ପାଇଁ ଅନଲାଇନ ଆବେଦନ

**ଭୁବନେଶ୍ୱର,୨୫।୧୦ (ମହାଭାରତ):** ୨୦୨୬-୨୭ ଶିକ୍ଷା ବର୍ଷ ଲାଗି ଭୁବନେଶ୍ୱର ସୈନିକ ସ୍କୁଲରେ ନାମ ଲେଖାଇବା ନିମନ୍ତେ ପ୍ରବେଶିକା ପରୀକ୍ଷାରେ ଅଂଶଗ୍ରହଣ କରିବା ଲାଗି ୧୦ ଅକ୍ଟୋବର ଠାରୁ ଅନଲାଇନ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆବେଦନର ଶେଷ ତାରିଖ ୩୦ ଅକ୍ଟୋବର ଧାର୍ଯ୍ୟ କରାଯାଇଥିବା ବେଳେ ୨ ନଭେମ୍ବରରୁ ୪ ନଭେମ୍ବର ମଧ୍ୟରେ ଆବେଦନ ସଂଶୋଧନ କରାଯାଇପାରିବ। ପ୍ରବେଶିକା ପରୀକ୍ଷା ନିମନ୍ତେ ଆବେଦନ ଶୁଳ୍କ ଆସନ୍ତା ୩୧ ଅକ୍ଟୋବର ସୁଦ୍ଧା ଜମା କରାଯିବା ଆବଶ୍ୟକ। ସାଧାରଣ, ଓବିସି, ପ୍ରତିରକ୍ଷା କର୍ମଚାରୀଙ୍କ ପିଲାମାନଙ୍କ ନିମନ୍ତେ ୮୫୦ ଟଙ୍କା ଏବଂ ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କ ନିମନ୍ତେ ୭୦୦ ଟଙ୍କା ପରୀକ୍ଷା ଶୁଳ୍କ ଧାର୍ଯ୍ୟ କରାଯାଇଛି।

ରାଷ୍ଟ୍ରୀୟ ପରୀକ୍ଷା ଏଜେନ୍ସି ଦ୍ୱାରା ଆସନ୍ତା ବର୍ଷ ଜାନୁଆରୀ ମାସରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ ଏବଂ ପରୀକ୍ଷାର ତାରିଖ ଓ ଆଡମିଟ କାର୍ଡ ଡାଉନଲୋଡ୍ ସମ୍ପର୍କରେ ଏନଟିଏ ୱେବସାଇଟରେ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ। ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ନିମନ୍ତେ ଇଂରାଜୀ, ହିନ୍ଦୀ କିମ୍ବା ଅନ୍ୟ ମାନ୍ୟତାପ୍ରାପ୍ତ ଆଞ୍ଚଳିକ ଭାଷାରେ ପରୀକ୍ଷା ଆୟୋଜନ କରାଯିବ। ଭାଷା, ଗଣିତ, ବୌଦ୍ଧିକ ଜ୍ଞାନ, ସାଧାରଣ ଜ୍ଞାନ ଆଦି ଚାରୋଟି ବିଷୟକୁ ନେଇ ମୋଟ୍ ୩୦୦ ନମ୍ବରର ପରୀକ୍ଷା ହେବ। ଓଡ଼ିଶାର ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, ଢେଙ୍କାନାଳ, କଳାହାଣ୍ଡି, କୋରାପୁଟ, ରାଉରକେଲା ଓ ସମ୍ବଲପୁରରେ ପରୀକ୍ଷା କେନ୍ଦ୍ର ଆୟୋଜନ କରାଯିବ। ଏଥିପାଇଁ ଇଚ୍ଛୁକ ପ୍ରାର୍ଥୀ ଓ ଅଭିଭାବକମାନେ ଏନଟିଏ ୱେବସାଇଟ୍:https:// exams.nta.nic.in/sainik-school-society/ Gaõ https:/ /nta.ac.in/ ଆବେଦନ କରିପାରିବେ। ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ଆବେଦନ କରିବାକୁ ଚାହୁଁଥିବା ଛାତ୍ରଛାତ୍ରୀଙ୍କ ବୟସ ୧୦ରୁ ୧୨ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ଏବଂ ସେମାନେ ୧ ଏପ୍ରିଲ ୨୦୧୪ରୁ ୩୧ ମାର୍ଚ୍ଚ ୨୦୧୬ ମଧ୍ୟରେ ଜନ୍ମ ନେଇଥିବା ଉଚିତ। ଏଠାରେ ପାଠପାଠ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ସହିତ ଭାରତ ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ଛାତ୍ରବୃତ୍ତି ବ୍ୟବସ୍ଥା ମଧ୍ୟ ରହିଛି।

## ରାଜ୍ୟବ୍ୟାପୀ କଂଗ୍ରେସର ବିକ୍ଷୋଭ

**ଭୁବନେଶ୍ୱର,୨୫।୧୦ (ମହାଭାରତ):** ଆସନ୍ତା ନଭେମ୍ବର ୧୧ ତାରିଖରେ ହେବାକୁ ଥିବା ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ଆଗୁଆ ଥିବା ଜାଣି ନିନ୍ଦୁକମାନେ



ଜନମତକୁ ବିଭ୍ରାନ୍ତ କରିବାରେ ଲାଗିପଡ଼ିଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସ, ତାଙ୍କ ପୁତ୍ର ଭବାନୀପାଟଣା ବିଧାୟକ ସାଗର ଚରଣ ଦାସ ଓ ଏପରିକି କଂଗ୍ରେସ ଦଳକୁ ବଦନାମ କରିବା ପାଇଁ ମନଗଢ଼ା କାହାଣୀମାନ ପ୍ରଚାର କରିଚାଲିଛନ୍ତି। ଅତ୍ୟନ୍ତ ନିମ୍ନ ରୁଚିର ଭାଷା ମଧ୍ୟ ପ୍ରୟୋଗ କରିଚାଲିଛନ୍ତି। ଏ ସବୁ ଶାସକ ଦଳକୁ ସୁହାଉଥିବାରୁ ସ୍ୱଚ୍ଛ ନିର୍ବାଚନର ଦ୍ୱାହି ଦେଉଥିବା ନିର୍ବାଚନ ଅଧିକାରୀ ଓ ସାଇବର-ଅପରାଧ ସଂସ୍ଥାମାନ ସବୁ ଜାଣି ନ ଜାଣିଲା ପରି ରହୁଥିବାରୁ ରାଜ୍ୟର କଂଗ୍ରେସ ନେତୃବୃନ୍ଦ ଓ ଅଗଣିତ କର୍ମୀ କ୍ଷୋଭପ୍ରକାଶ କରିବା ସହ ସେଇ ସାଇବର ଅପରାଧୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଗୁରୁବାର ଅପରାହ୍ଣରେ ପିସିସିର ବରିଷ୍ଠ ଆଇନଜୀବୀମାନଙ୍କର ଏକ ପ୍ରତିନିଧି ଦଳ ଭୁବନେଶ୍ୱର ସ୍ଥିତ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଏହି ମର୍ମରେ ଏକ ସ୍ମାରକପତ୍ର ଦାଖଲ କରିଛନ୍ତି। ଅନ୍ୟ ପକ୍ଷରେ ରାଜ୍ୟର ସମସ୍ତ ୩୫ ସାଙ୍ଗଠନିକ ଜିଲ୍ଲାର କଂଗ୍ରେସ ସଭାପତିମାନଙ୍କ ନେତୃତ୍ୱରେ ଶହଶହ କର୍ମୀଙ୍କ ଗହଣରେ ନିଜନିଜ ସଦର ମହକୁମା ସାଇବର ଥାନା ଅଧିକାରୀମାନଙ୍କୁ ଉକ୍ତ ଦୁର୍ବୃତମାନଙ୍କ ଚାନେଲଗୁଡ଼ିକ ତୁରନ୍ତ ବନ୍ଦ କରିବା ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ହତ୍ୟାକାଣ୍ଡକୁ ନେଇ ବିଜେଡ଼ି ରାଜନୀତି କରୁଛି : ବିଜେପି

**ଭୁବନେଶ୍ୱର,୨୫।୧୦ (ମହାଭାରତ):** ଗତ ୬ ତାରିଖ ଦିନ ବ୍ରହ୍ମପୁରରେ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣା ସଂପର୍କରେ ସୁଚନା ଦେଇ ଆଜି ବ୍ରହ୍ମପୁର ଏସପି ଗଣମାଧ୍ୟମ ସମ୍ମୁଖରେ ସଂପୂର୍ଣ୍ଣ ବିବରଣୀ ପ୍ରଦାନ କରିଛନ୍ତି । ଅନ୍ୟ ପଟେ ବିଜୁ ଜନତା ଦଳ ତରଫରୁ ସାମ୍ବାଦିକ ସମ୍ମିଳନୀ କରି ନିଜ ରାଜନୈତିକ ଅପରିପକ୍ୱତାର ପରିଚୟ ପ୍ରଦାନ କରିଛି। ତରବରିଆ ଭାବେ ସାମ୍ବାଦିକ ସମ୍ମିଳନୀ କରି ବିଜେଡି ମୁଖପାତ୍ରମାନେ ଦର୍ଶାଇଛନ୍ତି ଯେ, ମନ୍ଦିର ଭିତରେ କିଏ, ନା ମୁଁ କଦଳୀ ଖାଇ ନାହିଁ । ନିଜ ଦଳର ଅସାମାଜିକ ତତ୍ୱ ତଥା ଅପରାଧିମାନଙ୍କର ସଂପୃକ୍ତି ସମ୍ବନ୍ଧରେ ନିଜ ସଫେଇ ଦେବା ସହିତ ବିଜେଡି ପ୍ରବକ୍ତାମାନେ ଅନେକ ଗମ୍ଭୀର ଆରୋପ କରିଛନ୍ତି, ଯାହା ତାଙ୍କର ସମ୍ପୂର୍ଣ୍ଣ ଅପରିପକ୍ୱତା ଏବଂ ପିଲାଳିଆମିର ପରିଚୟ ବୋଲି ଡ. ମହାନ୍ତି କହିଛନ୍ତି।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡ.ମହାନ୍ତି କହିଛନ୍ତି ଯେ, ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟାକାଣ୍ଡର ରାଜନୀତିକରଣ ହେବା ଅନୁଚିତ। ତଦନ୍ତ ପ୍ରକ୍ରିୟା ଜାରୀ ରହିଛି ଏବଂ ସମସ୍ତେ ଏହି ନ୍ୟାୟର ପ୍ରକ୍ରିୟାରେ ସହଯୋଗ କରିବା ଉଚିତ । ଅସାମାଜିକ ତତ୍ୱ ତଥା ଅପରାଧିଙ୍କ କୌଣସି ଜାତି ବା ଧର୍ମ ନାହିଁ । ଯେଉଁମାନଙ୍କ ସମ୍ପୃକ୍ତି ଅଛି ସେମାନେ ତଦନ୍ତ ପରିସରକୁ ଆସିବେ । ସମସ୍ତ ଦୋଷୀଙ୍କୁ ଧରି ଉପଯୁକ୍ତ ଦଣ୍ଡବିଧାନ କରିବା ହେଉଛି ମୂଳ ଉଦ୍ଦେଶ୍ୟ । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝି ସଠିକ୍



ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଦୋଷୀଙ୍କୁ ଦଣ୍ଡ ମିଳିବା ସୁନିଶ୍ଚିତ ବୋଲି ଡ.ମହାନ୍ତି କହିଛନ୍ତି । ଶାସନରେ ଥିଲାବେଳେ ବିଜୁ ଜନତା ଦଳର ନେତା, ବିଧାୟକ, ମନ୍ତ୍ରୀମାନେ ହତ୍ୟା, ଧର୍ଷଣ, ଅଙ୍ଗ ତସ୍କରୀ ଭଳି ଜଘନ୍ୟ ଅପରାଧରେ ସମ୍ପୃକ୍ତ ଥିଲେ ଏବଂ ଅପରାଧିମାନଙ୍କୁ ସୁରକ୍ଷା ପ୍ରଦାନ କରାଯାଉଥିଲା । ଆଜି ବି ସେ ଅଭ୍ୟାସ ଛାଡି ନାହାନ୍ତି ଏବେ ବି ବିଜେଡି ନେତାମାନେ ରାଜ୍ୟରେ ହତ୍ୟା, ଧର୍ଷଣ ଭଳି ଅପରାଧ ଚଳାଇଛନ୍ତି । ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ପିତବାସ ପଣ୍ଡାଙ୍କ ହତ୍ୟା ହେଉଛି ଏହାର ସଦ୍ୟ ଉଦାହରଣ । ସେମାନେ ମନେ ରଖିବା ଉଚିତ ଯେ, ଗତ ୨୪ ବର୍ଷ ଧରି ଗଞ୍ଜାମ ଜିଲ୍ଲାରେ ଅପରାଧୀମାନଙ୍କ ପ୍ରାଦୁର୍ଭାବ ବଢିଥିଲା । ଅସାମାଜିକ ତତ୍ୱମାନଙ୍କୁ ତତ୍କାଳୀନ ବିଜେଡି ସରକାର ପ୍ରୋତ୍ସାହନ ଦେବା ସହ ରାଜନୀତିରେ ବ୍ୟବହାର କରୁଥିଲେ । ଆଇନଶୃଙ୍ଖଳା କ୍ଷେତ୍ରରେ ଗଞ୍ଜାମ ସବୁବେଳେ ସମ୍ବେଦନଶୀଳ ଜିଲ୍ଲା ହୋଇରହିଥିଲା ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ସେହି ଜିଲ୍ଲାକୁ ପ୍ରତିନିଧିତ୍ୱ କରୁଥିଲେ। ଆଇନଜୀବି ପୀତବାସ ପଣ୍ଡା ହତ୍ୟାକାଣ୍ଡ ପ୍ରସଙ୍ଗରେ ପୋଲିସ ଯାହା କହିଛି ତାହାକୁ ନ୍ୟାୟାଳୟରେ ପ୍ରମାଣ କରିବାକୁ ପଡିବ । ବିଚାର ପରସରକୁ ସମସ୍ତେ ଆସିବେ । ତଦନ୍ତ ସମୟରେ ଗୋଟିଏ ରାଜନୈତିକ ଦଳ ପକ୍ଷରୁ ଏଭଳି ମନ୍ତବ୍ୟ ଅପରିପକ୍ୱତାର ପରିଚୟ ଦେଉଛି । କେବଳ ଅଭିଯୋଗ କଲେ ହେବ ନାହିଁ । ଯାହା ପାଖରେ ଯାହା ସୂଚନା ଓ ତଥ୍ୟ ଅଛି, ତାହା କୋର୍ଟରେ ଦେଇପାରିବେ । ମାତ୍ର ଏଭଳି ପ୍ରଶ୍ନ କରିବା ସମ୍ପୂର୍ଣ୍ଣ ଅପରିପକ୍ୱତା ଏବଂ ପିଲାଳିଆମିର ପରିଚୟ ବୋଲି ଡ. ମହାନ୍ତି କହିଛନ୍ତି ।

## ବାମପନ୍ଥୀଙ୍କ ପ୍ରଭାବ ହ୍ରାସ

ଅଶୀ ଦଶକରେ ତତ୍କାଳୀନ ଜନତା ଦଳ ଏବଂ ବାମପନ୍ଥୀ ମେଣ୍ଟ ହେଉଥିଲା ଏବଂ ଏହା ବେଶ ସଫଳ ମଧ୍ୟ ହେଉଥିଲା। କିନ୍ତୁ ବାମପନ୍ଥୀଙ୍କ ପ୍ରଭାବ ହ୍ରାସ ପରେ ଜନତା ଦଳ ବାମପନ୍ଥୀଙ୍କ ହାତ ଛାଡ଼ିଦେଲା। ଲୋକେ ବି ଏହା ଚାହୁଁଥିଲେ। ସେମାନଙ୍କର ପ୍ରଭାବ ମଧ୍ୟ ସୀମିତ ଥିଲା। ୧୯୯୬ରୁ ରାଜ୍ୟରେ ବିଜେପିର ପ୍ରଭାବ ବୃଦ୍ଧି ପରେ ଅବିଭକ୍ତ ଜନତା ଦଳର ଗୋଟିଏ ଗୋଷ୍ଠୀ ମୂଳ ଜନତା ଦଳରୁ ବାହାରି ବିଜୁ ତନୟ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ନାମରେ ଏକ ନୂତନ ରାଜନୈତିକ ଦଳ ଗଠନ କଲେ ଏବଂ ଏହା ରାଜ୍ୟରେ ବିଜେପି ସହ ମେଣ୍ଟ କରିଥିଲା। ବିଜେଡି-ବିଜେପି ମେଣ୍ଟ ଓଡ଼ିଶାରେ କଂଗ୍ରେସକୁ ମୂଳପୋଛ କରିଦେଲା। ଏହା ଆଜି ପର୍ଯ୍ୟନ୍ତ ମଣ୍ଡଟେକି ପାରୁନି। କିନ୍ତୁ ୨୦୦୯ରେ ବିଜେଡି-ବିଜେପି ମେଣ୍ଟ ତୁଟିଗଲା। ନବୀନ ନିଜ ବିଶ୍ୱସ୍ତ ସହଯୋଗୀଙ୍କୁ ଧୋକା ଦେଲେ। ଆଶା କରାଯାଉଥିଲା ଯେ, ବିଜେଡି-ବିଜେପି ମେଣ୍ଟ ଭାଙ୍ଗିଯିବା ପରେ କଂଗ୍ରେସ ପୁଣି କ୍ଷମତାକୁ ଫେରିବ। କିନ୍ତୁ ନବୀନଙ୍କ ଲୋକପ୍ରିୟତା ଏବଂ ଭାବମୂର୍ତ୍ତି ଆଗରେ କଂଗ୍ରେସ ତିଷ୍ଠିପାରିଲା ନାହିଁ। ଯଦିଓ ବିଜେଡି-ବିଜେପି ମେଣ୍ଟ ଭାଙ୍ଗିଯିବାରୁ ଅଣକଂଗ୍ରେସ ଭୋଟ ବିଭାଜିତ ହେଲା ଏବଂ କଂଗ୍ରେସ ଏଥିରୁ କିଛିଟା ଫାଇଦା ଉଠାଇ ୬ଟି ଲୋକସଭା ଏବଂ ୩୦ରୁ ଅଧିକ ବିଧାନସଭା ଆସନ ଦଖଲ କରିଥିଲା। କାରଣ ସେତେବେଳେ ବିଜେପି ନିଜ ଅଣ୍ଟାସଳଖି ପାରିନଥିଲା। କିନ୍ତୁ ୨୦୧୪ରୁ ସ୍ଥିତି ଦ୍ରୁତ ଗତିରେ ବଦଳିବା ଆରମ୍ଭ କଲା। ସାରା ଦେଶରେ ମୋଦି ହାୱା ପ୍ରବାହିତ ହେଉଥିଲା। ଏହାର ସୁଯୋଗ ନେଇ ବିଜେପି ନିଜ ସ୍ଥିତି ମଜବୁତ କରିବାରେ ଲାଗିଲା। ବିଜେଡି ଓ କଂଗ୍ରେସର ଅସନ୍ତୁଷ୍ଟ ନେତାମାନେ ବିଜେପିର ହାତ ଧରିଲେ। ୧୫ ବର୍ଷ ଭିତରେ ବିଜେପିରେ ବହୁ ଉପନଦୀ ଆସି ମିଶିଲା। ୨୦୨୪ ବେଳକୁ ଏହା ଏକ ମହାନଦୀରେ ପରିଣତ ହୋଇସାରିଥିଲା। ଫଳସ୍ୱରୂପ ୨୦୨୪ରେ ବିଜେପି ରାଜ୍ୟର ୨୧ ଲୋକସଭା ଆସନ ମଧ୍ୟରୁ ୨୦ଟିରେ ବିଜୟ ହାସଲ କରିବା ସହ ବିଧାନସଭାରେ ସଂଖ୍ୟାଗରିଷ୍ଠତା ହାସଲ କରି ଏକାକି ସରକାର ଗଠନ କରିବାକୁ ସମର୍ଥ ହେଲା। ଓଡ଼ିଶା ରାଜନୀତିରେ ଏହା ଥିଲା ଏକ ବଡ଼ ଘଟଣା। ଏକଦା ଯେଉଁ ଦଳକୁ ରାଜ୍ୟରେ ସାଇନବୋର୍ଡ ପାର୍ଟି ଭାବେ ବିବେଚନା କରାଯାଉଥିଲା, ସେହି ଦଳ ରାଜ୍ୟରେ ଏକାକି ନିଜ ବଳରେ ସରକାର ଗଠନ କରିବା କିଛି କମ କଥା ନୁହେଁ। ଯାହା ବି ହେଉ ରାଜ୍ୟରେ ବିଜେପିର ସ୍ଥିତି ସୁଦୃଢ଼ ହେବା ପରେ ଓଡ଼ିଶାରେ ଅଧିକାଂଶ ନିର୍ବାଚନରେ ତ୍ରିକୋଣୀୟ ମୁକାବିଲା ହୋଇଆସୁଛି। ଆଗାମୀ କିଛି ବର୍ଷ ପର୍ଯ୍ୟନ୍ତ ଏହା ଜାରି ରହିବ। ତ୍ରିକୋଣୀୟ ମୁକାବିଲା ହେତୁ ରାଜନୀତିର ଗଣିତ ମଧ୍ୟ ବଦଳିଯାଇଛି। ଆସନ୍ତା ମାସରେ ଅନୁଷ୍ଠିତ ହେବାକୁ ଯାଉଥିବା ନୂଆପଡ଼ା ବିଧାନସଭା ଆସନ ପାଇଁ ଉପନିର୍ବାଚନରେ ମଧ୍ୟ ବିଜେଡି, ବିଜେପି ଓ କଂଗ୍ରେସ ମଧ୍ୟରେ ତ୍ରିକୋଣୀୟ ମୁକାବିଲା ହେବାକୁ ଯାଉଛି। ଏହି ଉପନିର୍ବାଚନରେ କଂଗ୍ରେସ ପକ୍ଷରୁ ଘାସିରାମ ମାଝୀ ପ୍ରାର୍ଥୀ ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳର ସେ ଜଣେ ଟାଣୁଆ ନେତା। ଗତ ଥର ତାଙ୍କୁ ଦଳୀୟ ଟିକେଟ ମିଳିନଥିଲା। ସେ ସ୍ୱାଧୀନ ପ୍ରାଥୀ ଭାବେ ନିର୍ବାଚନ ଲଢ଼ି ୫୦ ହଜାରରୁ ଅଧିକ ଭୋଟ ପାଇବା ସହ ଦ୍ୱିତୀୟ ସ୍ଥାନରେ ଥିଲେ। କଂଗ୍ରେସ ପ୍ରାର୍ଥୀ ସେଠାରେ ଅମାନତ ହରାଇଥିଲେ। ଏଥର ପିସିସି ସଭାପତି ଭକ୍ତ ଚରଣ ଦାସ ଉପନିର୍ବାଚନ ଘୋଷଣା ହେଉ ହେଉ ଘାସିରାମଙ୍କୁ ଦଳୀୟ ପ୍ରାର୍ଥୀ ଘୋଷଣା କଲେ।

*“ବାବା ବିଶେଷକରି ଯୁବବର୍ଗଙ୍କ ପାଇଁ ତାଙ୍କ ବାର୍ତ୍ତା ରଖି କହିଛନ୍ତି ଯେ ଯୁବକ ଯୁବତୀଗଣ, ତୁମର ଆହାର ଓ ବିହାର ଅନୁଯାୟୀ ତୁମ ମନକୁ ଅନେକ ପ୍ରକାର ଚିନ୍ତା ଆସୁଥିବ। ସେଥି ମଧ୍ୟରୁ କେଉଁଗୁଡ଼ିକ ଭଲ ଓ କେଉଁ ଗୁଡ଼ିକ ମନ୍ଦ ତୁମକୁ ବାଛିବାକୁ ପଡ଼ିବ। ପୁସ୍ତକଗତ ଜ୍ଞାନ ଓ ଉପରଠାଉରିଆ ଜ୍ଞାନରେ ଭାସିଗଲେ ଚଳିହେବନାହିଁ। ବ୍ୟବହାରିକ ଜ୍ଞାନ ହାସଲ କରି ଜୀବନକୁ ସଫଳ କରିବାକୁ ହେବ। ତୁମ ଶିକ୍ଷା ଓ ଆଚରଣ ଭିତରେ ସାମଞ୍ଜସ୍ୟ ରହିବା ଦରକାର। ଭାବନା, ବଚନ ଓ କର୍ମ ମଧ୍ୟରେ ସଠିକ୍ ସମନ୍ୱୟ ରକ୍ଷା କରିବା ହିଁ ମଣିଷପଣିଆଁ। ଭଗବାନଙ୍କ ପାଖରେ ପୂର୍ଣ୍ଣ ବିଶ୍ୱାସ ରଖ, ସନ୍ଦେହକୁ ସ୍ଥାନ ଦିଅନାହିଁ।*

# ନିଜ ଦୋଷ ଖୋଜ

**॥ ଇଂ. ସଚ୍ଚିଦାନନ୍ଦ ନନ୍ଦ ॥**

କେତେକ ଲୋକ ଅନ୍ୟମାନଙ୍କର ଛୋଟ ଛୋଟ ଭୁଲକୁ ଗର୍ହିତ ଦୋଷ ମନେକରନ୍ତି କିନ୍ତୁ ନିଜ ଠାରେ ଥିବା ଜଘନ୍ୟ ଭୁଲକୁ ଦେଖିପାରନ୍ତି ନାହିଁ। ଏହା ଏକ ଗୁରୁତର ତ୍ରୁଟି। ସଠିକ୍ ପଦ୍ଧତି ହେଉଛି ନିଜର ଛୋଟ ଛୋଟ ଦୋଷକୁ ବଡ଼ ଭୁଲଭାବେ ଦେଖ ଓ ଅନ୍ୟର ବଡ଼ ଭୁଲଗୁଡ଼ିକୁ ନଗଣ୍ୟ ମନେକର। ଏହାଦ୍ୱାରା ତୁମେ ନିଜ ଭୁଲଗୁଡ଼ିକୁ ସଜାଡ଼ି ପାରିବ'' ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟସନ୍ଦେଶରେ ଆମ ସମସ୍ତଙ୍କୁ ଆଧାତ୍ମିକ ସୂଚନା ପ୍ରଦାନ କରିଛନ୍ତି ଯେ ଏହି ମନୋବୃତ୍ତି ସାହାଯ୍ୟରେ ତୁମେ ଈଶ୍ୱରୋପଲବ୍ଧି ହାସଲ କରିପାରିବ। ମାନବୀୟ ପ୍ରେମ ସ୍ୱାର୍ଥପୂର୍ଣ୍ଣ, ଦୈବୀପ୍ରେମ, ସ୍ୱାର୍ଥଶୂନ୍ୟ ଓ ଆଧାତ୍ମିକ। ତାଙ୍କ ପ୍ରେମ ନିର୍ମଳ ପ୍ରେମ। ଭଗବାନଙ୍କୁ ଚିରନ୍ତନ, ଅମୃତମୟ, ବିମଳ, ନିର୍ମଳ ବୋଲି ବର୍ଣ୍ଣନା କରାଯାଇଛି। ଭଗବତ ପ୍ରେମ ଆସ୍ୱାଦନ କରିବାକୁ ହେଲେ ତୁମକୁ ସ୍ୱାର୍ଥଭାବ ଭଳି ସଂକୀର୍ଣ୍ଣ ଭାବ ବର୍ଜନ କରି ପ୍ରେମଭାବ ସଂପ୍ରସାରଣ କରିବାକୁ ହେବ। ନବ ବିବାହିତ ଦମ୍ପତିଙ୍କ ମଧ୍ୟରେ ଥିବା ପ୍ରେମଭାବ ଦିନକୁ ଦିନ କିଭଳି ହ୍ରାସ ପାଉଥାଏ ତାହାର ଏକ ଉଦାହରଣ ଦେଖାଯାଉ। ସ୍ୱାମୀ ସ୍ତ୍ରୀ ରାସ୍ତାରେ ଯାଉଥିବା ବେଳେ ଆଗରେ ପଡ଼ିଥିବା କଣ୍ଟାଟିଏ ଆଖିରେ ପଡ଼ିଗଲେ, ସ୍ୱାମୀଙ୍କର କି ବ୍ୟସ୍ତତା ଦେଖାନଯାଏ? ବିବ୍ରତ ହୋଇପଡ଼ି ସ୍ୱାମୀ ସ୍ତ୍ରୀକୁ ଗୋଟିଏ ପାଖକୁ ଟାଣିନିଏ, ଯେପରି ସ୍ତ୍ରୀ ପାଦ କଣ୍ଟା ମାଡ଼ି ନପକାଉ। କିଛିବର୍ଷ ଅନ୍ତରରେ ପୁନର୍ବାର ଅନୁରୂପ ପରିସ୍ଥିତିରେ ସ୍ୱାମୀ କହିବ, 'କଣ୍ଟା ପଡ଼ିଛି, କ'ଣ ଆଖିକୁ ଦିଶୁନି?' ସାଂସାରିକ ପ୍ରେମ ଏହିଭଳି ଭାବେ ତା'ର ମାତ୍ରା ହରାଉଥିବା ବେଳେ ଦିବ୍ୟପ୍ରେମ ସବୁଦିନ ସ୍ଥିର ଓ ଗଭୀର ରହିଥାଏ। ଦିବ୍ୟପ୍ରେମର ମହତ୍ୱ ଲୋକେ ବୁଝିପାରନ୍ତି ନାହିଁ। ସେମାନେ ସେ ପ୍ରେମକୁ କଦର୍ଥ କରି ଭଗବାନଙ୍କୁ ନିନ୍ଦା କରିବା ପର୍ଯ୍ୟନ୍ତ ଯାଇପାରନ୍ତି, ଯେତେବେଳେ ତାଙ୍କ ନୀଚ କାମନା ଗୁଡ଼ିକ ପୂରଣ ନହୁଏ। କେତେକ ମୋକ୍ଷ ଚାହୁଁଥାନ୍ତି। ମୋକ୍ଷ କ'ଣ? କାମନାରୁ ମୁକ୍ତି ପାଇବା ହିଁ ମୋକ୍ଷ। କେତେକ ଭଗବାନଙ୍କୁ ଦର୍ଶନ କରିବାକୁ ଚାହାନ୍ତି। ଏଥିପାଇଁ ଆବଶ୍ୟକୀୟ ବିଶ୍ୱାସ ଓ ଭାବ ତୁମେ ହୃଦୟରେ ପୋଷଣ କରିବା ଉଚିତ ନୁହେଁ କି?

ଅନେକଙ୍କ ଭିତରେ ସ୍ୱାଭାବିକ ପ୍ରଶ୍ନ ଉଠେ ଯେ ଦିବ୍ୟପ୍ରେମ ଲାଭ କରିବା ପାଇଁ ଆମ ମାନଙ୍କର ଆବଶ୍ୟକତା କ'ଣ ଓ ତାତ୍ପର୍ଯ୍ୟ କ'ଣ? ବଡ଼ ସୁନ୍ଦର ଭାବରେ ଭଗବାନ ବାବା କହିଛନ୍ତି ଯେ ଭକ୍ତି ଓ ବିଶ୍ୱାସ ନଥିଲେ ତୁମେ ତାଙ୍କ ସହିତ ବସବାସ କଲେ ମଧ ତାଙ୍କୁ ଦେଖିପାରିବ ନାହିଁ, ପଦ୍ମଫୁଲ ପାଖରେ ଥିବା ବେଙ୍ଗ ପଦ୍ମ ଭିତରେ ଥିବା ମଧୁ ବିଷୟରେ ଅବହିତ ନହେବା ସଦୃଶ। କିନ୍ତୁ କାହିଁ କେତେ ଦୂରରୁ ମଧୁମକ୍ଷିକା ମାନେ ପଦ୍ମଫୁଲ ପାଖକୁ ଆସି ମଧୁ ଆସ୍ୱାଦନ କଲାଭଳି ଦୂର ବିଦେଶରୁ ଲୋକମାନେ ଆସି ଭଗବାନଙ୍କ ସୁମିଷ୍ଟ ମଧୁରତା ପ୍ରାପ୍ତ ହୋଇପାରୁଛନ୍ତି, ଅଥଚ ପାଖରେଥିବା ଲୋକେ ସେଥିରୁ ବଞ୍ଚିତ। ଦିବ୍ୟ ସାନ୍ନିଧ ମଣିଷକୁ ମଧ ଦୈବୀସ୍ତରକୁ ଉତ୍‌ଥିତ କରିଦେଇପାରେ। ଏହାକୁ ବୁଝିନପାରି ଅନେକ ଲୋକ ତାଙ୍କ ଜୀବନକୁ ବ୍ୟର୍ଥ କରି ଦେଉଛନ୍ତି। ପ୍ରତ୍ୟେକଙ୍କ ଠାରେ ପ୍ରେମଭାବ ବିଦ୍ୟମାନ, କିନ୍ତୁ ତାହା ସ୍ୱାର୍ଥଭାବ ପ୍ରଣୋଦିତ ହୋଇପଡ଼ିବାରୁ ଆସକ୍ତିରେ ପରିଣତ ହୋଇଯାଉଛି। ଦୈବୀପ୍ରେମର ଅନୁଭୂତି ପାଇଁ ଆଶାୟୀ ହୁଅ। ଆଧୁନିକ ଯୁବକମାନେ ପ୍ରେମର ସ୍ୱଭାବ ବିଷୟରେ ଅବଗତ ହେବା ଦରକାର। ବିଦେଶାଗତ ଅନେକ ଯୁବକ ଯୁବତୀ ପରସ୍ପରକୁ ପୁରୁଷ ବନ୍ଧୁ, ମହିଳାବନ୍ଧୁ କହି ଅବାଧ ମିଳାମିଶା କରୁଛନ୍ତି। ଯଦି ପ୍ରକୃତରେ ପରସ୍ପରକୁ ଭଲ ପାଉଥାଅ, ତେବେ ବିବାହ କରିନିଅ, ବନ୍ଧୁ ହିସାବରେ କାହିଁକି? କିଛି ବର୍ଷ ପୂର୍ବେ ବିଦେଶାଗତ ଯୁବକଟିଏ ଏଠାରେ ଗଛତଳେ ମନ ଦୁଃଖରେ ବସିଥାଏ। ତାକୁ ଅତି ବେଶୀରେ ୧୯ ହେବ। ପଚାରିବାରୁ ସେ କହିଲା, ତା'ର ଦ୍ୱିତୀୟ ସ୍ତ୍ରୀ ତାକୁ ଛାଡ଼ି ପଳାଇଛି ଏବଂ ତା'ଗର୍ଭର ସନ୍ତାନଟି ପାଇଁ ସେ ବ୍ୟସ୍ତ। ଏହି ବୟସରେ ସେ ଯଦି ଏତେ ବିବ୍ରତ, ବୟସ୍କ ହୋଇଗଲେ ତା'ଅବସ୍ଥା କ'ଣ ହେବ ଅନୁମାନ କର। କୋଡିଏ ବର୍ଷ ନ ହେଉଣୁ କେତେକ ଲୋକ ବିବାହ କରି ପକାଉଛନ୍ତି, ତା'ପରେ ଛାଡ଼ପତ୍ର, ପୁନର୍ବିବାହ, ପୁନର୍ବିଚ୍ଛେଦ, ସ୍ତ୍ରୀ ଓ ସନ୍ତାନଙ୍କ ପାଇଁ ବ୍ୟତିବ୍ୟସ୍ତ। ସେମାନେ ମାନବଜୀବନର ମୂଲ୍ୟ ବିଷୟରେ ଅଜ୍ଞ। ମାନବ ଜୀବନ କେତେ ଦୁର୍ଲଭ ଓ କେତେ ପବିତ୍ର ସେ ଧାରଣା ସେମାନଙ୍କର ନାହିଁ। ଉପନିଷଦ କହନ୍ତି ମାନବ ଜନ୍ମ ଅତି ଦୁର୍ଲଭ ଜନ୍ମ। ମାନବ ଜୀବନ ଅତି ମହାନ ଓ ଶକ୍ତିଶାଳୀ। ତାକୁ ମା+ନବ କୁହାଯାଏ କାରଣ ସେ ନୂଆ ନୁହେଁ ବରଂ ଶାଶ୍ୱତ। ଶରୀର ନୂତନ ରୂପ ଗ୍ରହଣ କରୁଥାଏ, ଆତ୍ମା ନୁହେଁ। ଭଗବାନ ହିଁ ଅପରିବର୍ତ୍ତନୀୟ ସତ୍ୟ।

ବାବା ବିଶେଷକରି ଯୁବବର୍ଗଙ୍କ ପାଇଁ ତାଙ୍କ ବାର୍ତ୍ତା ରଖି କହିଛନ୍ତି ଯେ ଯୁବକ ଯୁବତୀଗଣ, ତୁମର ଆହାର ଓ ବିହାର ଅନୁଯାୟୀ ତୁମ ମନକୁ ଅନେକ ପ୍ରକାର ଚିନ୍ତା ଆସୁଥିବ। ସେଥି ମଧ୍ୟରୁ କେଉଁଗୁଡ଼ିକ ଭଲ ଓ କେଉଁ ଗୁଡ଼ିକ ମନ୍ଦ ତୁମକୁ ବାଛିବାକୁ ପଡ଼ିବ। ପୁସ୍ତକଗତ ଜ୍ଞାନ ଓ ଉପରଠାଉରିଆ ଜ୍ଞାନରେ ଭାସିଗଲେ ଚଳିହେବନାହିଁ। ବ୍ୟବହାରିକ ଜ୍ଞାନ ହାସଲ କରି ଜୀବନକୁ ସଫଳ କରିବାକୁ ହେବ। ତୁମ ଶିକ୍ଷା ଓ ଆଚରଣ ଭିତରେ ସାମଞ୍ଜସ୍ୟ ରହିବା ଦରକାର। ଭାବନା, ବଚନ ଓ କର୍ମ ମଧ୍ୟରେ ସଠିକ୍ ସମନ୍ୱୟ ରକ୍ଷା କରିବା ହିଁ ମଣିଷପଣିଆଁ। ଭଗବାନଙ୍କ ପାଖରେ ପୂର୍ଣ୍ଣ ବିଶ୍ୱାସ ରଖ, ସନ୍ଦେହକୁ ସ୍ଥାନ ଦିଅନାହିଁ। ତୁମର ଏହି ଭୌତିକ ଶରୀର ଦ୍ୱାରା ଭଗବାନଙ୍କ ପରିକଳ୍ପନା କରିବା ତୁମ ସାମର୍ଥ୍ୟ ବାହାରେ। ତୁମ ଭାବନାଗୁଡ଼ିକ ବାହ୍ୟ ଜଗତର ପ୍ରତିଫଳନ, ପ୍ରତିଧ୍ୱନୀ ଓ ପ୍ରତିକ୍ରିୟା। ଭଗବାନଙ୍କର କୌଣସି ପ୍ରତିକ୍ରିୟା ନଥାଏ। ତାଙ୍କ ପାଖରେ ଗୋଟିଏ କଥା ଅଛି, ତାହା ପରମ ସତ୍ୟ। ତୁମକୁ ସେହି ଆଦର୍ଶଦ୍ୱୟ ଗ୍ରହଣ କରିବାକୁ ହେବ। ସତ କଥା କହ, ଧର୍ମ ଆଚରଣ କର। ଭଗବାନ ଅପରିବର୍ତ୍ତନୀୟ ସତ୍ତା କିନ୍ତୁ ଏହାକୁ କେହି ବୁଝୁନାହାନ୍ତି। ଧର୍ମ ମାର୍ଗରେ ଚାଲି ନୈତିକତା ଓ ଏକତା ରକ୍ଷା କରିପାରିଲେ ତୁମେ ଏହା ବୁଝିପାରିବ। ମଣିଷ ଟଙ୍କା ପଇସାର କ୍ରୀତଦାସ ହୋଇପଡ଼ିଲାଣି। ସେ ଭଗବାନଙ୍କୁ ଭୁଲିଯାଇପାରେ କିନ୍ତୁ ଟଙ୍କା ପଇସାକୁ ଭୁଲି ପାରିବ ନାହିଁ। ସୁଖରେ ନିଦ୍ରାଯିବା ପାଇଁ ତୁମେ ନିଜ ପାଇଁ ବାତାନୁକୂଳ ଯନ୍ତ୍ର, କୋମଳ ଶଯ୍ୟା, ପଙ୍ଖା ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ବ୍ୟବସ୍ଥା କରିଥାଅ। ତଥାପି ସୁନିଦ୍ରା ହୁଏନାହିଁ, କାହିଁକି? ସୁନିଦ୍ରା ପାଇଁ ମାନସିକ ଶାନ୍ତି ଆବଶ୍ୟକ। ତୁମ ଦେହ, ମନ, ଚିତ୍ତ ଓ ଅହଂକାର ଭଳି ଅନ୍ତରିନ୍ଦ୍ରିୟଗୁଡ଼ିକ ବାହ୍ୟ ଅଙ୍ଗପ୍ରତ୍ୟଙ୍ଗ ସହିତ ଶାନ୍ତି ଅଭିମୁଖୀ ହେବା ଦରକାର। ଯେଉଁ ଦିବ୍ୟପ୍ରେମ ନିଃସ୍ୱାର୍ଥ, ଯାହା କେବଳ ଦେଇ ଜାଣେ ଓ ପ୍ରତିଦାନରେ କିଛି ଆଶା କରେନାହିଁ, ସେହି ଭାବର ଅଭିବୃଦ୍ଧି କରାଇଲେ ଯାଇ ତୁମେ ଶାନ୍ତି ହାସଲ କରିପାରିବ। ସାଂସାରିକ ପ୍ରେମ କେବଳ ପାଇବାକୁ ଚାହେଁ ଓ ପାଇସାରି ତାକୁ ଭୁଲିଯିବାକୁ ଚାହେଁ। ନିକଟ ଲୋକଙ୍କୁ ଆଘାତ ଦେବା ଭଗବାନଙ୍କୁ ଆଘାତ ଦେବା ସହ ସମାନ। ଦିବ୍ୟପ୍ରେମର ସମକକ୍ଷ ଅନ୍ୟକିଛି ବି ହୋଇନପାରେ। ଏହା ସର୍ବୋଚ୍ଚ। ସଂସାରର କ୍ଷୁଦ୍ର କ୍ଷୁଦ୍ର କଥା ତୁମେ ଭଗବାନଙ୍କୁ ମାଗିଥାଅ। ତୁମ ପାଖରେ ଯାହା ନାହିଁ ସେଭଳି କିଛି ତାଙ୍କୁ ପ୍ରାର୍ଥନା କର। ତୁମ ପାଖରେ ନିଃସ୍ୱାର୍ଥ ପ୍ରେମ ନାହିଁ, ତାହା ତାଙ୍କ ପାଖରେ ପ୍ରଚୁର ପରିମାଣରେ ଅଛି, କେବଳ ତାହାକୁ ହିଁ ମାଗ। ଭଗବାନ ଆନନ୍ଦର ପ୍ରତିମୂର୍ତ୍ତି। ସେହି ଆନନ୍ଦ, ପ୍ରେମ ଓ ଶାନ୍ତି ଯାଚାଞ୍ଚା କର। ସାଂସାରିକ ସୁଖ ଓ ଦୈବୀ ଆନନ୍ଦ ମଧ୍ୟରେ ଥିବା ପାର୍ଥକ୍ୟ ଜାଣିବାକୁ ଚେଷ୍ଟା କର। ଆଜିକାଲି ଲୋକେ ଅନେକ ତୁଚ୍ଛବସ୍ତୁ ଭଗବାନଙ୍କୁ ମାଗୁଛନ୍ତି। ତୁମପାଇଁ କ'ଣ ଶ୍ରେୟସ୍କର ତାହା ଭଗବାନ ଜାଣନ୍ତି ଏବଂ ଦେଇଥାନ୍ତି। ସେ ସମସ୍ତ ଭାବନା, ବଚନ ଓ କର୍ମର ସାକ୍ଷୀ ପୁରୁଷ, ତେଣୁ ଅକୁଣ୍ଠିତ ଚିତ୍ତରେ, ହୃଦୟର ସହିତ ତାଙ୍କ ପାଖରେ ସମର୍ପିତ ହୋଇ ଏକ ଆଦର୍ଶ ଜୀବନଯାପନ କର। ତୁମ୍ଭେମାନେ ମଧ ଦୈବତ୍ୱର ମୂର୍ତ୍ତିମନ୍ତ ରୂପ। ତେଣୁ ତୁମେ ସମସ୍ତଙ୍କୁ ଭଲପାଇବା ଦରକାର, କାହାରିକୁ ଆଘାତ କରିବା ଉଚିତ ନୁହେଁ। ଯଦି କାହାକୁ ବି ଆଘାତ କରୁଥାଅ ତାହା ଭଗବାନଙ୍କୁ ଆଘାତ କରିବା ସହ ସମାନ।

ସନ୍ଥ ପୁରୁଷ ଜନ୍ ସମସ୍ତଙ୍କୁ ନିଜର ଭାଇଭଳି ଭାବୁଥିଲେ। କୌଣସି ଏକ ଘଟଣାରେ ସେ ଜଣକୁ ଦଣ୍ଡ ଦେଇଥିଲେ। ଯୀଶୁ ସ୍ୱପ୍ନରେ ଆବିର୍ଭାବ ହୋଇ ତାଙ୍କୁ ପଚାରିଲେ, 'ତୁ ଭାବୁଛୁ ତୁ ତାକୁ ଦଣ୍ଡ ଦେଇଛୁ ବୋଲି, ନା ତୁ ମୋତେ ଦଣ୍ଡ ଦେଇଛୁ।' ଏଇଥିରୁ ତୁମେ ବୁଝିବା ଦରକାର ଯେ ନିଜ ଲୋକଙ୍କ କ୍ଷତି କରିବା ଭଗବାନଙ୍କୁ କଷ୍ଟ ଦେବା ସଙ୍ଗେ ସମାନ। ତୁମ୍ଭେ ସମତା ଅଭ୍ୟାସ କରିବା ଦରକାର। ଭଜନ ଓ ଧାନ ପ୍ରଭୃତି ମନକୁ ପବିତ୍ର କରିବାର ଉପାୟ। 'ଚିତ୍ତସ୍ୟ ଶୁଦ୍ଧୟେ କର୍ମଣେ।' ଯେଉଁ ପ୍ରେମ ତୁମର ପ୍ରାଣବାୟୁ ତାହାକୁ କର୍ଷଣ କର। ବୃକ୍ଷଟି ସବୁଜ ପତ୍ର, ଡାଳ, ଫଳରେ ପରିପୂର୍ଣ୍ଣ ଥିଲାବେଳେ ତୁମେ ତାହା ପ୍ରତି ଆକର୍ଷିତ ହୋଇଥାଅ। ସେ ସବୁ ଯେତେବେଳେ ଶୁଖିଯାଏ ତୁମେ ତାକୁ କାଟି ପକାଅ କାରଣ ବର୍ତ୍ତମାନ ସେଥିରେ ଜୀବନ ନାହିଁ। ପ୍ରେମଶୂନ୍ୟ ବ୍ୟକ୍ତି ମୃତ ବୃକ୍ଷ ସହ ସମାନ। କୋଇଲାକୁ ଆଞ୍ଚ କରିବା ପାଇଁ ନିଆଁ ଯେପରି ଅତ୍ୟାବଶ୍ୟକ ସେହିପରି ମଣିଷ ପାଇଁ ପ୍ରେମ ନିତାନ୍ତ ପ୍ରୟୋଜନ। ଦିବ୍ୟପ୍ରେମ ଉପରେ ମନକୁ ପର୍ଯ୍ୟବସିତ କରି ନିଜକୁ ଦୁର୍ବଳତାରୁ ମୁକ୍ତ କର, କାରଣ ଦିବ୍ୟକୃପା ପ୍ରଚଣ୍ଡ ଶକ୍ତି ପ୍ରଦାନ କରିଥାଏ। ଅନ୍ୟ ସମସ୍ତ ବସ୍ତୁ ମିଳିପାରେ, ଚାଲିଯାଇପାରେ କିନ୍ତୁ ଦିବ୍ୟକୃପା ଚିରସ୍ରୋତା। ତୁମେ ଅନ୍ୟକିଛି କର ନକର ଦିବ୍ୟପ୍ରେମ ବିକାଶ କର। ଭଗବାନ ନିର୍ଦ୍ଦେଶକ, ମଣିଷ ଅଭିନେତା ମାତ୍ର।

# ଦୀକ୍ଷା

**॥ ଉମେଶ ଚନ୍ଦ୍ର ପାତ୍ର ॥**

ଦୀକ୍ଷା ନେବା ଅର୍ଥ ଦକ୍ଷତା ଲାଭର କୌଶଳ ଜାଣିବା। ସେହି କୌଶଳ ଜାଣିନେଇ ତଦନୁଯାୟୀ ଅନୁଶୀଳନ କରିବାକୁ ହୁଏ। ଆଶୀର୍ବାଦ ଅର୍ଥ ଅନୁଶାସନବାଦ। ଅନୁଶାସନକୁ ମାନିଲେ ହିଁ ଆଶୀର୍ବାଦ ମିଳେ। ଜୀବନର ସୁଖ ସ୍ୱାଚ୍ଛନ୍ଦ୍ୟ ଭୋଗର ପ୍ରଧାନ ଜଗକରଣ ହେଲା ପ୍ରବୃତ୍ତି। ପୁଣି ପ୍ରଧାନ ଅନ୍ତରାୟ ହେଲା ମଧ ପ୍ରବୃତ୍ତି। ପ୍ରବୃତ୍ତିଗୁଡ଼ିକ ସୁଖ ସ୍ୱାଚ୍ଛନ୍ଦ୍ୟ ଲାଭର ଅନ୍ତରାୟ ନହୋଇ କିପରି ଭାବରେ ସହାୟକ ହୁଏ ତା'ର କୌଶଳ ସଦ୍‌ଗୁରୁଙ୍କ ପାଖରୁ ଜଣାଯାଏ। ଅସ୍ତିତ୍ୱର ଧାରଣ, ପୋଷଣ ଓ ରକ୍ଷଣର କୌଶଳ ଯିଏ ଜାଣନ୍ତି ସେ ହିଁ ସଦ୍‌ଗୁରୁ। ତେଣୁ ଦୀକ୍ଷା ନେବା ଆବଶ୍ୟକ ସଦ୍‌ଗୁରୁ ବା ଆଚାର୍ଯ୍ୟଙ୍କ ପାଖରୁ - ଯିଏ ଆଚରଣ କରି ଜାଣିଛନ୍ତି। ଦୀକ୍ଷା ମାନେ ହିଁ ଦକ୍ଷତାର ଅନୁଶୀଳନ, ଯାହାଙ୍କୁ କରୁ ସନିତୋମୁଖୀ ଦକ୍ଷତା ସ୍ୱତଃ ହିଁ ବୃଦ୍ଧିପାଏ।

ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଦୀ'। କହିଲେ ମୁଁ ବୁଝେ ଗୁରୁଙ୍କ ସମ୍ପୂର୍ଣ୍ଣ ଭାବରେ ଗ୍ରହଣ, ତାଙ୍କ ପାଖରେ ଆତ୍ମ ସମର୍ପଣ ଓ ସେହି ମାଧ୍ୟମରେ ଦକ୍ଷତାର ଅନୁଶୀଳନ, ନୀତି ଯାହାଙ୍କ ଜୀବନରେ ମୂର୍ତ୍ତ, ତାଙ୍କୁ ବାଦ ଦେଇ ଯଦି ସେହି ନୀତିଗୁଡ଼ିକୁ ଅନୁସରଣ କରିବାକୁ ଯାଉଁ, ତାହାହେଲେ ସେହି ନୀତି ଗୁଡ଼ିକ ନାମରେ ବିଳମ୍ବ ମନଗଢ଼ା ଧାରଣାକୁ ହିଁ ଅନୁସରଣ କରିଚାଲିବୁ। ଏଥିରେ ଅଭିହିତ ବା ଖିଆଲ ହିଁ ଆମ୍ଭ ମାନଙ୍କ ପାଖରେ ଗୁରୁପନବାକ୍ୟ ହୋଇଉଠେ। ଏଥିରେ କନ୍ତୁ କିଛି ଲାଭ ହୁଏନାହିଁ। କିନ୍ତୁ ଗୁରୁଙ୍କ ପ୍ରତି ସକ୍ରିୟ ଅନୁରାଗ ଓ ତାଙ୍କର ପ୍ରେରଣା ଭିତରେ ଦେଇ କେନ୍ଦ୍ରାୟିତ ଆତ୍ମନିୟନ୍ତ୍ରଣ ଯେ କେତେ ପରିମାଣରେ ତୀବ୍ର ଗତି ସମ୍ପନ୍ନ ହୁଏ ତାହା ବର୍ଣ୍ଣନା କରିହୁଏ ନାହିଁ। ତୁମେ ଯଦି ତୁମର ମା'ଙ୍କୁ କୃପାର ତାଙ୍କର ନିର୍ଦ୍ଦେଶ ଅନୁଯାୟୀ ଚାଲ ଓ ତୁମର ମା ଯଦି ସେଥିରେ ସମ୍ମତି ପ୍ରଦାନ କରନ୍ତି ତାହାହେଲେ ସେହି ଚାଲିବାଟା ବହୁତ ସୁଖକର ଲାଗେ।

ପ୍ରକୃତ ଦୀକ୍ଷାରେ ମଣିଷ ହିତରେ ଦକ୍ଷତାର ସଞ୍ଚାର ହୁଏ, ଅବଶ୍ୟ ଯଦି ଠିକ୍ ଠିକ୍ ଅନୁଯାୟୀ ଅନୁଶୀଳନ କରେ। କଳକୀ ଅବତାର ସଦ୍‌ଗୁରୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଆମ୍ଭମାନଙ୍କ ଦେଶରେ ଧର୍ମ ନାମରେ ନକରି ପାନକାର ବୁଦ୍ଧିଟି ପ୍ରବଳ। କର୍ମ ବା ଅନୁଶୀଳନ ନକରି ଅଲୌକିକ ଭାବରେ ପ୍ରତ୍ୟାଶା ପୂରଣର ଧନ୍ଦା ରଖି ଯଦି ମଣିଷ ଦୀକ୍ଷା ନିଏ, ତାହାହେଲେ କିନ୍ତୁ କିଛି ହିଁ ହୁଏ ନାହିଁ। ସେଥିରେ ମଣିଷ ଆହୁରି ଅକର୍ମଣ୍ୟ ଓ ଅଳସୁଆ ହୋଇପଡ଼େ।

ତାହାଛଡ଼ା ପ୍ରତ୍ୟାଶା ମାଧ୍ୟମରେ ଗୁରୁଙ୍କ ପାଖରୁ ଦୀକ୍ଷାନେଲେ ସେଥିରେ ପ୍ରତ୍ୟାଶା ହୁଏ ମୁଖ୍ୟ, ଗୁରୁ ବା ଇଷ୍ଟ ହୁଅନ୍ତି ଗୌଣ। ଗୁରୁ ଯଦି ଗୌଣ ହୁଅନ୍ତି, ତାଙ୍କୁ ଅନୁସରଣ କରିବାର ବୁଦ୍ଧି ହୁଏନାହିଁ। ତେଣୁ ମଣିଷର ବୁଦ୍ଧି ମଧ ହୁଏନାହିଁ। ଇଷ୍ଟଙ୍କର ଅନୁସରଣ ଓ ଅନୁପୂରତାକୁ ହିଁ ମୁଖ୍ୟ କରି ଧରିଲେ ମଙ୍ଗଳ ସୁନିଶ୍ଚିତ।

କେହି କେହି ବ୍ୟକ୍ତି ଦୀକ୍ଷା ନନେଇ ଗୁରୁଙ୍କର ନୀତି ଗୁଡ଼ିକ କେବଳ ଅନୁସରଣ କରନ୍ତି ଓ ଗୁରୁଙ୍କୁ ମଧ ଭଲପାନ୍ତି। ତେଣୁ ଦୀକ୍ଷା ନେବାର ପ୍ରୟୋଜନ କ'ଣ? ଏହି ପ୍ରସଙ୍ଗରେ ଯୁଗ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ ତୁମେ ଯେପରି ଭାବରେ ଯେଉଁ ଆଦର୍ଶରେ ଯେତେ ପରିମାଣରେ ସୁନିଷ୍ଠ ହେବ ସେତେ ପରିମାଣରେ ତୁମ ଭିତରେ ଅଗ୍ନି ଓ ଦୀପ୍ତି ସୃଷ୍ଟି ହେବ। ନିଷ୍ଠା ସହିତ ରହିଛି ଶିଷ୍ୟ ହେବା। ଶିଷ୍ୟ ହେବା ସହିତ ଶୃଙ୍ଖଳା ସ୍ୱତଃ ଆସିଯାଏ। ଶିଷତ୍ୱର ବୁଦ୍ଧି ନରହିଲେ ନିଜ ପସନ୍ଦ ବିରୋଧୀ ନିର୍ଦ୍ଦେଶ ମୁଣ୍ଡପାତି ମାନିନେବାକୁ ଇଚ୍ଛାହୁଏ ନାହିଁ, ବାଛି ବାଛି ନିଜର ପସନ୍ତ ହେଉଥିବା ନିର୍ଦ୍ଦେଶଗୁଡ଼ିକୁ ପାଳନ କରିବାକୁ ଇଚ୍ଛାହୁଏ, ଗୁରୁଭକ୍ତି ଥିବା ସତ୍ତ୍ୱେ ମଧ ଯେଉଁଠାରେ ନିଜର ଚାହିଦା ଓ ପସନ୍ଦ ସହିତ ଦ୍ୱନ୍ଦ ଉପୁଜେ ସେଠାରେ ଅମାନ୍ୟ କରିବାର ବୁଦ୍ଧିଥାଏ। ସନ୍ତାନ ଭାବରେ ମଧ ଦମ୍ଭ ଥାଏ ଯଦି ସନ୍ତାନତ୍ୱ ସହିତ ଶିଷତ୍ୱ ନଥାଏ।

ସ୍ୱାମୀ ବିବେକାନନ୍ଦ କହିଛନ୍ତି - ଦ୍ୱିଧା ଓ ସନ୍ଦେହର ଲେଶମାତ୍ର ନରଖି ଗୁରୁ ଆଜ୍ଞା ପାଳନ କରିବା ହିଁ ଆଧାତ୍ମିକ ଜୀବନରେ ସାଫଲ୍ୟତାର ଏକମାତ୍ର ପଥ। ଗିରିଦାର ଓ ସହଦାର, ତୁମେ ଯଦି ଆତ୍ମ ସମର୍ପଣ କର ଅନ୍ୟମାନେ ତୁମକୁ ମାନି ଚାଲିବା ପାଇଁ ପ୍ରେରଣା ପାଇବେ। ତାହା ନକରି କେବଳ ପଦକ୍ଷେପ ନେଲେ ସେହି ପଦକ୍ଷେପ ମାନି ଚାଲିବା ପାଇଁ ଆଗ୍ରହ ଅନ୍ୟ ଭିତରେ ସଞ୍ଚାରିତ ହେବନାହିଁ। ବାଧବାଧକତାରେ ଯଦି କେହି ମାନିଚାଲେ ତାହା ମଧ ତାପାଖରେ ବିରକ୍ତିକର ଖଟଣି ପରି ମନେ ହେବ। ଯେଭଳି ମୁହୂର୍ତ୍ତରେ ତୁମେ ନିଷ୍ଠା ସମ୍ପନ୍ନ ହେଲ ସେହି ମୁହୂର୍ତ୍ତରେ ଦମ୍ଭ ବା ଅହଂକାର ତୁମ ପାଖରୁ ବିଦାୟ ନେବ। ସେତେବେଳେ ଆସିବ ମୂର୍ତ୍ତ ଆଦର୍ଶଙ୍କ ପାଇଁ ଗୌରବବୋଧ। ଏହାକୁ କୁହନ୍ତି ଅଭିବାତ୍ୟ ଓ ଅଭିବାତ୍ୟର ନିଦର୍ଶନ ହେଲା ଉନ୍ନତ ଆଚରଣ ଓ ଏହି ଆଭିଜାତ୍ୟ ହିଁ ଜୀବନର ନିର୍ଯ୍ୟାସ।

ଜନୈକ ଭକ୍ତ ପ୍ରଶ୍ନ କଲେ ଯଦି ଜଣେ ସଦ୍‌ଗୁରୁ ଲାଭ କରିନଥାଏ କିନ୍ତୁ ଆକୁଳ ଆଗ୍ରହରେ ଭଗବାନଙ୍କୁ ଡାକେ ଓ ଭଗବାନଙ୍କ ପଥରେ ଚାଲେ ସେ କ'ଣ ଜୀବନରେ ଅନୁଗ୍ରହ ପାଇପାରିବ ନାହିଁ? ଏହି ପ୍ରସଙ୍ଗରେ କଲ୍‌କୀ ଅବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଈଷତ୍ ହସି କହଲେ - ଧ୍ରୁବ ପଦ୍ମପଲାସ-ମୋଚନଙ୍କ ପାଇଁ ପାଗଳ ହୋଇଯାଇଥିଲେ। ଦିନରାତି ତାଙ୍କୁ ବ୍ୟାକୁଳ ହୋଇ ଡାକନ୍ତି। ତାଙ୍କର ସେହି ଡାକ ଶୁଣି ପଦ୍ମ-ପଳାଶ-ମୋଚନଙ୍କର ସିଂହାସନ ଟଳମଳ ହୋଇଗଲା। ସେ ସେତେବେଳେ ନାରଦଙ୍କୁ ଡାକି କହିଲେ - ନାରଦ! ତୁମେ ଧ୍ରୁବଙ୍କୁ ଦୀକ୍ଷା ଦିଅ ତା'ନହେଲେ ତ ମୁଁ ଦେଖା ଦେଇପାରୁନାହିଁ। ସେତେବେଳେ ନାରଦ ଆସି ଦୀକ୍ଷା ଦେଲେ, ତାପରେ ପଦ୍ମ-ପଳାଶ-ମୋଚନ ଆବିର୍ଭୂତ ହେଲେ। ଶ୍ରୀ ଶ୍ରୀ ଠାକୁର ନିଷ୍ଟୟାତ୍ମନ....... କହିଲେ - ପରମପିତାଙ୍କୁ କେହି ଯଦି ଆନ୍ତରିକ ଭାବରେ ଚାହେଁ ଓ ଖୋଜାଖୋଜି କରେ ତାହାହେଲେ ପରମପିତାଙ୍କ ଦୟାରେ ତାର ଯୋଗଯୋଗ ମଧ ହୋଇଯାଏ। ପାଇବାକୁ ହେଲେ କରିବାକୁ ହେବ। କରି ହୁଅ ଓ ହୋଇ ପାଅ।

ପୁନର୍ବାର ଶ୍ରୀ ଶ୍ରୀ ଠାକୁର ଭାବାବେଗରେ ପ୍ରକାଶକଲେ - ମଣିଷ ଜୀବନର ଅସଲ ଚାହିଦା ହେଲା ସଦ୍‌ଗୁରୁଙ୍କ ପାଖରୁ ଦୀକ୍ଷା ନେଇ ତାଙ୍କ ପ୍ରତି ଅଚ୍ୟୁତ ଅନୁରାଗ ନେଇ ଚାଲିବା। ସଦ୍‌ଗୁରୁଙ୍କର ଦୀକ୍ଷା ନେବା ପାଇଁ ଯେଉଁମାନଙ୍କର ଆପତ୍ତି ଥାଏ ସେମାନଙ୍କ ପ୍ରବୃତ୍ତିର ଅନୁଚରର ହୁଅନ୍ତି। ବିବାହିତ ସ୍ତ୍ରୀ ଓ ରକ୍ଷିତା ମଧ୍ୟରେ ଯେତିକି ଫରକ ଜଣେ ଦୀକ୍ଷିତ ଓ ଯୁଗଗ୍ରାହୀ ମଧ୍ୟରେ ମଧ ସେତିକି ଫରକ। ହିନ୍ଦୁମାନେ ଦୀକ୍ଷାକୁ ଜୀବନର ଅମୃତ ବୋଲି ମନେ କରନ୍ତି। କଥା ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର କହିଲେ - ମନେରଖ - ଅଚାର୍ଯ୍ୟଙ୍କ ପାଖରେ ନିଷ୍ଠା ନିପୁଣ ଅନୁରାଗ ରହିଲେ ପ୍ରୀତି-ପଚ୍ଛଳ ସମ୍ବେଦନା ନେଇ ଦୀକ୍ଷା ମନୁଷ୍ୟକୁ ଦକ୍ଷ କରିତୋଳେ। ଧୃତି ଓ କୃତି ଦୁଇଟି ହିଁ ଦୀପ୍ତ ହୋଇଉଠେ। ଏହା ସହିତ ମନୁଷ୍ୟର ସଂହତି ଓ ଦକ୍ଷତା ମଧ ବଢ଼ିଯାଏ। ସଦ୍‌ଗୁରୁ ନିର୍ଦ୍ଦେଶିତ ଦୀକ୍ଷା ହେଉଛି ଯତ୍ର କାଳ ବିଚାରଣା।


ସହପ୍ରତିରଦ୍ଧିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୬


# ଆନନ୍ଦମୟ ମାନସିକତା

**ଡାକ୍ତର ସମ୍ରାଟ କର**

ମୋ ଡିଟିପି କାର୍ଯ୍ୟରେ ଢ଼େର ସହଯୋଗ କରୁଥିବା ବନ୍ଧୁ ଶ୍ରୀକାନ୍ତ ସେ ଦିନ ବଡ଼ ବ୍ୟସ୍ତ ହୋଇପଡ଼ି ମୋତେ ଫୋନ କଲେ। ସକାଳୁ ସେ ତାଙ୍କର କିଛି ସମୟ ବ୍ୟକ୍ତିଗତ କାର୍ଯ୍ୟ ପାଇଁ ବ୍ୟୟ କରନ୍ତି ପରେ ଓଡ଼ିଶା ସରକାରଙ୍କ ପଦସ୍ଥ କାର୍ଯ୍ୟାଳୟରେ ସେ ନିଜ ସମୟ ଦିଅନ୍ତି। ଯଦିଓ ଘରୁ ଓ ତାଙ୍କ କାର୍ଯ୍ୟାଳୟ କ୍ଷେତ୍ର ଯିବା ଆସିବା ପାଖାପାଖି ପଚିଶ କିଲୋମିଟର ଭିତରେ ସେ ମୋତେ ସେ ଦିନ ପ୍ରଶ୍ନ କଲେ ସାର ଅଫିସରେ କିଛି ସମୟ କଲାପରେ କେଜାଣି କାହିଁକି ଟିକିଏ ଥକ୍କା ଲାଗୁଛି ଓ ନିଦ ଅନୁଭୂତ ହେଉଛି। ମୁଁ ତାଙ୍କ ଖାଦ୍ୟପେୟ ଓ ବିଶ୍ରାମର ସମସ୍ତ ଦିନଚର୍ଯ୍ୟା ବୁଝିବା ପରେ ତାଙ୍କୁ ସବିଶେଷ କହିଲି ବାସ୍ତବ କଥା ହେଉଛି ବେଳେ ବେଳେ ଏତେ ନିଦ ଅନୁଭବ କରିପାରନ୍ତି ଯେ ଆପଣଙ୍କ ଆଖି ସଂପୂର୍ଣ୍ଣ ବନ୍ଦ ହୋଇଯାଉଥିବ। ଏପରି ଅନୁଭବ କରୁଥିବା ବ୍ୟକ୍ତି ଆପଣ ଏକା ନୁହଁନ୍ତି। ପ୍ରକୃତ କଥା ହେଉଛି ନିଦ୍ରାହୀନତାର ସିଧା ପ୍ରଭାବ ଆମର କାର୍ଯ୍ୟ ଉପରେ ପଡ଼ିଥାଏ। ଅନେକ ସମୟ ପର୍ଯ୍ୟନ୍ତ ଗୋଟିଏ ଜାଗାରେ ବସି ରହିବା ଦ୍ୱାରା ମଧ ନିଦ ଆସିବା ସ୍ୱାଭାବିକ। ତାହେଲେ ରିଫ୍ରେଶ ହେବା ପାଇଁ କଣ କରିବା ଉଚିତ। ଆଜିକାଲି ଅଫିସ କାର୍ଯ୍ୟ ମଧ୍ୟରେ ନିଜକୁ ସତେଜ କରିବାକୁ ଏନଏସଡିଆର ଶବ୍ଦ ଗୁଗଲରେ ବହୁତ ସର୍ଚ୍ଚ କରାଯାଉଛି। ଏହି ଏନଏସଡିଆର କ'ଣ ଜାଣନ୍ତୁ? ଏନଏସଡିଆରକୁ ନନ ସ୍ଲିପ ଡିପ ରେଷ୍ଟ କୁହାଯାଉଛି। ନନ ସ୍ଲିପ ଡିପ ରେଷ୍ଟ ଆପଣଙ୍କ ବିଚାର ପ୍ରବାହ ଏବଂ ବ୍ରେନ ୱେଭ ଫ୍ରିକ୍ୱେନ୍ସିକୁ ଧିକା କରିବାରେ ସାହାଯ୍ୟ କରେ। ଏହା ମସ୍ତିଷ୍କ ଏବଂ ଶରୀରକୁ ଆରାମ ପ୍ରଦାନ କରିଥାଏ। ଏନଏସଡିଆର ଆଙ୍ଗଜାଇଟି କମ କରିବା ଏବଂ ଶିଖିବାରେ ମଧ ସାହାଯ୍ୟ କରେ। ଗୁଗଲ ସିଇଓ ସୁନ୍ଦର ପିଚାଇ ଥରେ ୱାଲ ଷ୍ଟ୍ରିଟ ଜର୍ଣ୍ଣାଲକୁ ଦେଇଥିବା ସାକ୍ଷାତକାରରେ କହିଥିଲେ, ସେ ନିଜକୁ ରିପ୍ରେଶ ରଖିବା ପାଇଁ ନନ୍ ସ୍ଲିପ ଡିପ ରେଷ୍ଟ ବା ଏନଏସଡିଆର ଆଧାରିତ ପଡ଼କାଷ୍ଟ ଶୁଣିଥାନ୍ତି। ସେ ୟୁଟ୍ୟୁବରେ ଏନଏସଡିଆର ଭିଡ଼ିଓ ଖୋଜନ୍ତି। ଯାହାର ପ୍ରୟୋଗ ସେ ନିଜକୁ ସତେଜ ରଖିବା ପାଇଁ କରନ୍ତି। ଏନଏସଡିଆର ସ୍ନାୟୁବିଜ୍ଞାନୀ ତଥା ଅନୁସନ୍ଧାନକାରୀ ଆଣ୍ଡ୍ରିୟୁ ହ୍ୟୁବରମ୍ୟାନଙ୍କ ଦ୍ୱାରା ବିକଶିତ କରାଯାଇଥିଲା। ବାସ୍ତବରେ ଏହା ବହୁ ବର୍ଷ ପୁରୁଣା ଅଭ୍ୟାସ ଯୋଗ ନିଦ୍ରାର ଦ୍ୱିତୀୟ ନାମ। ଯାହାକୁ ଯୋଗ ନିଦ ମଧ କୁହାଯାଇଥାଏ। ଏନଏସଡିଆର ଏକ ପ୍ରକାର ଧାନର ଅଭ୍ୟାସ। ଏହି ସ୍ଥିତିରେ ସ୍ୱପ୍ନ ମଧ ଆସିଥାଏ। କିନ୍ତୁ ଆମେ ଶୋଇନଥାଉ। ଏହା ବ୍ୟକ୍ତିକୁ ଆରାମ ସ୍ଥିତିକୁ ନେଇଯାଇଥାଏ।

ଏହା ବାସ୍ତବରେ ଏକ ରୋଗ ନୁହେଁ। ଏହା ଅସଲରେ ହେଉଛି ଆମ କାର୍ଯ୍ୟ ବସ୍ତତା ଭିତରେ ବିରାମ ବା ବିରତିର ଯଥାର୍ଥ ଅଭାବ। ତେଣୁ ଆପଣ ନିଜ କାର୍ଯ୍ୟ ନିର୍ଘଣ୍ଟକୁ ଦେଖି ଖାଇବା ଓ ବିଶ୍ରାମ ପାଇଁ ସମୟ ରଖନ୍ତୁ। ଯୋଗାସନ, ପ୍ରାଣାୟମ, ପ୍ରାତଃ ଭ୍ରମଣ, ସାଇକେଲ ଚାଳନା, ସନ୍ତରଣ ଏସବୁ ଖୁବ ଭଲ ଅଭ୍ୟାସ। ସମସ୍ତ ପ୍ରକାର ନିଶାଦ୍ରବ୍ୟ ଓ ମାଦକ ସେବନ ଠାରୁ ଦୂରେଇ ରୁହନ୍ତୁ। ବଜାରର ତଥାକଥିତ ଫାଷ୍ଟଫୁଡ ଖାଇବା ଠାରୁ ସୁଷମ ଖାଦ୍ୟ ଖୁବ ଭଲ। ନିଜକୁ କାମ ଭିତରେ ସବୁବେଳେ ବୁଡ଼ାଇ ରଖନ୍ତୁ ନାହିଁ। ଅନ୍ତତଃ ନିଜ ପାଇଁ, ନିଜ ପରିବାର ପାଇଁ ସମୟ କାଢ଼ନ୍ତୁ। ସବୁବେଳେ ନିଜକୁ ପ୍ରଫୁଲ୍ଲିତ ଓ ଆନନ୍ଦମୟ ଚେତନା ଭିତରେ ରଖିବା ପାଇଁ ପ୍ରଚେଷ୍ଟା ରଖନ୍ତୁ। ପ୍ରତ୍ୟେକ ଲୋକର ଅସଲ ଶକ୍ତି ହେଉଛି ତା ପରିବାର। କାରଣ ତା ପରିବାର ହେଉଛି ସାମର୍ଥ୍ୟର ଶ୍ରେଷ୍ଠ ଉପଯୋଗୀ ଉପାଦାନର କ୍ଷେତ୍ର। ତେଣୁ ଏ କ୍ଷେତ୍ରରେ ଅନ୍ୟମାନଙ୍କର ବି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ନିଜକୁ ଆନନ୍ଦମୟ ମାନସିକତା ଭିତରେ ରଖିପାରିଲେ ଆପଣ ଏହି ଜଟିଳ ସ୍ୱାସ୍ଥ୍ୟ ସମସ୍ୟାରୁ ନିଜକୁ ଦୂରେଇ ପାରିବେ।


ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ୍, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ଅସହାୟ ଅବସ୍ଥାରେ ବାତ୍ୟା ଆଶ୍ରୟ ସ୍ଥଳୀ




ଅସ୍ତରଙ୍ଗ୨୫/୧୦ମହାଭାରତ - ୧୯୯୯ମସିହା ଅକ୍ଟୋବର୨୯ ଓଡିଶା ଉପକୂଳ କୁ ପଡିଥିଲା ମହାବିପତି ମାଡି ଆସିଥିଲା ପ୍ରଳୟଙ୍କରୀ ମହାବାତ୍ୟା ବୋହିଥିଲା ୩୦୦ରୁ ଉର୍ଦ୍ଧ୍ୱ କିଲୋମିଟର ବେଗରେ ପବନ ଉଚ୍ଛୁଳି ଥିଲା ସମୁଦ୍ର ଉପକୂଳର ବିଭିନ୍ନ ଅଂଚଳରେ ପଶିଥିଲା ଲୁଣିପାଣି ପବନ ସାଙ୍ଗକୁ ସମୁଦ୍ର ପାଣି ମାଡ଼ିଆସି ଭାଙ୍ଗିଯାଇଥିଲା ହଜାର ହଜାର ଘର ଗଛ ବୃଛ ଚାଲିଯାଇଥିଲା ଲକ୍ଷ୍ୟ ଲକ୍ଷ୍ୟ ଜୀବଜନ୍ତୁ ଙ୍କ ସମେତ୧୦ହଜାର ରୁ ଅଧିକ ଲୋକଙ୍କ ଜୀବନ। ସେହି ସମୟରେ ଘରଗୁଡିକ ଭାଙ୍ଗି ଯାଇଥିବା ରୁ ବେସାହାରା ହୋଇଥିବା ଲୋକମାନେ ମୁଣ୍ଡ ଗୁଞ୍ଜିବା ପାଇଁ କି ପେଟକୁ ଗଣ୍ଡେ ଦାନା ଯୋଗାଡ଼ କରିବା ପାଇଁ ହେଉ ଯେଉଁ ଦୁଃଖ କଷ୍ଟ ରେ ଜୀବନ ବିତାଇଥିଲେ ସେ କଥା ସାରା ଭାରତ କୁ ସ୍ତବ୍ଧ କରିଦେଇଥିଲା।ସେହି ଦୁଃଖଦ ଅନୁଭୂତି କୁ ଦୃଷ୍ଟି ରେ ରଖି ବାତ୍ୟା ସମୟରେ କିଭଳି ଉପକୂଳ ବାସୀ ଯେପରି ଆଉ ଅସୁବିଧା ର ସମ୍ମୁଖୀନ ନ ହୁଅନ୍ତି ସେଥି ପାଇଁ ଅସ୍ତରଙ୍ଗ ବ୍ଲକ ର ବିଭିନ୍ନ ସ୍ଥାନରେ ବିଭିନ୍ନ ସଂସ୍ଥା ତରଫରୁ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ବ୍ୟୟ ଅଟକଳ ରେ ତିଆରି ହୋଇଥିଲା ବାତ୍ୟା ଆଶ୍ରୟ ସ୍ଥଳୀ କିନ୍ତୁ କିଛି ଦିନ ସେବା ଯୋଗାଇ ଦେବା ପରେ ବାତ୍ୟା ଆଶ୍ରୟ ସ୍ଥଳୀ ହୋଇଗଲା ବେସାହାରା ପାଲଟି ଗଲା ଭୁତକୋଠି ଦୁର୍ବୁତ୍ତ ଙ୍କର ଲୋଲୁପ ଦୃଷ୍ଟି ରୁ ବର୍ତିପାରିଲା ନାହିଁ କବାଟ, ଝରକା ଏବଂ ଅନ୍ୟାନ୍ୟ ଆସବାବପତ୍ର ।ରକ୍ଷଣାବେକ୍ଷଣ ଅଭାବରୁ ଦୀର୍ଘ ଦିନ ଧରି ଅବହେଳିତ ହୋଇପଡିବା ଦ୍ୱାରା ଘର ଚାରିପଟେ ଗଛ ଲତା ଉଠି ଜଙ୍ଗଲ ହୋଇଗଲାଣି ଆଉ ଭିତରେ ଚାଲୁଛି ଅସାମାଜିକ କାର୍ଯ୍ୟ ସହିତ ନିଶାଡିଙ୍କ ଆଡାସ୍ଥଳୀ ।ଆଗକୁ ବାତ୍ୟା ମୋଚ୍ଛା ଆସୁଥିବା ରୁ ଭୟ ବାତାବରଣ ସୃଷ୍ଟି କରୁଚି ଅସ୍ତରଙ୍ଗ ବ୍ଲକ ପାଟଳଦା ପଞ୍ଚାୟତ ର ଭଣ୍ଡର ପଦା ଏବଂ ଛୁରିଆନା ପଞ୍ଚାୟତ ର ସୁଦୀକେଶ୍ୱର ଠାରେ ଥିବା ବାତ୍ୟା ଆଶ୍ରୟ ସ୍ଥଳୀ ରେ।ଏଠାରେ ସୂଚନା ଥାଉ କି ଏବେ ଯେମିତି ପ୍ରତିବର୍ଷ ବାତ୍ୟା ଓଡିଶାକୁ ଡ଼ରାଉଛି ଯଦି ଏହି ବାତ୍ୟା ଆଶ୍ରୟ ସ୍ଥଳୀ ଅବହେଳିତ ଅବସ୍ଥାରେ ରୁହେ ତାହାଲେ ବିପଦ ସମୟରେ ଲୋକମାନେ କିପରି ସେଇ ଫୁଙ୍ଗୁଳା ଘରେ ରହିବେ ତାହା ଗ୍ରାମ ବାସୀ ଙ୍କୁ ବ୍ୟଥିତ କରିଛି।ତେଣୁ ପ୍ରଶାସନ ତୁରନ୍ତ ସମସ୍ୟା କୁ ଗୁରୁତର ସହିତ ଗ୍ରହଣ କରି ଏହି ଆଶ୍ରୟ ସ୍ଥଳୀ ର ମରାମତି କରି ତାର ସୁ ପରିଚାଳନା ବ୍ୟବସ୍ଥା କରିବା ପାଇଁ ଅଞ୍ଚଳ ବାସୀ ଦାବି କରିଛନ୍ତି।

# ମାଲ୍ୟବନ୍ତ ମହୋତ୍ସବ ପ୍ରସ୍ତୁତି ବୈଠକ




ମାଲକାନଗିରି, (ମହାଭାରତ) : ଡିସେମ୍ବର ୧୪ ରୁ ୧୮ ପାଞ୍ଚ ଦିନ ବ୍ୟାପୀ ସ୍ଥାନୀୟ ଡିଏନକେ ଖେଳ ପଡିଆ ଠାରେ ଚଳିତ ବର୍ଷ ମାଲ୍ୟବନ୍ତ ମହୋତ୍ସବ-୨୦୨୫ ଅନୁଷ୍ଠିତ ହେବ। ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ମାଲ୍ୟବନ୍ତ ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦ ଅଧକ୍ଷ ସୋମେଶ କୁମାର ଉପାଧ୍ୟାୟ ଅଧକ୍ଷତା କରିଥିବା ବେଳେ ଜିଲ୍ଲା ପରିଷଦ ଅଧକ୍ଷା, ସମାରୀ ଟାଙ୍ଗୁଲ, ଉପାଧକ୍ଷ, ପତିତ ପାବନ ବୈଦ୍ୟ, ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍,ବନଖଣ୍ଡ ଅଧିକାରୀ ସାଇ କିରଣ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ,ବେଦବର ପ୍ରଧାନ, ଉପ ଜିଲ୍ଲାପାଳ ଅଶ୍ୱି ଏ ଏଲ୍, ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ମାଲକାନଗିରି ବିଧାୟକ ପ୍ରତିନିଧି ନିହାର ରାୟ ଓ ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର ଉପସ୍ଥିତ ଥିଲେ। ପାରମ୍ପରିକ ଲୋକ କଳା ଓ ଲୋକ ନୃତ୍ୟ, ପାରମ୍ପରିକ ଜନଜାତି ଭାଷା ସଂସ୍କୃତି ପରମ୍ପରାକୁ ବଜାୟ ରଖି ଏହି ମହୋତ୍ସବକୁ ପାଳନ କରିବା ପାଇଁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଏହି ମହୋତ୍ସବକୁ ଆଡମ୍ବର ଓ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଡିସେମ୍ବର ୨,୩ ଓ ୪ ରେ ବ୍ଲକ ସ୍ତରୀୟ ମହୋତ୍ସବ ପାଳନ ନିମନ୍ତେ ଏଠାରେ ନିଷ୍ପତ୍ତି ନିଆଯାଇଛି। ନଭେମ୍ବର ୩୦ରେ ସାତଟି ବ୍ଲକ୍ ର ପବିତ୍ର ସ୍ଥାନ ରୁ କଳସ ଜଳ ସଂଗ୍ରହ କରାଯାଇ ଜିଲ୍ଲା ସଦର ମହକୁମାସ୍ଥିତ ଭୈରବୀ ମନ୍ଦିର ଠାରେ ଏକତ୍ରିତ ହୋଇ ଜଗନ୍ନାଥ ମନ୍ଦିର ଅଭିମୁଖେ ଶୋଭାଯାତ୍ରା କରାଯିବ। ଚଳିତ ବର୍ଷ ନୌକା ଚାଳନା ପ୍ରତିଯୋଗିତା ପାଇଁ ଅନ୍ୟ ଜିଲ୍ଲାକୁ ମଧ୍ୟ ନିମନ୍ତ୍ରଣ କରାଯିବ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ମାଲ୍ୟବନ୍ତ ମହୋତ୍ସବରେ ସମ୍ମାନିତ କରାଯିବ। ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସଂସ୍କୃତି ଭବନ ଠାରେ ଦୁଇ ଦିନ ଧରି ଲୋକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପୂର୍ବ ବର୍ଷ ଭଳି ମିନି ମାରାଥନ, ନୌକା ଚାଳନା ଓ ପଥ ଉତ୍ସବ ଆୟୋଜନ ହେବ। ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ନ୍ୟାସ ନାରାୟଣ ପଣ୍ଡା ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ପ୍ରମିଳା ମାଝୀ, ପିଏ ଆଇଟିଡିଏ, ହଳଧର ଶବର, ଅର୍ଥ ପରିଚାଳକ ମାନସ ମିଶ୍ରଙ୍କ ସମେତ ସମସ୍ତ ବ୍ଲକ ଅଧକ୍ଷ, ଜିଲ୍ଲା ପରିଷଦ ସଦସ୍ୟ, ବିଡିଓ, ତହସିଲଦାର ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇ ମୃତ

ରାଇଘର, (ମହାଭାରତ) : ରାଇଘର ବ୍ଲକ କୁରୁବେଳା ପାଖ ଭାରତମାଳା ରାସ୍ତା ଉପରେ ତିନି ଦିନ ଧରି ଖରାପ ହୋଇ ଏକ ଟ୍ରକ ରାସ୍ତା ଉପରେ ଛିଡ଼ା ହୋଇଥିବା ବେଳେ ସେହି ଟ୍ରକ ପଛପଟେ ଦ୍ରୁତଗତିରେ ଆସୁଥିବା ଏକ ମଟର ସାଇକେଲ ରେ ଦୁଇଜଣ କଚରାପାରା ଆଦିବାସୀ ଗ୍ରାମ ର ରୋହିତ ଗଣ୍ଡ ଏବଂ ରାଜୁ ପାଣ୍ଡେ ପିଟି ହୋଇ ଟ୍ରକ ଚକ ଭିତରେ ପଶି ଯିବା ଫଳରେ ଘଟଣା ସ୍ଥଳରେ ଦୁଇଜଣ ଙ୍କ ମୃତ୍ୟୁ ଘଟିଛି, ଘଟଣାପାଇଁ ରାଇଘର ପୋଲିସ ମନୋରଞ୍ଜନ ମିଶ୍ର ଏବଂ ହୋମ ଗାର୍ଡ ମାନେ ପହଞ୍ଚି ଶବ ଜବତ କରି ତଦନ୍ତ ଚଳେଇଛନ୍ତି।।

# ମନ୍ଦାରିଆପାଟଣାକୁ ରାଜସ୍ୱ ଗ୍ରାମ ପାଇଁ ଉଠିଲା ଦାବୀ

ବାଲିଅନ୍ତା, (ମହାଭାରତ) : ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତର ଜୟରଶାସନ ମୌଜା ଅଧିନରେ ଥିବା ମନ୍ଦାରିଆପାଟଣା ଗ୍ରାମକୁ ପୃଥକ ରାଜସ୍ୱ ଗ୍ରାମ ଘୋଷଣା କରିବା ଦାବିରେ ଗ୍ରାମବାସୀଙ୍କ ଦ୍ୱାରା ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଦାବିପତ୍ର ପୂର୍ବରୁ ପ୍ରଦାନ କରା ଯାଇଥିବା ବେଳେ ଏହା ସମ୍ବନ୍ଧରେ ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା ୨୦୭୭୨ / ଏଲ୍ ଆର୍ ତା. ୩୧.୧୨.୨୦୨୪ ଏବଂ ଉପ-ଜିଲ୍ଲାପାଳ ଭୁବନେଶ୍ୱରଙ୍କ ପତ୍ର ସଂଖ୍ୟା ୧୦୪୧୬ / ଅଭିଯୋଗ ତା. ୨୫.୦୯.୨୦୨୫ ଅନୁସାରେ ଏହି ଅଭିଯୋଗପତ୍ର ସମ୍ପର୍କିତ ଶୁଣାଣି ଗତ ୯ ଅକ୍ଟୋବର ତାରିଖରେ ବାଲିଅନ୍ତା ତହସିଲ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା।ଏହି ଶୁଣାଣିରେ ଅତିରିକ୍ତ ତହସିଲଦାର ବାଲିଅନ୍ତା, ୧୬ନମ୍ବର ଜୋନ ଜିଲ୍ଲାପରିଷଦ ସଦସ୍ୟ, ଜଗନ୍ନାଥପୁର ସରପଞ୍ଚ ଓ ନାଏବ ସରପଞ୍ଚଙ୍କ ସହିତ ଅନେକ ସ୍ଥାନୀୟ ପ୍ରତିନିଧି ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଯଦି ମୂଳ ରାଜସ୍ୱ ଗ୍ରାମଠାରୁ ୫୦୦ ମିଟର ଦୂରରେ ଏବଂ ୨୫୦ ରୁ ଅଧିକ ଲୋକସଂଖ୍ୟା ଥାଏ, ତେବେ ସେହି ପଡାକୁ ପୃଥକ ରାଜସ୍ୱ ଗ୍ରାମ ମାନ୍ୟତା ଦିଆଯିବ । ଏହି ନିୟମ ଆଧାରରେ ମନ୍ଦାରିଆପାଟଣା ଗ୍ରାମ ଏହି ଯୋଗ୍ୟତା ପୂରଣ କରୁଛି ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମର ଭୋଟର ସଂଖ୍ୟା ୧୨୭୨, ଏବଂ ଦୁଇ କିଲୋମିଟର ବ୍ୟାପି ଭୌଗଳିକ ପରିସୀମା ରହିଛି। ଏଠାରେ ପ୍ରାଥମିକ ବିଦ୍ୟାଳୟ, ମଧ ଇଂରାଜୀ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ମହାଦେବ ମନ୍ଦିର, ଗ୍ରାମଦେବତୀ ମନ୍ଦିର, ଭାଗବତ ଘର, ଗ୍ରାମ ଶ୍ମଶାନ ଏବଂ ବଡ ପୁଷ୍କରିଣୀ ରହିଛି ଯାହା ଏକ ସ୍ୱତନ୍ତ୍ର ଗ୍ରାମ ଭାବେ ମାନ୍ୟତା ପାଇବା ପାଇଁ ଆବଶ୍ୟକ ସମସ୍ତ ସୁବିଧା ରହିଛି। ଅନ୍ୟପଟେ, ମୂଳ ରାଜସ୍ୱ ଗ୍ରାମ ଜୟରଶାସନ, ଫୁଲନଖରା-ନିଆଳି ୬୦ନଂ ରାଜ୍ୟ ରାଜପଥ ଓ ଜଳସମ୍ପଦ ବିଭାଗ ଅନ୍ତର୍ଗତ ପ୍ରାଚୀ ଡିଭିଜନ ଫୁଲନଖରା ଡିଷ୍ଟ୍ରିବ୍ୟୁଟାରି କେନାଲର ଡାହାଣ ପାର୍ଶ୍ୱରେ ଥିବା ବେଳେ, ମନ୍ଦାରିଆପାଟଣା ଗ୍ରାମ ଏହାର ବାମପାର୍ଶ୍ୱରେ ଅବସ୍ଥିତ। ଜନସଂଖ୍ୟା ଓ ଭୋଟର ଦୃଷ୍ଟିରୁ ମନ୍ଦାରିଆପାଟଣା ଜୟରଶାସନ ତୁଳନାରେ ଦୁଇଗୁଣ ଅଟେ। ଏହି ସମସ୍ତ ତଥ୍ୟ ଓ ଯାଞ୍ଚ ଆଧାରରେ, ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ବାଲିଅନ୍ତା ତହସିଲଦାର ଶ୍ରୀ ଲୀଲନ ପ୍ରସାଦ ସାହୁ, ରାଜସ୍ୱ ସୁପରଭାଇଜର ଓ ନିରୀକ୍ଷକ ବାଲିଅନ୍ତା ମିଳିତ ଭାବରେ ଗତ ୨୨ ଅକ୍ଟୋବର ୨୦୨୫ (ବୁଧବାର) ଦିନ ଜଗନ୍ନାଥପୁର ପଞ୍ଚାୟତର ଜୟରଶାସନ ମୌଜାର ତିନୋଟି ପଡା ଯଥା ମନ୍ଦାରିଆପାଟଣା, ମହାନ୍ତିପାଟଣା ଓ ମୁସଲମାନ ବସ୍ତି ଥିବା ଗ୍ରାମର ସୀମା ନିରୀକ୍ଷଣ କରିଥିଲେ। ଗ୍ରାମବାସୀମାନେ ଆଶା ରଖିଛନ୍ତି ଯେ, ଶିଘ୍ର ମନ୍ଦାରିଆପାଟଣା ରାଜସ୍ୱ ଗ୍ରାମ ଘୋଷିତ ହେବା ପରେ ସମସ୍ତ ସରକାରୀ ସେବା ଓ ସୁବିଧାଗୁଡିକ ଗ୍ରାମରେ ସହଜରେ ମିଳିପାରିବ।

# ସରକାରୀ ବିଦ୍ୟାଳୟରେ ଅଧ୍ୟୟନ ରତ ବିଦ୍ୟାର୍ଥୀ ମାନଙ୍କର ଉତ୍କୃଷ୍ଟ ପରୀକ୍ଷାଫଳ ଏବଂ ପ୍ରାକ୍ ମାଟ୍ରିକ ଛାତ୍ର ବୃତ୍ତି ସକାଶେ ପ୍ରଧାନ ଶିକ୍ଷକ ମାନଙ୍କର ସମ୍ମିଳନୀ

ନବରଙ୍ଗପୁର, (ମହାଭାରତ) : ଆଜି ଜିଲ୍ଲା ଶିକ୍ଷା ଅଧିକାରୀ, ନବରଙ୍ଗପୁର ଛତ୍ରପତି ସାହୁଙ୍କ ଅଧକ୍ଷତାରେ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ନେଇ ଏକ ସମ୍ମିଳନୀ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ନବରଙ୍ଗପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ଜିଲ୍ଲା ମଙ୍ଗଳ ଅଧିକାରୀ, ଉପ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ, ଜିଲ୍ଲା ଛାତ୍ରପୃତି ସଂଯୋଜକ, ପ୍ରୋଗ୍ରାମ ମ୍ୟାନେଜର, ପିରାମଲ୍ ଫାଉଣ୍ଡେସନ, ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟତ୍ରୀ ଯୋଗ ଦେଇଥିଲେ । ଉକ୍ତ ବୈଠକରେ ଜିଲ୍ଲା ରେ ସୁପର -୧୦୦ ଆରମ୍ଭ କରିବା ପାଇଁ ହୋଇଥିବା ସ୍କ୍ରିନି ର ଫଳାଫଳ ଉପରେ ସମୀକ୍ଷା କରାଯାଇଥିଲା । କିପରି ଭାବେ ଜିଲ୍ଲାରେ ଛାତ୍ର ଛାତ୍ରୀ ମାନଙ୍କର ପରୀକ୍ଷାଫଳ ମାର୍କରେ ବୃଦ୍ଧି ହେବ ତାହା ଉପରେ କାର୍ଯ୍ୟକାରୀ ଯୋଜନା ତିଆରି କରାଯାଇଥିଲା । ଆଗାମୀ ଦଶମ ବୋର୍ଡ଼ ପରୀକ୍ଷାରେ ଜିଲ୍ଲାରେ କିପରି ଅଧିକ ଇ -୧, ଇ-୨ ଫଳାଫଳ ଅଧିକ ହେବ ତାହା ପାଇଁ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଜିଲ୍ଲା ରେ କିପରି ୧୦୦% ଛାତ୍ର ଛାତ୍ରୀ ଆଗାମୀ ମାଟ୍ରିକ ପରୀକ୍ଷାରେ ସଫଳ ହେବେ ,ତାହା ଆଲୋଚନା କରାଯାଇଥିଲା । ଜିଲ୍ଲା ଦ୍ୱାରା ପ୍ରସ୍ତୁତ 'ସ୍ୱାର୍କ' ମାଧମରେ ପ୍ରସ୍ତୁତ ୧ ଲକ୍ଷ୍ୟ ପ୍ରଶ୍ନପତ୍ର କୁ ଛାତ୍ରମାନଙ୍କୁ ପଢ଼ାଇବା ପାଇଁ କୁହାଯାଇଥିଲା । ପ୍ରଧାନ ଶିକ୍ଷକ ମାନଙ୍କୁ ୧୦୦ ଦିନିଆ କାର୍ଯ୍ୟ ଯୋଜନା କରିବା ପାଇଁ ସମସ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଲ୍ଲା ମଙ୍ଗଳ ଅଧିକାରୀ ଛାତ୍ର ଛାତ୍ରୀ ମାନଙ୍କୁ ମିଳୁଥିବା ଛାତ୍ରବୃତ୍ତି ବିଷୟରେ ଆଲୋଚନା କରିଥିଲେ। ଏହି ବର୍ଷ ଠାରୁ ପ୍ରାକ୍ ଛାତ୍ରବୃତ୍ତି ପାଇଁ ଓ .ଟି . ଆର୍ କରିବା ଆବଶ୍ୟକ ଅଛି, ସେଥିପାଇଁ ଶିକ୍ଷକ ମାନେ କିପରି ଓ . ଟି. ଆର୍ କରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା । ଏହି ଶିକ୍ଷା ବର୍ଷରେ କିପରି ପ୍ରାକ୍ ମାଟ୍ରିକ ଛାତ୍ର ବୃତ୍ତି ୧୦୦% ଛାତ୍ର ଛାତ୍ରୀ ପାଇ ପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା । ଏହାସହିତ ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା ରେ କିପରି ନବମ ଏବଂ ଏକାଦଶ ଶ୍ରେଣୀରେ ଅଧ୍ୟୟନ କରୁଥିବା ଅନୁସୂଚିତ ଜନଜାତି ପିଲାମାନଙ୍କୁ ୫୦୦୦ ଟଙ୍କା ମିଳିବ ତା ଉପରେ ଆଲୋଚନା ହୋଇଥିଲା। ସେହିପରି ପ୍ରାକ୍ ମାଟ୍ରିକ ଛାତ୍ର ବୃତ୍ତି ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ୩୫୦୦ ଟଙ୍କାରୁ ଆରମ୍ଭ କରି ୭୦୦୦ ଟଙ୍କା ସର୍ତ୍ତ ଅନୁସାରେ ମିଳିଥାଏ । ସରକାରି ବିଦ୍ୟାଳୟରେ ଅଧ୍ୟୟନ ରତ ସମସ୍ତ ଛାତ୍ର ଛାତ୍ରୀ ଯାହାର ପରିବାରର ମାସିକ ଆୟ ଦୁଇ ଲକ୍ଷ୍ୟ ପଚାଶ ହଜାର ରୁ କମ ହେବା ଆବଶ୍ୟକ ଏବଂ ଅର୍ଦ୍ଧ ସରକାରୀ ବିଦ୍ୟାଳୟର ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଛାତ୍ର ଛାତ୍ରୀ ହିଁ ପାଇ ପାରିବେ । ପ୍ରାକ୍ ମାଟ୍ରିକ ଛାତ୍ର ବୃତ୍ତି ରାଜ୍ୟ ଛାତ୍ର ବୃତ୍ତି ପୋର୍ଟାଲ ରେ ଏବଂ ଓ. ଟି. ଆର୍ ଜାତୀୟ ଛାତ୍ର ବୃତ୍ତି ପୋର୍ଟାଲ ରେ ଆବେଦନ କରାଯାଇପାରିବ । ଛାତ୍ର ବୃତ୍ତି ଆବେଦନ କରିବାର ଶେଷ ତାରିଖ ୧୬ ଡିସେମ୍ବର ୨୦୨୫ ବୋଲି ସୂଚନା ଦିଆଯାଇଥିଲା।

# ପୂର୍ବରୁ ତହସିଲଦାରଙ୍କୁ ଏବେ ବାଲି ସତ୍ୟାଗ୍ରହୀଙ୍କୁ ଗାଡ଼ି ଚଢାଇ ମାରିଦେବାକୁ ଧମକ

ହାଟଡିହି, (ମହାଭାରତ) :ଗତକାଲି ଆମ୍ରୋ ପଞ୍ଚାୟତ କରୋ ଗୋଳା ବେଆଇନି ବାଲି ଘାଟରୁ ବାଲି ପରିବହନ କୁ ବିରୋଧ କରି ଶତାଧିକ ପୁରୁଷ ମହିଳା ବାଲି ସତ୍ୟାଗ୍ରହ ଆରମ୍ଭ କରିଥିଲେ । ସନ୍ଧ୍ୟାରେ ସତ୍ୟାଗ୍ରହୀ ମାନଙ୍କୁ ପ୍ରୋକ୍ଲେନ୍ ଓ ହାଇୱା ଚଢାଇ ମାରିଦେବାକୁ ଧମକ ଦେଇଥିଲେ। ଚୋରା ବାଲି ଚାଲାଣ କାରୀ ମାନେ ଉକ୍ଷିପ୍ତ ହୋଇ ଜୋର୍ ଜବରଦସ୍ତି ନେବାକୁ ଚେଷ୍ଟା କରିଥିବା ବେଳେ ଉଭୟ ଙ୍କ ମଧ୍ୟରେ ବଡ ଧରଣର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ପୋଲିସ ପହଁଚି ଗାଡ଼ି ଓ ମେଶିନିକୁ ଘଉଡାଇ ଦେଇଥିଲେ। କିନ୍ତୁ ସାରା ରାତି ସତ୍ୟାଗ୍ରହୀ ମାନେ ବାଲି ଘାଟ ଜଗି ରହି ଥିଲେ। ଯାହା ହେଲେ ବି ଆମେ ବାଲି ବିକ୍ରି ବନ୍ଦ କରିବୁ ନାହିଁ ବୋଲି ଚୋରା ବାଲି ଚାଲାଣ କାରୀ ମାନେ ବାରମ୍ବାର ଧମକ ଦେଉଥିବା ସତ୍ୟଗ୍ରହି ମାନେ କହିଥିଲେ। ଏହି ସତ୍ୟାଗ୍ରହରେ ଏବେ ବାଲି ଚୋରା ଚାଲାଣ ର ଚିତ୍ର କୁ ପୁରା ରାଜ୍ୟରେ ଜିଲ୍ଲା ପ୍ରଶାସନ ଓ ମୁଖ୍ୟମନ୍ତ୍ରୀ ଙ୍କ ଚିତ୍ର କୁ ପଦା ରେ ପକାଇ ଦେଇଛି । ଯଦି ଆଗାମୀ ଦିନରେ ସରକାର ବାଲି ଚୋରା ଚାଲାଣ ଅଭିଯୋଗରେ ବଡ କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି ତାହାଲେ ନଦୀ କୂଳିଆ ଅଞ୍ଚଳରେ ଲୋକମାନଙ୍କ ମଧ୍ୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ବୋଲି ଆଶଙ୍କା କରାଯାଉଛି।

# ଧାନ ଜମିରେ ଓଲଟିଲା ବାଲି ବୋଝେଇ ହାଇୱା

ହାଟଡିହି, (ମହାଭାରତ) : ଏବେ ହାଟଡିହି ବ୍ଲକ ରେ ବିଭିନ୍ନ ବାଲି ଘାଟ ରୁ ବାଲି ପରିବହନ ଜୋରଦାର ହେଉଥିବାରୁ ହାଇୱା ଗାଡ଼ି ମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରତି ଯୋଗିତା ଚାଲିଛି। ଯିଏ ଯେତେ ଟ୍ରିପ୍ କରିବ ସିଏ ସେତେ ପରିମାଣ ରେ କମିଶନି ବାଲି ଘାଟ ରୁ ପାଇ ପାରିବ। ତେଣୁ ଏହି ପ୍ରତିଯୋଗିତା ମଧ୍ୟରେ ସାଧାରଣ ଲୋକଙ୍କ ପାଇଁ ଯାତାୟତ କରିବା ବଡ କଷ୍ଟ କର ହୋଇ ପଡ଼ିଛି। ଯାହାକି ସୂଚନା ଅନୁଯାୟୀ ସାଲନିଆ - ଓରାଳି ରାସ୍ତା ର କଳିଗାଁ ନିକଟରେ ଏକ ବାଲି ବୋଝେଇ ହାଇୱା ଓଲଟି ପଡିଥିଲା। ଏଥିରେ ଜଣେ ଧାନ ଚାଷୀର ଚାଷ ଜମି ରେ ବାଲି ଟ୍ରକ ଟି ପଡ଼ିଯିବା ଫଳରେ ଚାଷୀ ର ଜମି ରେ ବାଲି ଚର ମାଡ଼ି ଯାଇଥିଲା। ଯାହାକୁ ନେଇ ଟ୍ରକ୍ ମାଲିକ ହାଇଡ୍ରା ମଧ୍ୟାମ ରେ ଟ୍ରକ୍ ଟି ଉଠାଇ ଦେଇଥିଲା ବେଳେ ବାଲି ସେମିତି ପଡ଼ିରହିଥିଲା। ଉକ୍ତ ଚାଷୀ ଙ୍କୁ କ୍ଷୟକ୍ଷତି ବାବଦ କୁ ଅଳ୍ପ କିଛି ଅର୍ଥ ଦେଇ କଥା କୁ ସମାଧାନ କରିଥିବା ଜଣାପଡିଛି।

# ଭବାନୀପାଟଣା ଠାରେ ୧୯ତମ ଶ୍ରୀ ଶ୍ରୀ ଚିତ୍ରଗୁପ୍ତ ପୂଜନୋତ୍ସବ

କଳାହାଣ୍ଡି, (ମହାଭାରତ) : କଳାହାଣ୍ଡି କରଣ ସମାଜ ତରଫରୁ ଦୁଇଦିନ ବ୍ୟାପି ସ୍ଥାନୀୟ ଭବାନୀପାଟଣା ସ୍ଥିତ ସମାଜ ତରଫରୁ ନୂତନ ଭାବରେ ନିର୍ମାଣ କରାଯାଇଥିବା ପ୍ରଭୁ ଚିତ୍ରଗୁପ୍ତ ଙ୍କ ଭବ୍ୟ ମନ୍ଦିର ଠାରେ ୧୯ ତମ ଶ୍ରୀ ଶ୍ରୀ ଚିତ୍ରଗୁପ୍ତଙ୍କ ପୂଜନୋତ୍ସବ ମହା ଅଓଡ଼ମ୍ବରରେ ପାଳିତ ହୋଇଯାଇଅଛି । କଳାହାଣ୍ଡି କରଣ ସମାଜର ଜିଲ୍ଲା ସଭାପତି ରାମ ଶଙ୍କର ଦାସ ଏବଂ ଜିଲ୍ଲା ସମ୍ପାଦକ ପ୍ରଦୀପ କୁମାର ପଟ୍ଟନାୟକ ଙ୍କ ନେତୃତ୍ୱ ରେ ଏହି ୧୯ତମ ଚିତ୍ରଗୁପ୍ତ ପୂଜାଟି ହୋଇଅଛି । ପ୍ରଥମ ଦିବସର ସନ୍ଧ୍ୟଓରେ ସମାଜର ଶହ ଶହ ମହିଳାମାନଙ୍କ ଦ୍ୱାରା କଳସ ଯାତ୍ରାରେ ସହର ପରିକ୍ରମା କରିଥିଲେ । ଭବାନୀ ଶଙ୍କର ମନ୍ଦିର ସମ୍ମୁଖ ପୁରୁଷ୍ତମ ସାଗର ଠାରୁ ପାଣି ଆଣିବାପରେ ପୂଜାବିଧି ଆରମ୍ଭ ହୋଇଥିଲା । ଏହିବର୍ଷ କର୍ତ୍ତା ଭାବରେ ସୁଶ୍ରୀ ସବିତା ପଟ୍ଟନାୟକ ରହିଥିଲେ । ଏହି ପୂଜା ନିମନ୍ତେ ସମାଜର ଛାତ୍ର, ଛାତ୍ରୀ, ମହିଳା ଏବଂ ପୁରୁଷବର୍ଗର ବିଭିନ୍ନ ପ୍ରତିଯୋଗୀତା ମାନ ସମାଜ ତରଫରୁ ଆୟୋଜନ କରାଯାଇଥିଲା ଓ ଏବଂ କୃତି ପ୍ରତିଯୋଗୀମାନଙ୍କୁ ପ୍ରଥମ ଦିବସରେ ଉପଦେଷ୍ଟା ମଣ୍ଡଳୀର ଅଧକ୍ଷ୍ୟ ଏବଂ ଅନ୍ୟାନ୍ୟ ସଦସ୍ୟମାନଙ୍କ ଦ୍ୱାରା ମଞ୍ଚ ଉପରେ ପୁରସ୍କୃତ କରାଯାଇଥିଲା । ଏହାପରେ କୁନିକୁନି ପୁଅ ମାନଙ୍କ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା ଓ ଉତ୍ସବର ଦ୍ୱିତୀୟ ଦିବସରେ ସନ୍ଧ୍ୟାରେ କୃତି ପ୍ରତିଯୋଗୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ଗଞ୍ଜାମ ର ଛତ୍ରପୁରରୁ ପୂର୍ବତନ ସର୍ବଭାରତୀୟ ବ୍ୟାଙ୍କ ସଂଘର ଆବାହକ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଉପସ୍ଥିତ ରହିଥିବାବେଳେ କଳାହାଣ୍ଡି କରଣ ସମାଜର ଜିଲ୍ଲା ସଭାପତି ରାମ ଶଙ୍କର ଦାସ, ଜିଲ୍ଲା ସମ୍ପାଦକ ପ୍ରଦୀପ ପଟ୍ଟନାୟକ, ମୁଖ୍ୟ ଉପଦେଷ୍ଟା କାଳୀ ପ୍ରସାଦ ପଟ୍ଟନାୟକ, ମହିଳା ମଣ୍ଡଳୀର ଅଓବାହିକା ସୁଶ୍ରୀ ସବିତା ପଟ୍ଟନାୟକ ଏବଂ ଯୁବ ସମାଜର ଆବାହକ ପ୍ରଦୀପ କୁମାର ଦାସ ମଂଚାସୀନ ରହିଥିଲେ । ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିବାବେଳେ ସାଙ୍ଗଠନିକ ସମ୍ପାଦକ ଦେବାଶିଷ ପଟ୍ଟନାୟକ ସମସ୍ତ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ । ଲଳିତ ପଟ୍ଟନାୟକ ଓ ରୁବି ମହାନ୍ତି ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ ଓ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପଟ୍ଟନାୟକ କଳାହାଣ୍ଡି କରଣ ସମାଜ ପ୍ରତି ଅତ୍ୟନ୍ତ ଖୁସି ହୋଇ ଏହାର ଏକ ପ୍ରାଥମିକ ସଦସ୍ୟ ହେବାକୁ ଅନୁରୋଧ ରଖିଥିଲେ ଏବଂ ସମାଜକୁ ଆହୁରି ସୁଦୃଢ କରିବାକୁ କର୍ଣ୍ଣମନ୍ତ୍ର ଦେଇଥିଲେ । ଅନ୍ୟାନ୍ୟ ଅତିଥିଗଣ ଦୀର୍ଘ ୧୯ ବର୍ଷର ଅନୁଭୂତି ସର୍ବସମ୍ମୁଖରେ ରଖିଥିବାବେଳେ ଯୁବସମାଜ ର ଆବାହକ ପ୍ରଦୀପ କୁମାର ଦାସ ମଂଚାସୀନ ସମସ୍ତ ଅତିଥିମାନଙ୍କୁ ସେମାନଙ୍କର ସମାଜ ପ୍ରତି ଅବଦାନ, ନିଷ୍ଠା,ଓ ତ୍ୟାଗ ପାଇଁ ସମାଜ ତରଫରୁ ଧନ୍ୟବାଦ ଜଣାଇବା ସହ କୃତଜ୍ଞତା ଜ୍ଞ୍ୟାପନ କରିଥିଲେ ଏବଂ ସମାଜର ଯୁବକ ମାନଙ୍କୁ ସମାଜ ପ୍ରତି ପ୍ରତିବଦ୍ଧତା ରହିବା ପାଇଁ ଆହ୍ୱାନ ଜଣାଇଥିଲେ ଓ ଏବଂ ମନ୍ଦିର ପାଇଁ ସହଯୋଗ କରିଥିବା ସମସ୍ତ ରାଜନେତାମାନଙ୍କୁ, ଆର୍ଥିକ ସାହାଯ୍ୟ କରିଥିବା କରଣ ସମାଜର ବ୍ୟକ୍ତି ବିଶେଷ ମାନଙ୍କୁ ତଥା ବିଭିନ୍ନ ସମାଜ ଓ ଅନୁଷ୍ଠାନ ର ସହୃଦୟବାନ ବ୍ୟକ୍ତିବିଶେଷ ମାନଙ୍କୁ ମନ୍ଦିର ନିର୍ମାଣ ପାଇଁ ଦେଇଥିବା ଆର୍ଥିକ ଅନୁଦାନ ପାଇଁ ଧନ୍ୟବାଦ ଜଣାଇବା ସହ କୃତଜ୍ଞତା ଜ୍ଞ୍ୟାପନ କରିଥିଲେ । ଜିଲ୍ଲା ର ସମସ୍ତ ସାମ୍ବାଦିକ ବନ୍ଧୁ ମାନଙ୍କୁ ସେମାନଙ୍କର କରଣ ସମାଜ ପ୍ରତି ବିଗତ ଦିନ ମାନଙ୍କରେ ସେମାନଙ୍କ ଲେଖନୀ ମାଧ୍ୟମରେ ସହଯୋଗ କରିଆସୁଥିବାରୁ ଅଶେଷ ଧନ୍ୟବାଦ ଜଣାଇଥିଲେ ।

# ରାଜ୍ୟ ବିଜେଡି ସମ୍ପାଦକ ପଦ୍ବୀ ହାଇଜାକ କରି ଲୋକ ହସା ହେଲେ ସନ୍ତୋଷ ପଟ୍ଟନାୟକ



ପାରାଦୀପ, (ମହାଭାରତ) : ରାଜ୍ୟ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ପଦ୍ବୀକୁ ଶ୍ରମିକ ନେତା ସନ୍ତୋଷ ପଟ୍ଟନାୟକ ହାଇଯାକ କରି ସାଧାରଣରେ ଲୋକହସା ହେବା ସାର ହୋଇଛି । ଏଭଳି ଜାଲିଆତି କରିଥିବା ଘଟଣା ପ୍ରଘଟ ହେବା ପରେ ଏବେ ପାରାଦୀପ ଠାରୁ ଆରମ୍ଭ କରି ଜଗତସିଂହପୁର ଜିଲ୍ଲା ସମେତ ରାଜଧାନୀ ଭୁବନେଶ୍ୱରରେ ଆରମ୍ଭ ହୋଇଥିବା ଚର୍ଚ୍ଚା ଥମିବାର ନାଁ ନେଉନି । ହସ୍ତଗତ ହୋଇଥିବା ଖବର ଅନୁଯାୟୀ ଗତ ଅକ୍ଟୋବର ୮ ତାରିଖରେ ଶଙ୍ଖ ଭବନରୁ ପ୍ରକାଶିତ ବିଜ୍ଞପ୍ତିନୁଜାୟୀ ୧୦ ନମ୍ବର କ୍ରମିକ ନମ୍ବରରେ ରାଜ୍ୟ ସମ୍ପାଦକ ଭାବେ ସନ୍ତୋଷ ପଟ୍ଟନାୟକଙ୍କ ନାମ ପ୍ରକାଶ ପାଇଥିବା ବେଳେ ସେଥିରେ ସେ କେଉ ଅଞ୍ଚଳର ବୋଲି ଉଲ୍ଲେଖ ନଥିଲା । ତେବେ ପାରାଦୀପର ଶ୍ରମିକ ନେତା ସନ୍ତୋଷ ପଟ୍ଟନାୟକ ନିଜେ ବିଜେଡି ସମ୍ପାଦକ ଭାବେ ନିଯୁକ୍ତି ପାଇଥିବା ନେଇ ତ୍ୱରିତ ବେଗରେ ପ୍ରଚାର ହେବା ଫଳରେ ଏଭଳି ଅପପ୍ରଚାରରେ ପ୍ରଭାବିତ ହୋଇ ପାରାଦୀପ ଓ କୁଜଙ୍ଗ ଆଦି ଅଞ୍ଚଳରେ ତାଙ୍କୁ ବିଭିନ୍ନ ସ୍ଥାନରେ ସପ୍ତାହ ବ୍ୟାପି ସମ୍ବର୍ଦ୍ଧନା ଦିଆଯାଇଥିବା ଦେଖିବାକୁ ମିଳିଥିଲା । ଏଭଳି ସମ୍ବର୍ଦ୍ଧନା ହେବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ଦେଖି ବାସ୍ତବରେ ଦଳର ସମ୍ପାଦକ ଭାବେ ନିଯୁକ୍ତି ପାଇଥିବା ସନ୍ତୋଷ ପଟ୍ଟନାୟକ ସୋସିଆଲ ମିଡିଆରେ ଜାରି କରିଥିଲେ କି , ଗତ ଅକ୍ଟୋବର ୨୪ ତାରିଖରେ ଶଙ୍ଖ ଭବନରୁ ଜାରି ହୋଇଥିବା ବିଜ୍ଞପ୍ତିରେ ନୂଆପଡା ଜିଲ୍ଲାର ଖରିଆଳ ଅଞ୍ଚଳର ସନ୍ତୋଷ ପଟ୍ଟନାୟକ ରାଜ୍ୟ ବିଜେଡି ସମ୍ପାଦକ ଭାବେ ନିଯୁକ୍ତି ହୋଇଥିବା ଜଣାପଡିବା ପରେ ପାରାଦୀପର ଶ୍ରମିକ ନେତା ସନ୍ତୋଷ ପଟ୍ଟନାୟକଙ୍କ କାରନାମା ଲୋକ ଲୋଚନକୁ ଆସିଯାଇଥିଲା । ତେବେ ରାଜ୍ୟ କାର୍ଯ୍ୟାଳୟରୁ ନିଜ ନିଯୁକ୍ତି ସମ୍ପର୍କରେ ସୁନିଶ୍ଚିତ ନ ହୋଇ କିମ୍ବା ନିଜେ ସବୁକିଛି ଜାଣି ସୁଦ୍ଧା ପାରାଦୀପରେ ନିଜର ପତିଆରା ଜାହିର କରିବାକୁ ନବୀନ ପଟ୍ଟନାୟକ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ କୃତଜ୍ଞତା ଜଣାଇବା ସହ ଦଳକୁ ମଜଭୁତ କରିବା ଦିଗରେ ଚେଷ୍ଟା ଜାରି ରଖିବେ ବୋଲି ବିଭିନ୍ନ ଗଣ ମାଧ୍ୟମରେ ବିବୃତି ଦେଇଥିଲେ । ଫଳରେ ବିଭିନ୍ନ ମହଲରୁ ପ୍ରତିଯୋଗିତା ମୂଳକ ଭାବେ ତାଙ୍କୁ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ସବୁଠାରୁ କୌତୁହଳ ବିଷୟ ହେଲା, ପାରାଦୀପ ବିଜେଡିର ଗୋଟିଏ ଗୋଷ୍ଠି ଏଥିରେ ଭାବ ବିହ୍ୱଳ ହୋଇ ତାଙ୍କୁ ବିଜୁ ମେମୋରିଆଲ ଟ୍ରଷ୍ଟରେ ଉତ୍ତରୀୟ ଓ ଫୁଲ ତୋଡା ଦେଇ ସମ୍ବର୍ଦ୍ଧିତ କରିବା ସହିତ ଗତ ଅକ୍ଟୋବର ୧୯ ତାରିଖରେ ପାରାଦୀପରେ ଅନୁଷ୍ଠିତ ବିଜେଡିର ପଦ ଯାତ୍ରାରେ ମଧ୍ୟ ପାରାଦୀପର ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ,ଶ୍ରମିକ ନେତା ବାପି ସାର୍ଖେଲ,ବିଜେଡିର ନାରୀ ନେତ୍ରୀ ସବିତା ମହାପାତ୍ର ପ୍ରମୁଖ ସନ୍ତୋଷ ପଟ୍ଟନାୟକଙ୍କୁ ଉକ୍ତ ପଦଯାତ୍ରାରେ ମୁଣ୍ଡିଆଳ ସଜେଇ ସହର ପରିକ୍ରମା କରିଥିବା ଦେଖିବାକୁ ମିଳିଥିଲା । ତେବେ ଅକ୍ଟୋବର ୨୪ ତାରିଖ ସୋସିଆଲ ମିଡିଆରେ ପାରାଦୀପର ସନ୍ତୋଷ ପଟ୍ଟନାୟକ ବିଜେଡି ସମ୍ପାଦକ ଭାବେ ନିଯୁକ୍ତି ହୋଇଥିବା ଖବରରେ କୌଣସି ସତ୍ୟତା ନଥିବା ଜଣାପଡିବା ପରେ ଆତ୍ମଘୋଷିତ ସନ୍ତୋଷଙ୍କ ବିରୋଧୀ ଗୋଷ୍ଠି ବଡ଼ପଡ଼ିଆ ବଣିକ ସଙ୍ଘ ସମ୍ମୁଖରେ ଶୁକ୍ରବାର ସନ୍ଧ୍ୟାରେ ପ୍ରତୀକାତ୍ମକ ଓ ବ୍ୟଙ୍ଗାତ୍ମକ ଭାବେ ବାଣ ଫୁଟାଇ,ପରସ୍ପର ଭିତରେ ମିଠା ଖୁଆଇ ଖୁସି ଜାହିର କରିଥିବା ଦେଖିବାକୁ ମିଳିଥିଲା । ଅପର ପକ୍ଷେ ପାରାଦୀପର ଯେଉ ବିଜେଡି ଗୋଷ୍ଠି ସନ୍ତୋଷ ପଟ୍ଟନାୟକ ଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିବା ସହିତ ଅକ୍ଟୋବର ୧୯ ତାରିଖ ପଦଯାତ୍ରାରେ ତାଙ୍କୁ ମଙ୍ଗୁଆଳ ସଜେଇଥିଲେ, ସେମାନେ ସରମରେ ଏବେ ପାଟି ଖୋଲିବାକୁ ସାହାସ କରି ପାରୁନଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି ।

## ଜିଲ୍ଲା ସ୍ତରୀୟ ଡିସଲେକ୍ସିଆ ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର, (ମହାଭାରତ) : ଜିଲ୍ଲା ସ୍ତରୀୟ ଡିସଲେକ୍ସିଆ ସଚେତନତା କାର୍ଯ୍ୟକ୍ରମ ୨୦୨୫ ଶିଶୁ ମାନଙ୍କୁ ନେଇ ଆଜି ସ୍ଥାନୀୟ ନରସିଂହ ସ୍ୱାଇଁ ସରକାରୀ ଉଚ୍ଚ ବିଦ୍ୟାଳୟ, କେନ୍ଦୁଝର ଠାରେ ଅନୁଷ୍ଠିତ ହୋଇଯାଇଅଛି ।ସର୍ବପ୍ରଥମେ ବିଭିନ୍ନ ବ୍ଲକ ରୁ ଆସିଥିବା ଛାତ୍ରଛାତ୍ରୀ ଓ ସ୍ଥାନୀୟ ଏନ ଏସ ପୋଲିସ ଉଚ୍ଚ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ରାଲି ବାହାରିଥିଲା ।ଏହି ରାଲି କୁ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣ ଚନ୍ଦ୍ର ବରିହା ପତାକା ଦେଖାଇ ଉଦ୍ଘାଟନ କରିଥିଲେ ।ଉଦ୍ଘାଟନୀ ସମାରୋହ ରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ମୁଖ୍ୟାଅତିଥି ଭାବେ ଯୋଗଦାନ କରି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଅତିରିକ୍ତ ଶିକ୍ଷାଧିକାରୀ(ସ୍କୀମ) ରୁଦ୍ର ନାରାୟଣ ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦାନ କରି ନିଜର ବକ୍ତବ୍ୟ ରଖିଥିଲେ ।ଅତିରିକ୍ତ ଶିକ୍ଷାଧିକାରୀ (ଏକାଡେମୀ) ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ସଂପୃକ୍ତ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ବେଲାମଣି ରାଉତ ଆଜିକାର ସଭାରେ ସଭାପତିତ୍ୱ କରିଥିଲେ । ଜିଲ୍ଲା ଅନ୍ତର୍ଭୁକ୍ତ ଶିକ୍ଷା ସଂଯୋଜକ ପୀତବାସ ସାହୁ କାର୍ଯ୍ୟକ୍ରମ ର ରୂପରେଖ ବିଷୟ ରେ ସୂଚନା ପ୍ରଦାନ କରିଥିଲେ ।ବିଭିନ୍ନ ବ୍ଲକ ରୁ ମନୋନୀତ ହୋଇ ଆସିଥିବା ଶିଶୁ ମାନେ ପ୍ରବନ୍ଧ,ପୋଷ୍ଟର ମେକିଙ୍ଗ ଓ କୁଇଜ୍ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥିଲେ କୃତୀ ପ୍ରତିଯୋଗୀ ଙ୍କୁ ପୁରସ୍କାର ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା ।ଶିକ୍ଷକ ବିଜୟ କୁମାର ମିଶ୍ର ,ରାଜେନ୍ଦ୍ର ସାହୁ ,ଭୁବନ ମିଶ୍ର,ଅନନ୍ତ ସାହୁ,ମନୋଜ ରଥ ,ଶିକ୍ଷୟିତ୍ରୀ ମନ୍ଦାକିନୀ କର,କମଳିନୀ ସାହୁ ,ସି ଆର ସି ସି ଲକ୍ଷ୍ମୀପ୍ରିୟା ବେହେରା,ସସ୍ମିତା ପଣ୍ଡା, ସୌଭାଗ୍ୟ ଦାସ ବିଚାରକ ଭାବେ ଯୋଗଦାନ କରି କାର୍ଯ୍ୟକ୍ରମ କୁ ଆଗେଇ ନେଇଥିଲେ ଜିଲ୍ଲା ସମଗ୍ର ଶିକ୍ଷା କେନ୍ଦୁଝର ସଦର ବି ଆର ଟି ମମତାରାଣୀ ମିଶ୍ର, ଶୁକଦେବ ପାଢ଼ୀ ଓ ସମସ୍ତ କର୍ମଚାରୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ କାର୍ଯ୍ୟକ୍ରମ ସମାପିତ ହୋଇଥିଲା ।

## ବେଆଇନ କାଠ ବୋଝେଇ ଟ୍ରକ ଜବତ: ଦୁଇ ଅଟକ

କେନ୍ଦୁଝର, (ମହାଭାରତ) : କେନ୍ଦୁଝର ବନ ବିଭାଗ ପକ୍ଷରୁ ଘଟଗାଁ ଏବଂ ଭୂୟା ଜୁଆଙ୍ଗ ପିଢ଼ ରେଞ୍ଜର ମିଳିତ ଅଭିଯାନରେ ଜଙ୍ଗଲ ଜମିରୁ ବେଆଇନ କାଟି ବାହାରକୁ ଚାଲାଣ ହେଉଥିବା ଏକ ୟୁକାଲିପଟାସ୍ ? (୧୦୦୦ ଘନଫୁଟରୁ ଅଧିକ) ବୋଝେଇ ଏକ ୧୪ ଚକିଆ ଟ୍ରକ (ଓଏ୧୫ଓୟୀ୯୭୦୦) ଜବତ କରିଛି । ଛତିଶଗଡ଼ ରାଜ୍ୟ ସୁରଜପୁରର ଈଶ୍ୱର ସିଂହ (୨୬), ଟ୍ରକ ଡ୍ରାଇଭର ଏବଂ କେନ୍ଦୁଝର ଜିଲ୍ଲାର ପାଟନା ଥାନା ଅନ୍ତର୍ଗତ ସିଲିପଦାର ଗଣେଶ୍ୱର ପାତ୍ର (୩୦) ନାମକ ଦୁଇ ଜଣଙ୍କୁ ଅଟକ ରଖି ଅଧିକ ତଦନ୍ତ କରୁଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବନ ବିଭାଗ ସୂତ୍ରରୁ ଜଣାପଡିଛି ଯେ, ପଣ୍ଡାପଡ଼ାର ମିଥ୍ୟା କାଗଜପତ୍ର ଦେଖାଇ ଘଟଗାଁ ରେଞ୍ଜ ଅନ୍ତର୍ଗତ ସାନ୍ତରାପୁର ଗ୍ରାମରୁ ଏକ କାଠ କାଠ ଲୋଡ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲେ । ଗାଡ଼ିଟି ମଧ୍ୟପ୍ରଦେଶ ରାଜ୍ୟ ଶାହଡୋଲକୁ ଯିବା ପାଇଁ ପ୍ରସ୍ତୁତି ହେଉଥିଲା ଏବଂ ଏ ନେଇ ଅଧିକ ତଦନ୍ତ ଚାଲିଛି ବୋଲି କେନ୍ଦୁଝରର ଡିଭିଜନାଲ ଫରେଷ୍ଟ ଅଫିସର ଧନରାଜ ଏଚଡି ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ସାନ୍ତରାପୁର ଅଞ୍ଚଳରୁ ଦୀର୍ଘ ବର୍ଷ ଧରି କାଠ ଚୋରାଚାଲାଣର ଅନେକ ମାମଲା ସତ୍ତ୍ୱେ ବନ ବିଭାଗ ରୋକିବାରେ ବିଫଳ ହେଉଛି । ଯାହା ପାଇଁ ଜଙ୍ଗଲର କ୍ଷୟ ଦ୍ରୁତ ଗତିରେ ଚାଲିଛି । ଏହାକୁ ନେଇ ପରିବେଶବିତ୍ ?ମାନେ ଚିନ୍ତାପ୍ରକଟ କରୁଛନ୍ତି । ତେଣୁ କାଠ ଚୋରାଚାଲାଣ ଘଟଣାରେ ସମ୍ପୃକ୍ତ ସ୍ଥାନୀୟ ଲୋକଙ୍କ ବିରୋଧରେ ବନ ବିଭାଗ କଠୋର କାର୍ଯ୍ୟାନୁଷ୍ଠାନ ନେବା ଉଚିତ ବୋଲି ସେମାନେ କହିଛନ୍ତି ।

## ମହିଳାଙ୍କୁ ହତ୍ୟା ଧମକ

ବାଲିଚନ୍ଦ୍ରପୁର, (ମହାଭାରତ) : ଏକ କୁକୁଡ଼ା ଫାର୍ମର ଅଳିଆ ଫିଙ୍ଗାକୁ ନେଇ ଦୁଇ ପରିବାରଙ୍କ ମଧ୍ୟରେ ଦୀର୍ଘଦିନ ହେବ ତିକ୍ତତା ଲାଗିରହିଥିବା ବେଳେ ଘଟଣାଟି ଉଗ୍ର ରୂପ ନେଇଛି । ଉଭୟ ପରିବାରଙ୍କ ମଧ୍ୟରେ ମାଡ଼ପିଟ ହୋଇ ଥାନାରେ ପହଂଚିଛନ୍ତି । ଘଟଣାରୁ ପ୍ରକାଶ ବାଲିଚନ୍ଦ୍ରପୁର ଥାନା ଅଧିନ ଭରତପୁର ଗ୍ରାମ ପ□ାୟତ ଅନ୍ତର୍ଗତ ପଣସୁଧା ଗ୍ରାମର ସୁକଦେବ ଦାସଙ୍କ ପୁଅ ଅଶୋକ ଦାସଙ୍କ ଏକ କୁକୁଡ଼ା ଫାର୍ମ ଅଛି । ଉକ୍ତ ଫାର୍ମଟି ବସ୍ତି ନିକଟରେ ଥିବାରୁ ଗନ୍ଧରେ ନାକଫାଟିପଡୁଛି । ଏପରିକି ଅଶୋକ ଏହି କୁକୁଡ଼ା ଫାର୍ମର ଅଳିଆଆବର୍ଜନାକୁ ନେଇ ସେହି ଗ୍ରାମର ପ୍ରମିଳା ଦାସଙ୍କ ଘର ନିକଟରେ ଫିଙ୍ଗିଥିଲେ । ଯାହାକୁ ପ୍ରମିଳା ଦାସ ବିରୋଧ କରିଥିଲେ, ବିରୋଧ କରିବାରୁ ଅଶୋକ ଦାସଙ୍କ ପରିବାର ଲୋକେ ମିଳିତ ଭାବେ ପ୍ରମିଳାଙ୍କୁ ଆକ୍ରମଣ କରିବା ସହ ହତ୍ୟା ଧମକ ଦେଇଥିଲେ । ଏପରି କି ଅଶୋକଙ୍କ ପରିବାରର ମହିଳା ମାନେ ମିଶି ପ୍ରମିଳାଙ୍କ ବାଡିରେ ପଶି ବାଡ଼ ଓପାଡ଼ିବା ସହ ତା ମଧ୍ୟରେ ଥିବା ବିଭିନ୍ନ ଯିବିତ ଗଛକୁ ହାଣି ପକାଇଥିଲେ । ପ୍ରମିଳା ଭୟଭିତ ହୋଇ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ବାଲିଚନ୍ଦ୍ରପୁର ଥାନା ପକ୍ଷରୁ ୩୧୩/୨୫ରେ ମାମଲା ରୁଜୁ କରି ତଦନ୍ତ ଜାରିରହିଥିବା ଥାନା ସୂତ୍ରରୁ ପ୍ରକାଶ । ତେବେ ପ୍ରମିଳାଙ୍କ ପରିବାର ଲୋକେ ଉକ୍ତ ଘଟଣାରେ ଅଭିଯୁକ୍ତ ଅଶୋକ ଦାସ, ମନୋରମା ଦାସ, ସୋନାଲି ବିନ୍ଧାଣୀ ଦାସ, ମନୋଲି ବିନ୍ଧାଣୀ ଦାସ, ପ୍ରତ୍ୟାଶା ଦାସଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

## କେନ୍ଦେଇପଶି ଷ୍ଟାଡିୟମ ଠାରେ ବ୍ଲକ ସ୍ତରୀୟ କ୍ରୀଡା ଉତ୍ସବ

ପାଟଣା, (ମହାଭାରତ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ କେନ୍ଦେଇପଶି ଷ୍ଟାଡିୟମ ଠାରେ ବ୍ଲକ ସ୍ତରୀୟ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇ ଛି । ମୁଖ୍ୟ ଅତିଥି ଭାବେ ପାଟଣା ବିରାସିସି ସଚ୍ଚିଦାନନ୍ଦ ସେଠୀ ଯୋଗଦାନ କରି ଉଦ୍ଘାଟନ କରିଛନ୍ତି । ଏହି କ୍ରୀଡା ଉତ୍ସବ କାର୍ଯ୍ୟକ୍ରମ ରେ ପାଟଣା ବ୍ଲକ ଚାରୋଟି କ୍ଲଥ ଷ୍ଟୋର ପାଟଣା, କେନ୍ଦେଇପଶି,ଖିରେଇଟାଙ୍ଗିରୀ ଅଧିନସ୍ଥ ବିଦ୍ୟାଳୟ ଗୁଡିକ ରୁ ୧୫୦ଜଣ ଛାତ୍ରଛାତ୍ରୀ ଦୌଡ, ଲମ୍ବଡିଆଁ,ଉଚ୍ଚଡିଆଁ,ଜାମ୍ଲିଂଥ୍ରୁର, ଡିସ୍କଥ୍ରୁର, ପ୍ରତିଯୋଗିତା ଅଂଶ ଗ୍ରହଣ କରିଥିଲେ । ଏହି କ୍ରୀଡା ଉତ୍ସବ ଉଦଯାପନୀ ଦିବସ ରେ ପାଟଣା ବ୍ଲକ ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଅମାନ୍ତ ଯୋଗଦାନ କରି କ୍ରୀଡା ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି ୨୫ଜଣ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଙ୍କୁ ଜିଲ୍ଲା ସ୍ତର କ୍ରୀଡା ଉତ୍ସବ କୁ ମନୋନୀତ କରାଯାଇ ଥିବା ବ୍ଲକ ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି ।

## ସ୍ତ୍ରୀ ହତ୍ୟା ଅଭିଯୋଗ ସ୍ୱାମୀ ଗିରଫ

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ କୁଣ୍ଡଳା ଗ୍ରାମରେ ଘଟିଛି ଅଘଟଣ ବିବାହିତ ମହିଳା କୁ ହତ୍ୟା କରି ଅଭିଯୁକ୍ତ ସ୍ୱାମୀ ଗିରଫ ହୋଇ ଛନ୍ତି । ସୂଚନା ରୁ ପ୍ରକାଶ ଗତ କାଲି ରାତି ରେ ସ୍ୱାମୀ ଦୁଃଖବନ୍ଧୁ ଦାସ ଓ ଧର୍ମପତ୍ନୀ ତପସ୍ୱିନୀ ଦାସ ଙ୍କ ମଧ୍ୟ ରେ କୌଣସି ବଚଶା ହୋଇ ଥିଲା । ସକାଳେ ସ୍ୱାମୀ ଦୁଃଖବନ୍ଧୁ ସ୍ତ୍ରୀ ର ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ପଡ଼ିଶା ଙ୍କୁ ଜଣାଇବା ସହ ଶଶୁର ଘର କୁ ଖବର ଦେଇ ଥିଲେ । ଏପଟେ ପାଟଣା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମହିଳା ଙ୍କ ମୃତ ଦେହ ଜବତ କରିବା ସହ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇ ଥିବା ବେଳେ ଉକ୍ତ ମହିଳା ପରିବାର ଲୋକେ ପାଟଣା ଥାନା ପହଞ୍ଚି ଝିଅ ଆତ୍ମହତ୍ୟା କରିନାହିଁ ତାକୁ ସ୍ୱାମୀ ଦୁଃଖବନ୍ଧୁ ହତ୍ୟା କରାଯାଇ ଥିବା ଅଭିଯୋଗ ଆଣିଥିଲେ । ଅଭିଯୋଗ କୁ ଭିତ୍ତି କରି ପୋଲିସ ସ୍ୱାମୀ କୁ ଥାନା ଆଣି ପଚରା ଉଚରା କରିବା ସହ ସ୍ୱାମୀ ହତ୍ୟା କରିଥିବା ସ୍ୱୀକାର କରିବା ରୁ ପୋଲିସ ସ୍ୱାମୀ କୁ ଗିରଫ କରି କୋର୍ଟ କରିଛି । ଶବ ବ୍ୟବଚ୍ଛେଦ ପରେ ମହିଳା ଙ୍କ ମୃତ ଦେହ ପରିବାର ବର୍ଗ କୁ ପୋଲିସ ହସ୍ତାନ୍ତର କରି ଛି ।

## ନୂଆପଡ଼ା ଜିଲ୍ଲା ବିଜେପି କାର୍ଯ୍ୟାଳୟ ଠାରେ ସୁଭଦ୍ରା ଶକ୍ତି ସମାବେଶ



ନୂଆପଡା, (ମହାଭାରତ) : ନୂଆପଡ଼ା ଜିଲ୍ଲା ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟ ରେ ଆଜି ସୁଭଦ୍ରା ଶକ୍ତି ସମାବେଶ ଅନୁଷ୍ଠିତ ହୋଇ ଯାଇଅଛି ଏହି ସମାବେଶ ରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ ଦେଇ ସୁଭାଦ୍ରା ମାଁ ଙ୍କୁ ଆହ୍ୱାନ କରିଥଲେ । ନୂଆପଡ଼ା ଜିଲ୍ଲା ରେ ବିକାଶର ନକ୍ସା ପରିବର୍ତ୍ତନ ହୋଇଅଛି । ଘରେ ଘରେ ସୁଭଦ୍ରା ପହଞ୍ଚିବା ସହ ନୂଆପଡ଼ା ର ଘରେ ଘରେ ବିକାଶ ପହଞ୍ଚିବ । ବିଜେପିର ଦଳୀୟ ପ୍ରାର୍ଥୀ ଜୟ ଢୋଲକିଆ ଙ୍କୁ ବିଜୟୀ କରିବା ସୁନିଶ୍ଚିତ କହିବା ସହ ବାପ ଛେଉଣ୍ଡ ପୁଅ କୁ ସୁଭଦ୍ରା ମାଁ ଏବଂ ତାଙ୍କ ପରିବାର ଭୋଟ ଦେଇ ଜୟଯୁକ୍ତ କରିବାକୁ ଅନୁରୋଧ କରିଥିଲେ । ଏହି ସୁଭଦ୍ରା ଶକ୍ତି ସମାବେଶ ରେ ହଜାର ହଜାର ସଂଖ୍ୟକ ମହିଳା ମାନେ ସାମିଲ ହୋଇ ଥିଲେ ।ସଭାରେ ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା, ବିଧାୟକ ପ୍ରାର୍ଥୀ ଜୟ ଢୋଲକିଆ, କଳାହାଣ୍ଡି ସାଂସଦ ମାଳବିକା ଦେବୀ, ମହାସମୁନ୍ଦ ସାଂସଦ ରୂପ କୁମାର ଚୌଧୁରୀ, ରାଜ୍ୟସଭା ସାଂସଦ ସୁଜିତ୍ କୁମାର, ପୂବତନ ବିଧାୟିକା କୁସୁମ ଟେଟେ ଙ୍କ ସମେତ ବହୁ ମହିଳା ନେତ୍ରୀ ଯୋଗ ଦେଇଥିଲେ । ଆଗାମୀ ଦିନରେ ଡବଲ ରୁ ଟ୍ରିପଲ କରି ନୂଆପଡା ର ବିକାଶ ର ସୂତ୍ର ଧର ହୁଅନ୍ତୁ ବୋଲି ବିଜେପି ନେତା ଙ୍କ ସହ ବିଧାୟକ ପ୍ରାର୍ଥୀ କହିଛନ୍ତି ।

## ସ୍କୁଲ ପିଣ୍ଡା ନମାଡି ମୋଟା ଅଙ୍କର ଦରମା ନେଉଛନ୍ତି ପ୍ରଧାନ ଶିକ୍ଷକ

ଆର-ଉଦୟଗିରି, (ମହାଭାରତ) : ଦୁର୍ଗମ ଅଞ୍ଚଳରେ ଶିକ୍ଷାର ଅଗ୍ରଗତି ନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟବରାଦ କରି ଭିତ୍ତିଭୂମିର ସ୍ଥାପନ କରିବା ସହ ମୋଟା ଅଙ୍କର ଦରମା ଦେଇ ଶିକ୍ଷକ ମାନଙ୍କୁ ନିଯୁକ୍ତି ଦେଇଥାନ୍ତି । କିନ୍ତୁ କିଛି ଅସାଧୁ ଶିକ୍ଷକଙ୍କ ବେପରୱା ମନମୁଖୀ କାର୍ଯ୍ୟକଳାପ ପାଇଁ କୋମଳମତି ଛାତ୍ରଛାତ୍ରୀ ମାନଙ୍କର ଭବିଷ୍ୟତ ଅନ୍ଧାର ଆଡକୁ ଗତିକରୁଛି । ଏଭଳି କରୁଣ ଦୃଶ୍ୟ ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ଆର -ଉଦୟଗିରି ବ୍ଲକ ମହେନ୍ଦ୍ରଗଡ଼ ପଞ୍ଚାୟତ ଡ଼େରବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ । ଏହି ବିଦ୍ୟାଳୟ ରେ ପ୍ରଥମ ରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀ ଥିବା ବେଳେ ଦୁଇ ଗୋଟି ଶିକ୍ଷକ ନିଯୁକ୍ତି ହୋଇଛନ୍ତି କ୍ଷ କିନ୍ତୁ ଏହି ସ୍କୁଲର ପ୍ରଧାନ ଶିକ୍ଷକ ଜି. ଧନଞ୍ଜୟ ଅନେକ ଦିନ ସ୍କୁଲ ଆସୁନଥିବା ନେଇ ଅଭିଯୋଗ କରିଛନ୍ତି ଗ୍ରାମବାସୀ । କେବଳ ସେତିକି ନୁହଁ ବିଭିନ୍ନ ସରକାରୀ କାମ ଦେଖାଇ ସ୍କୁଲ ନଆସିବା ଓ ସ୍କୁଲ ଆସୁଥିଲେ ମଧ ଛାତ୍ର ଛାତ୍ରୀଙ୍କ ପ୍ରତି ଅତ୍ୟାଚାର କରିବା ତଥା ଅମାନୁଷିକ ଭାବେ ମାଡ ମାରିବା, ଠିକସେ ପାଠ ନପଢ଼ାଇବା ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ଛାତ୍ରଛାତ୍ରୀ ଛାତ୍ରୀ ଓ ଅଭିଭାବକ । ଏପଟେ ଆମ ପ୍ରତିନିଧି ଏନେଇ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିଥିଲେ ମଧ ସେ ଫୋନ ଉଠାଇନଥିଲେ । ମହେନ୍ଦ୍ରଗଡ କ୍ଲଷ୍ଟରର ସି ଆର ସି ସି ସୁରେଶ ବାବୁ କୌଣସି ସୂତ୍ର ରୁ ଖବର ପାଇ ସ୍କୁଲ କୁ ପହଞ୍ଚି ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଯୁକ୍ତି ବାଢ଼ିଥିଲେ । କହିଥିଲେ ସେ ମୋତେ ଛୁଟି ଦରଖାସ୍ତ ଦେଇଛନ୍ତି ।ଯଦି ଦେଇଛନ୍ତି ତାହେଲେ ସି ଆର ସି ସି ମହାଶୟ କାହିଁକି ଆର -ଉଦୟଗିରି ଗୋଷ୍ଠି ଶିକ୍ଷା ଅଧିକାରୀଙ୍କୁ ଦରଖାସ୍ତ ପ୍ରେରଣ କରିନଥିଲେ ? ଏଠି ସ୍ୱଷ୍ଟ ବାରି ହେଉଛି କି ସି ଆର ସିସି ଓ ପ୍ରଧାନ ଶିକ୍ଷକ ଙ୍କ ମଧ୍ୟରେ ମଧୁ ଚନ୍ଦ୍ରିକା ଚାଲିଛି । ନଚେତ୍ ପ୍ରଧାନ ଶିକ୍ଷକଙ୍କୁ କାହିଁକି ଘଣ୍ଟ ଘୋଡାଉଛନ୍ତି ? ତେବେ ଖବର ପ୍ରସାରଣ ପରେ ଉଚ୍ଚପଦସ୍ଥ ଅଧିକାରୀ ମାନେ କଣ ପଦକ୍ଷେପ ନେଉଛନ୍ତି ତାକୁ ହିଁ ସମସ୍ତଙ୍କ ନଜର ।

## ସିକେରକୁପା ଠାରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ଲାଞ୍ଜିଗଡ଼, (ମହାଭାରତ ):ରାଜ୍ୟରେ ସାଇବର ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ଆରମ୍ଭ ହୋଇଛି ସାଇବର ସୁରକ୍ଷା ଅଭିଯାନ ଏହି ପରିପ୍ରେକ୍ଷୀରେ ଆଜି ନର୍ଲା ଥାନା ଅଧୀନ ତଥା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ଼ ପଞ୍ଚାୟତ ସ୍ଥିତ ସିକେରକୁପା ଫାଣ୍ଡି ପରିସରରେ ଯୁବକ, ଯୁବତୀ ଓ ଜନସାଧାରଣଙ୍କ ମଧ୍ୟରେ ସାଇବର ସୁରକ୍ଷା ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସିକେରକୁପା ଫାଣ୍ଡି ଅଧିକାରୀ ମୁରଲୀ ମୋହନ ପିଡିକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସାଇବର ଉପ ନୀରିକ୍ଷକ ଜାହ୍ନବୀ ତାଣ୍ଡି, ମେଜର ସୁରେନ୍ଦ୍ର ଗମାଙ୍ଗ,ନର୍ଲା ଥାନାଧିକାରୀ ବିଜୟରାଜ ମାଝୀ, ପ୍ରମୁଖ ଯୋଗଦେଇ ସାଇବର ଠକେଇର ବିଭିନ୍ନ ପ୍ରାରୂପ ତଥା ସ୍ମାର୍ଟ ଫୋନ ଓ ଇଣ୍ଟରନେଟ ଉପଭୋକ୍ତାମାନେ ବିଭିନ୍ନ ଆଳରେ କିପରି ଠକାମିର ଶିକାର ହୋଇଛନ୍ତି ସେନେଇ ଯୁବକ, ଯୁବତୀ ଓ ଜନସାଧାରଣଙ୍କୁ ଉଦାହରଣ ସହ ବୁଝାଇଥିଲେ । ଏହାସହ ସ୍ମାର୍ଟ ଫୋନରେ ଥିବା ବିଭିନ୍ନ ସାଇବର ସୁରକ୍ଷା ବ୍ୟବସ୍ଥାକୁ ବ୍ୟବହାର କରି କିପରି ଠକାମୀରୁ ରକ୍ଷା ପାଇ ପାଇବେ ସେନେଇ ମତବ୍ୟକ୍ତ କରିଥିଲେ । ଏଥିରେ ଫାଣ୍ଡି ଅଞ୍ଚଳ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ । ସେହିପରି ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ବିଶ୍ୱନାଥପୁର, ବିଜେପୁର, ଲାଞ୍ଜିଗଡ଼ ଥାନା ଅଞ୍ଚଳରେ ମଧ୍ୟ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

## ଲୟନ୍ସ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଆସିକା, (ମହାଭାରତ) : ଆସିକା ବାଣୀବିହାର ସ୍ଥିତ ଲୟନ୍ସ କ୍ଲବ ପକ୍ଷରୁ ସ୍ଥାନୀୟ ଲୟନ୍ସ କମ୍ୟୁନିଟି ହଲ ଠାରେ ଆସିକା ବଣିକ ସଙ୍ଘର ପୂର୍ବତନ ସଭାପତି ଅରୁଣ କୁମାର ପାତ୍ର ଙ୍କ ସଂଯୋଜନାରେ ୟୁରିକ ଏସିଡ ଓ ଭିଟାମିନ ଡି ଯାଞ୍ଚ ଓ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ରେ ଆସିକା ଉପଖଣ୍ଡ ଚିକିତ୍ସାଳୟ ର ଅସ୍ଥି ସଲ୍ୟ ବିଭାଗ ର ବରିଷ୍ଠ ଡାକ୍ତର ଗୋପାଳ ଚନ୍ଦ୍ର ପାତ୍ର ଆଜିର ଏହି ଶିବିର ରେ ଆସିକା ଓ ଏହାର ଆଖ ପାଖ ଅଞ୍ଚଳର ଯୋଗଦେଇଥିବା ଶତାଧିକ ମହିଳା, ପୁରୁଷ ଙ୍କ ୟୁରିକ ଏସିଡ ଏବଂ ଭିଟାମିନ ଡି ର ପରୀକ୍ଷା କରି ସେମାନଙ୍କୁ ପରାମର୍ଶ ଦେଇଥିଲେ । ଆଜିର ଏହି ଶିବିର ସମ୍ପୂର୍ଣ୍ଣ ମାଗଣା ସ୍ୱାସ୍ଥ୍ୟ ଶିବିର ଥିଲା ।ଏହି ଶିବିରରେ ଲାୟନ୍ସ କ୍ଲବ ପକ୍ଷରୁ ପ୍ରିୟ ବ୍ରତ ମିଶ୍ର, ରାଜ କିଶୋର ପାତ୍ର, କିଶୋର କୁମାର ସେନାପତି, ସନ୍ତୋଷ କୁମାର ସେନାପତି, ପି. ତ୍ରିରୁପତି ପାତ୍ର, ଡି ଭି ଆର ମୂର୍ତ୍ତି, ବଦ୍ରି ନାରାୟଣ ପୃଷ୍ଟି, ପଞ୍ଚାନନ ନାୟକ ପ୍ରମୁଖ ଉପସ୍ଥିତ ରହିବା ସହିତ ଅନୁଷ୍ଠାନ ର ଅନେକ କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସାମିଲ ହୋଇ ସହଯୋଗ କରିଥିଲେ ।

## କେନ୍ଦୁଝରରେ ଚାଷୀଙ୍କ ଉପରେ ପଡିଛି ଚକଡା ଚଡ଼କ

କେନ୍ଦୁଝର, (ମହାଭାରତ) : କେନ୍ଦୁଝରରେ ଚାଷୀଙ୍କ ଉପରେ ପଡିଛି ଚକଡା ଚଡ଼କ । ଋଣ ଓ ଧାର ଉଧାର କରି କରିଥିବା ଚାଷ ଏବେ ଚକଡ଼ା ମାଡ ରେ ସଂପୂର୍ଣ୍ଣ ଉଜୁଡି ଯିବାକୁ ବସିଛି । ଏବେ ଋଣ ଓ ଧାର ଉଧାର କିପରି ସୁଝିବ ଓ ବର୍ଷ ସାରା ପରିବାର ମୁହଁରେ କେମିତି ଦୁଇ ମୁଠା ଆହାର ଦେବ ଏବେ ସେହି ଚିନ୍ତାରେ ପଡିଛନ୍ତି ଜିଲାର ଶହ ଶହ ଚାଷୀ ଓ କଥାରେ ଅଛି ଚାଷ ଅଛି ଯାହାର କି ଆନନ୍ଦ ତାହାର । ହେଲେ ଆଜି କେନ୍ଦୁଝରରେ ଏହାର ପରିଭାଷା ବଦଳି ଯାଇଛି ଓ ଚାଷ ଅଛି ଯାହାର ସବୁ ଦୁଃଖ ତାହାର ହୋଇଯାଇଛି ଓ କେନ୍ଦୁଝର ସଦର ବ୍ଲକର ମଇଦାନକେଲ ଗ୍ରାମ ପଞ୍ଚାୟତରେ ଦେଖିବାକୁ ମିଳିଛି ଚାଷୀଙ୍କ ଉପରେ କିପରି ପଡିଛି ଚକଡା ଚଡକ । ଚାଷୀ ଟିଏ ଚାଷ କରି ବେଶ ଦୁଇ ପଇସା ରୋଜଗାର କରି ପରିବାର ମୁହଁ ରେ ବର୍ଷ ସାରା ଦୁଇ ଓଳି ଦୁଇ ମୁଠା ଆହାର ଦେବା ସହ ବେସ ହସ ଖୁସିରେ ଚଳିବାକୁ ବ୍ୟାଙ୍କ , ଲ୍ୟାମ୍ପସ୍ ଓ ମହାଜନ ଠାରୁ ଲକ୍ଷ ଲକ୍ଷ ଟଙ୍କା ଲୋନ ଓ ଧାର କରଜ କରି ଚାଷ କରିଥିଲା । ଚାଷୀଙ୍କ ଅଭିଯୋଗ ଅନୁସାରେ ଏ ବର୍ଷ କେନ୍ଦୁଝର ଜିଲାରେ ଲଗାଣ ବର୍ଷା ଓ ତାପରେ ହାତୀ ଓ ବାରହା ଙ୍କ କବଳରୁ ଫସଲକୁ ରକ୍ଷା କରିବାକୁ ଚାଷିଟି ନିଜ ଜୀବନକୁ ବାଜି ଲଗାଇ ରାତି ଦିନ ଅନିଦ୍ରା ହୋଇ ଯାହା କିଛି ଫସଲ ବଞ୍ଚାଇ ଥିଲା ଏବେ ସେଥିରେ ଚକଡା ପୋକ ଲାଗିଯିବାରୁ ଚାଷ ସମ୍ପୂର୍ଣ୍ଣ ଉଜୁଡି ଯିବାକୁ ବସିଛି । ଏହି ଚକଡ଼ା ସବୁ ପୁଳା ପୁଳା ହୋଇ ଧାନ ଗଛ ମୂଳରେ ଲାଗି କେଣ୍ଡା ସବୁ ଖାଇ ଯିବା ଫଳରେ ଗଛ ସବୁ ସୁଖିଯିବା ସହ ଚକଡା ଚକଡା ହୋଇ ପୋଡିଯିବା ସହ ମରିଯାଇ ତଳେ ପଡିଯାଉଛି ଏବଂ ଧାନ ସବୁ ଅଗାଡ଼ି ହୋଇ ଯାଉଛି । ଏହି ଚକଡା ପୋକ ଅତି ଦ୍ରୁତ ଗତିରେ ବିଲ କୁ ବିଲ ମାଡି ଯାଇ ଧାନ ଚାଷ ଉଜାଡି ପକାଉଛନ୍ତି । ବର୍ତ୍ତମାନ ଧାନ ପାଚି ଆସୁଥିବାରୁ ସେଥିରେ ଔଷଧ ପ୍ରୟୋଗ କରାଯାଇ ପାରିବନ ନାହିଁ । ତେଣୁ ଧାର କରଜ କରି ଚାଷ କରିଥିବା ଚାଷୀ ଏବେ ଚିନ୍ତା ରେ ପଡିଛି । ଏପରିକି ଧାନ କାଟିଲେ ମଧ ମଜୁରୀ ପଇସା ଉଠିବା ମୁସ୍କିଲ । କୃଷି ଅଧିକର୍ଷକଙ୍କ କହିବା କଥା ହେଲା ଏ ବର୍ଷ ଯେ ହେତୁ ଅଧିକ ବର୍ଷା ହୋଇଛି । ଧାନ ଗଛ ସବୁ ପାଖା ପାଖି ହୋଇ ଲାଗିଛି । ହାଇବ୍ରିଡ ଧାନ ଟିକେ ଅଧିକ ହୋଇଛି ।

## ବିଜେପି ସରକାରୀ ସମ୍ପତ୍ତି ଦୁରୁପଯୋଗ ନେଇଁ ସିଇଓଙ୍କୁ ଫେରାଦ ଦେଲା ବିଜେଡି



ନୂଆପଡା, (ମହାଭାରତ): ନୂଆପଡ଼ା ଉପନିର୍ବାଚନରେ ସରକାରୀ ସମ୍ପତ୍ତିର ଦୁରୁପଯୋଗ କରିବାକୁ ପଛାଇ ନାହିଁ ବିଜେପି । ଆଦର୍ଶ ଆଚରଣ ବିଧିକୁ ଖାତିର କରୁନାହିଁ ଶାସକ ଦଳ । ଶାସକ ଦଳର ପୋଷ୍ଟର ପ୍ରତି ପ୍ରଶାସନ ଆଖି ବୁଜି ଦେଉଛି, କିନ୍ତୁ ନ୍ୟାୟ ସଙ୍ଗତ ଭାବେ ଲାଗିଥିବା ବିଜେଡିର ପୋଷ୍ଟର, ବ୍ୟାନରକୁ କାଢ଼ି ଫିଙ୍ଗି ଦେଉଛନ୍ତି । ଏପରି ସମ୍ବେଦନଶୀଳ ମାମଲାରେ ତୁରନ୍ତ ହସ୍ତକ୍ଷେପ କରିବା ଲାଗି ଆଜି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛି ବିଜୁ ଜନତା ଦଳ । ବିଜେଡିର ବରିଷ୍ଠ ନେତୃବୃନ୍ଦ ଆଜି ସିଇଓଙ୍କ କାର୍ଯ୍ୟାଳୟରେ ଅଭିଯୋଗ ପତ୍ର ଦାଖଲ କରିଛନ୍ତି । ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ବିଜେପି ପ୍ରାର୍ଥୀ ଶ୍ରୀ ଜୟ ଢୋଲକିଆ ନିଜର ପ୍ରଚାର ପାଇଁ ସରକାରୀ ସମ୍ପତ୍ତିର ବ୍ୟବହାର କରୁଛନ୍ତି । ବିଦ୍ୟୁତ ଖୁଣ୍ଟ, ସାଇନ୍ ବୋର୍ଡ ଏବଂ ନୂଆପଡା ଓ ଖରିଆର ଏନ୍‌ଏସି ମଧ୍ୟରେ ଯାଇଥିବା ଜାତୀୟ ରାଜପଥ ନମ୍ବର ୩୫୩ରେ ବିଜେପି ପ୍ରଚାର ପୋଷ୍ଟର ଏବଂ ବ୍ୟାନର ଲଗାଇଛନ୍ତି । ଏହି ବ୍ୟାନର ଓ ହୋର୍ଡିଂ ଗୁଡ଼ିକରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଏବଂ ବିଜେପିର ଅନ୍ୟାନ୍ୟ ନେତାଙ୍କ ଛବି ରହିଛି । ବିଜୁ ଜନତା ଦଳ ଏହାକୁ ସରକାରୀ ସମ୍ପତ୍ତିର ସ୍ପଷ୍ଟ ଦୁରୁପଯୋଗ ଏବଂ ନିର୍ବାଚନ ଆଚରଣ ବିଧିର ଗଭୀର ଉଲ୍ଲଙ୍ଘନ ବୋଲି ଅଭିଯୋଗ କରିଛି । ବିଜେପି ପକ୍ଷରୁ ଲଗାଯାଇଥିବା ସମସ୍ତ ଅବୈଧ ବ୍ୟାନର ଏବଂ ହୋର୍ଡିଂ ତୁରନ୍ତ ହଟାଇବା ପାଇଁ ବିଜେଡି ଦାବି କରିଛି । ଏଥି ସହିତ ବିଜେଡି ଆଇନଗତ ଭାବେ ଲଗାଇଥିବା ପୋଷ୍ଟର ବ୍ୟାନର ଆଦି କେଉଁ ପରିସ୍ଥିତିରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ହଟାଇଲେ ତାହାର ନିରପେକ୍ଷ ତଦନ୍ତ କରିବା ପାଇଁ ମଧ ବିଜେଡି ସିଇଓଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରିଛି । ସିଇଓଙ୍କୁ ଅଭିଯୋଗ ଦାଖଲ ସମୟରେ ବିଜେଡି ପ୍ରତିନିଧି ମଣ୍ଡଳୀରେ ଡ଼ ଲେନିନ ମହାନ୍ତି, ଶ୍ରୀମତୀ ସୁଲତା ଦେଓ, ଶ୍ରୀ ମିହିର ରାୟ, ଇଲା ସ୍ୱାଇଁ, ରୀତାଞ୍ଜଳି ପ୍ରଧାନ, ସଂଗ୍ରାମ ମହାପାତ୍ର, ଲୋରା ମହାପାତ୍ର ଏବଂ ଅଂଶୁ ତ୍ରିପାଠୀ ସାମିଲ ଥିଲେ । ବିଜୁ ଜନତା ଦଳ ସର୍ବଦା ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟା ପାଇଁ ସର୍ବଦା ପ୍ରତିଶ୍ରୁତିବଦ୍ଧ । ନିର୍ବାଚନ ପ୍ରକ୍ରିୟାରେ ପ୍ରତ୍ୟେକ ଦଳ ଓ ପ୍ରାର୍ଥୀ ଯତ୍ନବାନ ରହିବା ଆବଶ୍ୟକ ବୋଲି ଦଳ ପକ୍ଷରୁ କୁହାଯାଇଛି ।

## ତାଳଚେର ଭାୟା ଦେବଗଡ ଦେଇ ବିମଳାଗଡ଼ ରେଳ ଲାଇନ ଅଧି ଗ୍ରହଣରେ ଥଇଥାନ କରବାରେ ଠକୁଛନ୍ତି ସରକାର



ଦେବଗଡ, (ମହାଭାରତ): ରେଳ ଲାଇନ ଜମି ଅଧିଗ୍ରହଣ ଓ ଥଇଥାନ ନାଁରେ ଲୋକଙ୍କୁ ଧୋକା ! ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ନିକ୍ତିମାଳ ଗ୍ରାମରେ ତାଳଚେର- ଦେବଗଡ଼- ବିମଳାଗଡ଼ ରେଳ ଲାଇନ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସରିଥିବା ବେଳେ ନିକ୍ତିମାଳ ଗ୍ରାମର ଲୋକଙ୍କୁ ନିକଟସ୍ଥ ଜଗନ୍ନାଥପୁର ଗ୍ରାମକୁ ଥଇଥାନ କରାଯାଉଛି ! ଲୋକଙ୍କ କହିବା କଥା ଗ୍ରାମର ୭୦ରୁ ଉର୍ଧ ନିରିହ ଆଦିବାସି ପରିବାର ୧୯୫୬ ମସିହାରେ ରାଉରକେଲା ଷ୍ଟିଲପ୍ଲାଣ୍ଟ ହେବା ଦ୍ୱାରା ନିଜର ଭିଟାମାଟି ଛାଡି ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକର ଜଗନ୍ନାଥପୁର ଗ୍ରାମକୁ ଥଇଥାନ ହୋଇ ଆସିଥିଲେ ! ଦିର୍ଘ ୭୦ ବର୍ଷରୁ ଉର୍ଧ ହେବ ସେହି ଗ୍ରାମରେ ବସବାସ କରୁଛନ୍ତି ! ସରକାରଙ୍କ ତରଫରୁ ଅଧା ଲୋକଙ୍କୁ ଜମିପଟ୍ଟା ମିଳିନଥିବା ବେଳେ ତାଳଚେର- ବିମଳାଗଡ଼ ରେଳ ଲାଇନ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କରିଥିବା ବିସ୍ଥାପିତଙ୍କୁ ସେହି ଗ୍ରାମକୁ ଥଇଥାନ କରିବା ପାଇଁ ସରକାର ନିସ୍ପତି ନେଇଛନ୍ତି ! ହେଲେ ଆଗରୁ ରହୁଥିବା ଗୋଟିଏ ବିସ୍ଥାପିତ ଗାଁରେ ଆଉଗୋଟେ ପଞ୍ଚାୟତର ଲୋକଙ୍କୁ ଆଣି ପୁରାଇବାରୁ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି ! ରାଜ୍ୟ ସରକାର ଓ ରାଜସ୍ୱ ବିଭାଗ ଗ୍ରାମ ବାସୀଙ୍କୁ କୈଣସି ଗ୍ରାମସଭା କିମ୍ବା କୌଣସି ନୋଟିସ ନଦେଇ ଜିଲ୍ଲା ପ୍ରଶାସନ ମନଇଚ୍ଛା ଜମି ଜବରଦଖଲ କରିବା ସହ ଘର ତିଆରି ପାଇଁ ଠିକାସଂସ୍ଥାକୁ ଅନୁମତି ଦେଇ କାମ ଆରମ୍ଭ କରିବାରୁ ଲୋକେ ବିରୋଧ କରିଛନ୍ତି ! ଏଠି ପ୍ରଶ୍ନ ଉଠୁଛିକି ଏହି ସ୍ଥାନରେ ୭୦ବର୍ଷ ପରେ ହେବ ରହି ଆସୁଛନ୍ତି, ଅନ୍ୟପଟେ ସେହି ଜାଗାରେ ବିଭିନ୍ନ ପ୍ରକାର ଚାଷ ମଧ୍ୟ କରି ଆସୁଛନ୍ତି, ଅନ୍ୟପଟେ ବିନା ଗ୍ରାମ ସଭା, ପଲ୍ଲୀ ସଭାରେ କେଉଁ ଆଧାରେ ଅନ୍ୟ ଜାଗାରୁ ଲୋକଙ୍କୁ ଆଣି ଥଇଥାନ କରା ଯାଉଛି, ଯାହାକି ଆଇନ ଅପରାଧିକ କାର୍ଯ୍ୟ ଅଟେ ବୋଲି ସ୍ଥାନରେ ଲୋକେ ପ୍ରକାଶ କରୁଥିବା ବେଳେ ଘଟଣା ସ୍ଥଳରେ ବାରକୋଟ ଅତିରିକ୍ତ ତହସିଲଦାର ଶିବବ୍ରତ ନାଏକ ଓ ବାରକୋଟ ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ, କିନ୍ତୁ ସ୍ଥାନୀୟ ଲୋକେ ଏହି ଜାଗାକୁ ଛାଡିବୁ କିନ୍ତୁ ପ୍ରଥମେ ଆମକୁ ରେକର୍ଡ ଦିଆଯାଉ କହିବା ସହ ଗ୍ରାମସଭା କରାଯାଉ ଯଦି ଗ୍ରାମ ସଭାରେ ସମସ୍ତେ ସହମତି ହେବେ ତୋ କାର୍ଯ୍ୟ ଚାଲିବ ! ଆମେ ପ୍ରଶାସନିକ ଅଧିକାରୀଙ୍କ ପ୍ରତିକ୍ରିୟା ମାଗିଥିଲୁ ବିନା ଗ୍ରାମ ସଭାରେ ଏହାକୁ କାର୍ଯ୍ୟକାରି କିପରି କରାଗଲା ସେ ଉତ୍ତର ରଖିଥିଲେ ଗ୍ରାମ ସଭା ହୋଇଛି, ସହମତି କ୍ରମେ ଏହି କାର୍ଯ୍ୟ ଚାଲିଛି ,ପରେ ଆମେ ସିଂହଶାଳ ସରପଞ୍ଚ ଙ୍କର ମତାମତ ଜାଣିବାକୁ ଚାହିଁଥିଲୁ ସେ ମଧ୍ୟ ଏ ବାବଦରେ ଅବଗତ ନାହିଁ ବୋଲି ଗ୍ରାମ ଲକଙ୍କୁ ସଫା ମନା କରିଦେଇଥିଲେ । ପୁଣି ପ୍ରଶ୍ନ ଉଠୁଛି କି ଯଦି ସରପଞ୍ଚ ତଥା ଗ୍ରାମ୍ୟ ଲକଙ୍କୁ ନେଇ ଗ୍ରାମ ସଭା ହୋଇନାହିଁ ତୋ କୋଉ ଆଧାରରେ ଏହି କାର୍ଯ୍ୟ ଆରମ୍ଭ ହୋଇଛି କାହା ସ୍ୱାର୍ଥରେ । ଏହା ତଦନ୍ତ କରି ଉଚିତ ସମାଧାନ ନିମନ୍ତେ ସ୍ଥାନୀୟ ମହଲରେ ଦାବୀ ହେଉଛି ।

# ସାର୍ କ୍ରିକ୍ ନିକଟରେ ଭାରତର ସମରାଭ୍ୟାସ ପ୍ରସ୍ତୁତି ବାୟୁସୀମା କଟକଣା ଲଗାଇଲା ପାକିସ୍ତାନ


ନୂଆଦିଲ୍ଲୀ: ସୀମାରେ ଭାରତ ତିନିସେନାର ସମରାଭ୍ୟାସ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ପାକିସ୍ତାନ ଏହାର କେନ୍ଦ୍ରୀୟ ଓ ଦକ୍ଷିଣ ବାୟୁସୀମାରେ ଏକାଧିକ ବିମାନ ଚଳାଚଳ ମାର୍ଗ ଉପରେ ପ୍ରତିବନ୍ଧକ ଲଗାଇ ଏକ ବିଜ୍ଞପ୍ତି ଜାରି କରିଛି। ଅକ୍ଟୋବର ୨୮-୨୯ ପାଇଁ ନୋଟାମ୍ (ଏୟା?ମେନ୍?ଙ୍କୁ ନୋଟିସ୍) ଜାରି କରିଥିବା ପାକିସ୍ତାନ ଏ ବାବଦ କୌଣସି କାରଣ ଦର୍ଶାଇ ନାହିଁ। ବିଶ୍ଳେଷକମାନେ କହିଛନ୍ତି ଯେ, ଭାରତର ସାମରିକ ଅଭ୍ୟାସ କିମ୍ବା ସମ୍ଭାବ୍ୟ ଅସ୍ତ୍ରଶସ୍ତ୍ର ପରୀକ୍ଷଣରେ ବିଚଳିତ ହୋଇ ପାକିସ୍ତାନ ଏଭଳି ପଦକ୍ଷେପ ନେଇଛି। ଅକ୍ଟୋବର ୩୦ରୁ ନଭେମ୍ବର ୧୦ ତାରିଖ ମଧ୍ୟରେ ପାକିସ୍ତାନ ସୀମାରେ ଥିବା ସାର୍ କ୍ରିକ୍ ନିକଟରେ ତିନିସେନାର ଏକ ବଡ଼ ଧରଣର ସମରାଭ୍ୟାସ ପାଇଁ ଭାରତ ଆଲର୍ଟ ଜାରି କରିବା



ପରେ ଇସଲାମାବାଦ ଏହି ପଦକ୍ଷେପ ନେଇଛି। ବିଶ୍ଳେଷକ ଡାମିଏନ୍ ସାଇମନଙ୍କ ଦ୍ୱାରା ଜାରି ହୋଇଥିବା ଉପଗ୍ରହ ଚିତ୍ରରୁ ଜଣାପଡିଛି ଯେ, ତ୍ରିଶୂଳ ଅଭ୍ୟାସ ପାଇଁ ସଂରକ୍ଷିତ ବାୟୁସୀମା ୨୮,୦୦୦ ଫୁଟ ପର୍ଯ୍ୟନ୍ତ ବ୍ୟାପିଛି। ସାଇମନ୍ ଟ୍ୱିଟ୍ କରିଛନ୍ତି ଯେ ମନୋନୀତ ଅଞ୍ଚଳ ଓ ଅପରେସନର ପରିସର ଅସ୍ୱାଭାବିକ ଭାବେ ବ୍ୟାପକ। ପ୍ରତିରକ୍ଷା ମନ୍ତ୍ରାଳୟ କହିଛି ଯେ, ସ୍ଥଳସେନା, ନୌସେନା ଓ ବାୟୁସେନା ସହିତ ଜଡିତ ଏହି ସମରାଭ୍ୟାସରେ ମିଳିତ କ୍ଷମତା, ଆତ୍ମନିର୍ଭରଶୀଳତା ଓ ବାହିନୀର ନୂତନତ୍ୱ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହିପରି ଅଭ୍ୟାସ ନିୟମିତ ପ୍ରସ୍ତୁତି ହୋଇଥିବା ବେଳେ, ନୋଟାମ୍ ଜାରି କରିବାକୁ ପାକିସ୍ତାନର ପଦକ୍ଷେପ ସୂଚାଉଛି ଯେ, ଅପରେସନ ସିନ୍ଦୂର ପରେ ଭାରତର ସୀମା ଯୁଦ୍ଧ କୌଶଳ ଉପରେ ଏହା ତୀକ୍ଷ୍ଣ ନଜର ରଖିଛି। କୌତୂହଳର ବିଷୟ ହେଉଛି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଇସଲାମାବାଦକୁ ସାର୍ କ୍ରିକ୍ ଅଞ୍ଚଳରେ କୌଣସି ଦୁଃସାହସିକ କାର୍ଯ୍ୟ ନ କରିବାକୁ ଚେତାବନୀ ଦେବାର କିଛି ଦିନ ପରେ ଭାରତ ସା?କ୍ରିକ୍?-ସିନ୍ଧ୍-କରାଚୀ ଅକ୍ଷ ନିକଟରେ ଏହି ସମରାଭ୍ୟାସ କରୁଛି। ରାଜନାଥ ସିଂହ କହିଥିଲେ, ଯଦି ପାକିସ୍ତାନ ସାର୍ କ୍ରିକ୍ ସେକ୍ଟରରେ କିଛି ଦୁଃସାହସ ପଦକ୍ଷେପ ନିଏ, ତେବେ ଏହାର ଜବାବ ଏତେ ଦୃଢ଼ ହେବ ଯେ ପାକିସ୍ତାନର ଇତିହାସ ଓ ଭୂଗୋଳ ବଦଳିଯିବ। ସାର୍ କ୍ରିକ୍ ହେଉଛି ଗୁଜରାଟ ଓ ସିନ୍ଧ ମଧ୍ୟରେ ଥିବା ଏକ ଜନଶୂନ୍ୟ ସନ୍ତସନ୍ତିଆ ଅଞ୍ଚଳ। ଏହି ୯୬ କିଲୋମିଟର ମୁହାଣ ଉପରେ ନିୟନ୍ତ୍ରଣ ପ୍ରମୁଖ ସମୁଦ୍ର ମାର୍ଗକୁ ପ୍ରବେଶ କରିବାକୁ ଅନୁମତି ଦିଏ, ଯାହା ସାର୍ କ୍ରିକ୍?କୁ ସୁରକ୍ଷା ଓ ସାମରିକ ଯୋଜନା ପାଇଁ ରଣନୀତିକ ଭାବରେ ଗୁରୁତ୍ୱପୂର୍ଣ୍ଣ କରିଥାଏ। ପାକିସ୍ତାନ ଏହି ଅଞ୍ଚଳରେ ଏହାର ସାମରିକ ଭିତ୍ତିଭୂମି ନିର୍ମାଣକୁ ଜୋରଦାର କରିଥିବା ଗୁଇନ୍ଦା ରିପୋର୍ଟ ପରେ ପ୍ରତିରକ୍ଷା ମନ୍ତ୍ରୀ ଏହି ଚେତାବନୀ ଦେଇଥିଲେ। ତେଣୁ ଏହି ପୃଷ୍ଠଭୂମିରେ ପାକିସ୍ତାନ ସୀମା ନିକଟରେ ଭାରତର ଏହି ବିଶାଳ ଅଭ୍ୟାସ ବହୁତ ଗୁରୁତ୍ୱ ବହନ କରେ।

## ମହାରାଷ୍ଟ୍ର ଡାକ୍ତର ଆତ୍ମହତ୍ୟା ମାମଲା ମେଡିକାଲ୍ ରିପୋର୍ଟ ବଦଳାଇବାକୁ ଜଣେ ସାଂସଦ ଚାପ ପକାଉଥିଲେ

ମୁମ୍ବାଇ : ମହାରାଷ୍ଟ୍ରର ସତାରା ଜିଲ୍ଲାର ଜଣେ ମହିଳା ଡାକ୍ତରଙ୍କ ଆତ୍ମହତ୍ୟା ମାମଲାରେ ନୂଆ ତଥ୍ୟ ସାମନାକୁ ଆସିଛି। ଉକ୍ତ ମହିଳା ଡାକ୍ତର କେବଳ ପୁଲିସ ଦ୍ୱାରା ମାନସିକ ଓ ଯୌନ ନିର୍ଯାତନାର ଶିକାର ହୋଇନାହାନ୍ତି, ଜଣେ ସାଂସଦ ମଧ୍ୟ ତାଙ୍କ ଉପରେ ଚାପ ପକାଇଥିଲେ। ଡାକ୍ତରଙ୍କର ଜଣେ ସମ୍ପର୍କୀୟ ପୂର୍ବରୁ



ଦାବି କରିଥିଲେ ଯେ ଅସ୍ୱାଭାବିକ ମୃତ୍ୟୁ ମାମଲାରେ ଶବ ବ୍ୟବଚ୍ଛେଦ ରିପୋର୍ଟରେ ପରିବର୍ତ୍ତନ ପାଇଁ ଏବଂ ଗିରଫ ବ୍ୟକ୍ତିମାନଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ହସ୍ପିଟାଲ୍ ଅଣାଯିବା ସମୟ ରେ ସେମାନଙ୍କ ରିପୋର୍ଟ ପରିବର୍ତ୍ତନ ପାଇଁ ପୀଡ଼ିତାଙ୍କ ଉପରେ ଅନେକ ସମୟ ରେ ଚାପ ପକାଯାଇଥାଏ। ଇତିମଧ୍ୟରେ ଜାଣିବାକୁ ମିଳିଛି ଯେ ସତାରା ପୁଲିସ ଯଦି କେ ଣସି ଅଭିଯୁକ୍ତଙ୍କୁ ଗିରଫ କରି ମେଡିକାଲ ପରୀକ୍ଷା ପାଇଁ ରାତିରେ ହସ୍ପିଟାଲ୍ ଆଣେ ଏବଂ ପୀଡ଼ିତା ଡାକ୍ତର ଯଦି ସେ ସମୟରେ ଡ୍ୟୁଟି ?ରେ ଥାନ୍ତି ତେବେ ସେ ଅଭିଯୁକ୍ତ ସମ୍ପୂର୍ଣ୍ଣ ସୁସ୍ଥ ଥାଇ ସୁଦ୍ଧା ତାଙ୍କୁ ଅସୁସ୍ଥ ଘୋଷଣା କରିବାକୁ ବାଧ୍ୟ ହୋଇଥାନ୍ତି ଏବଂ ହସ୍ପିଟାଲରେ ଭର୍ତ୍ତି କରାନ୍ତି। ସୂଚନାନୁଯାୟୀ ୩ରୁ ୪ ଥର ଏମିତି ଘଟିଥିଲା। ଯାହାପରେ ପୁଲିସ ଜିଲ୍ଲା ମେଡିକାଲ ପରିଷଦରେ ଏନେଇ ଅଭିଯୋଗ କରିବାପରେ ପରିଷଦ ପକ୍ଷରୁ ଡାକ୍ତରଙ୍କଠାରୁ ଜବାବ ମଗାଯାଇଥିଲା। ୪ ପୃଷ୍ଠାର ଲିଖିତ ଜବାବରେ ଡାକ୍ତର କହିଥିଲେ ଯେ ସେ ଜଣେ ସାଂସଦଙ୍କଠାରୁ ଫୋନ୍? ପାଇଥିଲେ ଯିଏ ତାଙ୍କୁ ମେଡିକାଲ ରିପୋର୍ଟ ବଦଳାଇବା ପାଇଁ ଚାପ ପକାଉଥିଲେ। ତେବେ ଏହି ଜବାବରେ ସେ ସାଂସଦଙ୍କ ନାଁ ଲେଖିନଥିଲେ। ଡାକ୍ତର ଦର୍ଶାଇଥିଲେ ଯେ ସାଂସଦଙ୍କର ୨ ସହଯୋଗୀ ହସ୍ପିଟାଲ ଆସି ତାଙ୍କୁ ଭୁଲ୍ ରିପୋର୍ଟ ଦେବାପାଇଁ କହୁଥିଲେ। ଉଲ୍ଲେଖଯୋଗ୍ୟ, ଆତ୍ମହତ୍ୟା କରିଥିବା ୨୮ ବର୍ଷୀୟା ଡାକ୍ତର ହେଉଛନ୍ତି ବିଡ୍?ଦ ଜିଲ୍ଲାର। ଫଲଟନର ଏକ ସରକାରୀ ହସ୍ପିଟାଲରେ ତାଙ୍କର ପୋଷ୍ଟିଂ ହୋଇଥିଲା। ବାରମ୍ବାର ନିର୍ଯାତନାର ଶିକାର ହେବାପରେ ସେ ଆତ୍ମହତ୍ୟା କରିଛନ୍ତି। ଏହା ପୂର୍ବରୁ ସେ ତାଙ୍କ ହାତ ପାପୁଲିରେ ଏକ ସୁଇସାଇଡ ନୋଟ୍? ଲେଖିଯାଇଥିଲେ।

## ଝିଅର ଦୁଷ୍କର୍ମକାରୀର ଫାଶୀ ପାଇଁ ନିବେଦନ କଲେ ବାପା

ମୁମ୍ବାଇ: ଡାକ୍ତରଙ୍କ ଆତ୍ମହତ୍ୟା ଘଟଣାରେ ଅଭିଯୁକ୍ତ ପାଇଁ ଫାଶୀ ଦଣ୍ଡ ଦାବି କରିଛନ୍ତି ପୀଡ଼ିତାଙ୍କ ବାପା। ୨୩ ଅକ୍ଟୋବର ରାତିରେ ସାତାରାର ଜଣେ ମହିଳା ଡାକ୍ତର ଏକ ହୋଟେଲ ରୁମରେ ଆତ୍ମହତ୍ୟା କରିଥିଲେ। ତାଙ୍କ ହାତ ପାପୁଲିରେ ସୁଇସାଇଡ୍ ନୋଟ୍ ଲେଖାଯାଇଥିବା ଦେଖିବାକୁ ମିଳିଥିଲା। ପୁଲିସ କହିଛି ଯେ ସୁଇସାଇଡ ନୋଟରେ ସେ ଅଭିଯୋଗ କରିଛନ୍ତି ଯେ ସବ-ଇନ୍ସପେକ୍ଟର ପଦବୀରେ ନିଯୁକ୍ତ ପୁଲିସ ଅଧିକାରୀ ଗୋପାଳ ବଦାନେ ତାଙ୍କୁ ଚାରିଥର ବଳାତ୍କାର କରିଥିଲେ, ଯେତେବେଳେ କି ଜଣେ ସଫ୍ଟୱେର୍ ଇଞ୍ଜିନିୟର ପ୍ରଶାନ୍ତ ବନ୍?କ? ତାଙ୍କୁ ମାନସିକ ଭାବରେ ହଇରାଣ କରିଥିଲେ। ଏସପି କହିଛନ୍ତି ଯେ ସତାରା ପୁଲିସ ବଦାନେ ଏବଂ ବନ୍?କରଙ୍କ ବିରୋଧରେ ଦୁଷ୍କର୍ମ ଏବଂ ଆତ୍ମହତ୍ୟା ପାଇଁ ପ୍ରୋତ୍ସାହିତ ମାମଲା ରୁଜୁ କରିଛି। ତଦନ୍ତ ଚାଲିଥିବା ସମୟରେ, ମହିଳା ଡାକ୍ତରଙ୍କର ଏକ ଚିଠି ମିଳିଥିଲା। ମହିଳା ଡାକ୍ତରଙ୍କ ଦ୍ୱାରା ଲିଖିତ ଚାରି ପୃଷ୍ଠାର ଚିଠିରେ ଜଣେ ସାଂସଦ (ଏମ୍ ପି) ଏବଂ ତାଙ୍କ ବ୍ୟକ୍ତିଗତ ସଚିବ (ପିଏ)ଙ୍କ ବିଷୟରେ ଲେଖାଯାଇଛି। ହେଲେ ସାଂସଦ ଏବଂ ତାଙ୍କ ସଚିବଙ୍କ ନାମ ଉଲ୍ଲେଖ କରାଯାଇ ନାହିଁ। ଅଭିଯୁକ୍ତ ପ୍ରଶାନ୍ତ ବନ୍?କରଙ୍କ ଭଉଣୀ କହିଛନ୍ତି ଯେ ମହିଳା ଡାକ୍ତର ପ୍ରଶାନ୍ତଙ୍କୁ ବିବାହ କରିବାକୁ ଚାହୁଁଥିଲେ। ଅଭିଯୁକ୍ତଙ୍କ ଭଉଣୀଙ୍କ ଅନୁଯାୟୀ, ମହିଳା ଡାକ୍ତର କିଛି ଦିନ ପୂର୍ବରୁ ତାଙ୍କ ଭାଇଙ୍କୁ ପ୍ରସ୍ତାବ ଦେଇଥିଲେ। ଏନଡିଟିଭି ସହିତ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ପ୍ରଶାନ୍ତଙ୍କ ଭଉଣୀ ସ୍ୱାତୀ ଯାଦବ କହିଛନ୍ତି ଯେ ତାଙ୍କ ଭାଇ ପ୍ରଶାନ୍ତ ବିବାହ ପାଇଁ ପ୍ରସ୍ତୁତ ନଥିଲେ ଏବଂ ସେମାନଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିଲା। ପ୍ରଶାନ୍ତଙ୍କୁ ଗିରଫ କରାଯାଇଛି ଏବଂ ସେ ବି.ଟେକ୍ ସ୍ନାତକ ଅଟନ୍ତି। ସେ ମୁମ୍ବାଇରେ କାମ କରନ୍ତି। ପୁଲିସ କର୍ମଚାରୀ ଜଣକ ବର୍ତ୍ତମାନ ଫେରାର୍ ଅଛନ୍ତି ଏବଂ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଇଛି।

## କୋଟାରେ ନିଟ୍ ଆଶାୟୀ ଓଡ଼ିଆ ଛାତ୍ରଙ୍କ ଆତ୍ମହତ୍ୟା

କୋଟା: ରାଜସ୍ଥାନର କୋଟାରେ ନିଟ୍ ପାଇଁ ପ୍ରସ୍ତୁତି କରୁଥିବା ଓଡ଼ିଶାର ଜଣେ ୨୪ ବର୍ଷୀୟ ଛାତ୍ର ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ରଙ୍କ ନାମ ରୋଶନ କୁମାର ପାତ୍ର ଏବଂ ତାଙ୍କ ଘର ଗଞ୍ଜାମ ଜିଲ୍ଲାର ଜରଡ଼ା ଥାନା ଅନ୍ତର୍ଗତ ଅଭୟପୁର ଗ୍ରାମରେ। ରୋଶନ ଚାରି ମାସ ପୂର୍ବେ କୋଟାର ଏକ ଜଣାଶୁଣା କୋଚିଂ ଇନ୍ଷ୍ଟିଟ୍ୟୁଟ୍ରେ ନାମ ଲେଖାଇଥିଲେ ଏବଂ ରାଜୀବ ଗାନ୍ଧୀ ନଗରସ୍ଥିତ ଏକ ହଷ୍ଟେଲରେ ତାଙ୍କ ସଂପର୍କୀୟ ଭାଇଙ୍କ ସହ ରହୁଥିଲେ। ସୂଚନା ଅନୁଯାୟୀ, ରୋଶନ ଆଜି କ୍ଲାସ୍ରୁ ଫେରିବା ପରେ ତାଙ୍କ ଭାଇ ଅନ୍ୟ କ୍ଲାସ୍ ପାଇଁ ବାହାରି ଯାଇଥିଲେ। ପରେ ତାଙ୍କ ଭାଇ ଆସି ଦେଖିଲାବେଳକୁ କୋଠରି ଭିତରୁ ବନ୍ଦ ଥିଲା, ବାରମ୍ବାର ଡାକିବା ସତ୍ତ୍ୱେ କୌଣସି ଉତ୍ତର ମିଳିନଥିଲା। ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଖବର ଦିଆଯିବା ପରେ କବାଟ ଭଙ୍ଗାଯାଇଥିଲା ଏବଂ କୋଠରିରେ ରୋଶନଙ୍କ ମୃତଦେହ ଖଟ ଉପରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ତେବେ ସେଠାରୁ କୌଣସି ଆତ୍ମହତ୍ୟା ନୋଟ୍ ମିଳିନଥିବା ପୁଲିସ କହିଛି। ଜବାହରନଗର ଥାନାର ଏସ୍?ଏଚ୍?ଓ ରାମଲକ୍ଷ୍ମଣ କହିଛନ୍ତି, ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ବୋଲି ଜଣାପଡ଼ୁଛି। ଛାତ୍ରଙ୍କ ଆତ୍ମହତ୍ୟା ସଂପର୍କରେ ତାଙ୍କ ପରିବାରକୁ ଖବର ଦିଆଯାଇଛି ଏବଂ ମୃତଦେହ ପୋଷ୍ଟମର୍ଟମ ପାଇଁ ପଠାଯାଇଛି। ଭାରତର କୋଚିଂ ରାଜଧାନୀ ଭାବେ ପରିଚିତ କୋଟାରେ ନିଟ୍ ଭଳି କଡ଼ା ପ୍ରତିଯୋଗିତାମୂଳକ ପରୀକ୍ଷାର ଚାପ ଯୋଗୁ ଛାତ୍ର ଆତ୍ମହତ୍ୟା ସଂଖ୍ୟା ବୃଦ୍ଧି ପାଉଛି। ୨୦୨୫ରେ ରାଜସ୍ଥାନରେ ୨୦ଟି ଛାତ୍ର ଆତ୍ମହତ୍ୟା ମାମଲା ମଧ୍ୟରୁ ୧୮ଟି କୋଟାରେ ଘଟିଛି। ମାନସିକ ସ୍ୱାସ୍ଥ୍ୟ ସମର୍ଥନ ଓ କାଉନ୍ସେଲିଂ ପାଇଁ ଉଦ୍ୟମ ସତ୍ତ୍ୱେ ଛାତ୍ର ଆତ୍ମହତ୍ୟା ଥମୁ ନଥିବାରୁ ବିଭିନ୍ନ ମହଲ ଉଦ୍?ବେଗ ପ୍ରକାଶ କରିଛନ୍ତି।

## ନିଆଁକୁ ତୀବ୍ର କରିଥିଲା ୨୩୪ଟି ସ୍ମାର୍ଟଫୋନ୍ ବିସ୍ଫୋରଣ

ହାଇଦ୍ରାବାଦ: ଆନ୍ଧ୍ର ପ୍ରଦେଶରେ କୁର୍ଣ୍ଣୁଲ ବସ୍ ଅଗ୍ନିକାଣ୍ଡ ଘଟଣାର ତଦନ୍ତ ଜାରି ରହିଥିବା ବେଳେ ଏକ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଶୁକ୍ରବାର ସକାଳେ ଦୁର୍ଘଟଣା ଘଟିବା ପରେ ବସ୍ ଭିତରେ ୨୩୪ଟି ସ୍ମାର୍ଟଫୋନ୍? ଥିବା ଏକ ପ୍ୟାକେଟ୍? ବିସ୍ଫୋରିତ ହୋଇଥିଲା। ଫୋରେନସିକ୍ ବିଶେଷଜ୍ଞମାନେ ମତ ଦେଇଛନ୍ତି ଯେ, ଏହି ଫୋନ୍?ଗୁଡ଼ିକର ବ୍ୟାଟେରି ବିସ୍ଫୋରଣ ଯୋଗୁଁ ବସ୍?ରେ ଲାଗିଥିବା ନିଆଁର ତୀବ୍ରତା ବୃଦ୍ଧି ପାଇଥିଲା, ଯେଉଁଥିରେ ୨୦ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିଲା। ୨୩୪ଟି ସ୍ମାର୍ଟଫୋନର ମୂଲ୍ୟ ୪୬ ଲକ୍ଷ ଟଙ୍କା ଥିଲା। ହାଇଦ୍ରାବାଦର ମଙ୍ଗନାଥ ନାମକ ଜଣେ ବ୍ୟବସାୟୀ ସେଗୁଡ଼ିକୁ ପାର୍ସଲ ଭାବେ ପଠାଉଥିଲେ। ଏହି ସାମଗ୍ରୀ ବେଙ୍ଗାଲୁରୁର ଇ-କମର୍ସ କମ୍ପାନି ପାଇଁ ଉଦ୍ଦିଷ୍ଟ ଥିଲା। ପ୍ରତ୍ୟକ୍ଷଦର୍ଶୀମାନେ ଫୋନ୍ ପ୍ୟାକେଟ୍ରେ ନିଆଁ ଲାଗିବା ପରେ ବ୍ୟାଟେରି ବିସ୍ଫୋରଣ ହେବା ଶୁଣିଥିବା ସୂଚନା ଦେଇଛନ୍ତି।

ଆନ୍ଧ୍ରପ୍ରଦେଶ ଅଗ୍ନିଶମ ସେବା ବିଭାଗର ମହାନିର୍ଦ୍ଦେଶକ ପି ଭେଙ୍କଟରମଣ କହିଛନ୍ତି ଯେ, ସ୍ମାର୍ଟଫୋନ୍ ବିସ୍ଫୋରଣ ବ୍ୟତୀତ ବସ୍?ର ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ପାଇଁ ବ୍ୟବହୃତ ବୈଦ୍ୟୁତିକ ବ୍ୟାଟେରି



ମଧ୍ୟ ବିସ୍ଫୋରଣ ହୋଇଛି। ଗରମ ଏତେ ଭୟଙ୍କର ଥିଲା ଯେ ବସ୍ ଚଟାଣରେ ଥିବା ଆଲୁମିନିୟମ୍ ସିଟ୍ ତରଳି ଯାଇଥିଲା ବୋଲି ଭେଙ୍କଟରମଣ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଦୁର୍ଘଟଣା ପରେ ଇନ୍ଧନ ଲିକ୍ ହେତୁ ଗାଡ଼ିର ଆଗ ପଟେ ପ୍ରଥମେ ନିଆଁ ଲାଗିଥିଲା। ଏକ ବାଇକ୍ ବସ୍ ତଳେ ଚାପି ହୋଇଯାଇଥିଲା। ଫଳସ୍ୱରୂପ ପେଟ୍ରୋଲ୍ ଟାଙ୍କି ଫାଟି ନିଆଁ ଲାଗିଥିଲା, ଯାହା ଶୀଘ୍ର ସମଗ୍ର ଗାଡିକୁ ଗ୍ରାସ କରିଥିଲା। ବସ୍ ନିର୍ମାଣରେ ଏକ ଗଠନମୂଳକ ତ୍ରୁଟି ମଧ୍ୟ ସେ ଦର୍ଶାଇଛନ୍ତି। ଲୁହା ବଦଳରେ ହାଲୁକା ଆଲୁମିନିୟମର ବ୍ୟବହାର ସାଧାରଣତଃ ଯାନର ଓଜନ ହ୍ରାସ କରିବା ଓ ଗତି ବୃଦ୍ଧି ପାଇଁ ଉଦ୍ଦିଷ୍ଟ। ଶେଷରେ ଜରୁରିକାଳୀନ ସମୟରେ ଏହା କ୍ଷତିକାରକ ପ୍ରମାଣିତ ହୋଇଥିଲା, ଯାହା ଦୁର୍ଘଟଣାର ଗମ୍ଭୀରତାକୁ ତୀବ୍ର କରିଥିଲା।

## ୧୧ ଜଣ ନେତାଙ୍କୁ ଦଳରୁ ବହିଷ୍କାର କଲେ ନୀତୀଶ



ବିହାର ବିଧାନସଭା ନିର୍ବାଚନ ମଧ୍ୟରେ ନୀତୀଶ କୁମାର (ଘସଷ୍ପସଷ୍ପକ୍ଷ କଙ୍କଙ୍କବକ୍ସ)ଙ୍କ ଦଳ ଜେଡିୟୁ (ଔଊଟ) ଏକ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଦଳ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ରହିବା ପାଇଁ ଜେଡିୟୁ ୧୧ ଜଣ ନେତାଙ୍କୁ ଦଳରୁ ବହିଷ୍କାର କରିଛି। ଏହି ନେତାମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ, ପୂର୍ବତନ ଏମଏଲସି ଏବଂ ପୂର୍ବତନ ବିଧାୟକ ଅଛନ୍ତି। ବହିଷ୍କୃତ ନେତାମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଶୈଳେଶ କୁମାର, ପୂର୍ବତନ ଏମଏଲସି ସଞ୍ଜୟ ପ୍ରସାଦ, ପୂର୍ବତନ ବିଧାୟକ ଶ୍ୟାମ ବାହାଦୁର ସିଂହ, ପୂର୍ବତନ ଏମଏଲସି ରଣବିଜୟ ସିଂହ ଏବଂ ପୂର୍ବତନ ବିଧାୟକ ସୁଦର୍ଶନ କୁମାରଙ୍କ ସମେତ ୧୧ ଜଣ ଅଛନ୍ତି। ସୂଚନାଯୋଗ୍ୟ ଯେ ଜେଡିୟୁ ଜମାଲପୁରରୁ ସ୍ୱାଧୀନ ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପୂର୍ବତନ ମନ୍ତ୍ରୀ ଶୈଳେଶ କୁମାରଙ୍କୁ ଦଳରୁ ବହିଷ୍କାର କରିଛି। ଚକାଇ ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସଞ୍ଜୟ ପ୍ରସାଦଙ୍କୁ ମଧ୍ୟ ବହିଷ୍କାର କରାଯାଇଛି। ବରହରା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପୂର୍ବତନ ଏମଏଲସି ରଣବିଜୟ ସିଂହଙ୍କ ବିରୁଦ୍ଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜେଡିୟୁ ଜିରାଦେଇରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିବେକ ଶୁକ୍ଳା ଏବଂ ମହୁଆ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଆସ୍ମା ପରୱିନଙ୍କୁ ମଧ୍ୟ ବହିଷ୍କାର କରିଛି। ସ୍ୱାଧୀନ ପ୍ରାର୍ଥୀ ଭାବରେ ବାରବିଘା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ସୁଦର୍ଶନ କୁମାରଙ୍କୁ ମଧ୍ୟ ଦଳରୁ ବହିଷ୍କାର କରାଯାଇଛି।

ଜେଡିୟୁ ବାରହାରିଆରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଶ୍ୟାମ ବାହାଦୁର ସିଂହ, ନବନଗରରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଲଭ କୁମାର, ମୋତିହାରୀରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଦିବ୍ୟାଂଶୁ ଭରଦ୍ୱାଜ, ସାହେବପୁର କମଲରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଅମର କୁମାର ସିଂହ ଏବଂ କଡୱାରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଆଶା ସୁମନଙ୍କୁ ମଧ୍ୟ ବହିଷ୍କାର କରିଛି।

## ପୂର୍ବତନ ସିଆଇଏ ଅଧିକାରୀଙ୍କ ବିସ୍ଫୋରକ ବୟାନ ପାକ୍ ପରମାଣୁ ଅସ୍ତ୍ରର ନିୟନ୍ତ୍ରଣ ଆମେରିକାକୁ ସମର୍ପିଥିଲେ ମୁସାରଫ

ନୂଆଦିଲ୍ଲୀ: ପାକିସ୍ତାନରେ ଆତଙ୍କବାଦ ନିରୋଧୀ ଅଭିଯାନର ମୁଖ୍ୟ ଭାବରେ ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଏଜେନ୍ସି (ସିଆଇଏ)ରେ ୧୫ ବର୍ଷ ବିତାଇଥିବା ଜନ୍ କିରିଆକୋ ପାକିସ୍ତାନ ସହିତ ଆମେରିକାର କାରବାର ଏବଂ ଆଣବିକ କୂଟନୀତିରେ ସାଉଦି ଆରବର ପ୍ରଭାବ ବିଷୟରେ ବିସ୍ଫୋରକ ବୟାନ ଦେଇଛନ୍ତି। ଏଏନ୍ଆଇକୁ ଦେଇଥିବା ଏକ ସାକ୍ଷାତ୍କାରରେ କିରିଆକୋ କହିଛନ୍ତି ଯେ, ୱାସିଂଟନ ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ପରଭେଜ ମୁସାରଫ୍?ଙ୍କୁ ଲକ୍ଷ ଲକ୍ଷ ଡଲାରର ସହାୟତା ରାଶି ଦେଇ କିଣିନେଇଥିଲା। ସେ ଦାବି କରିଛନ୍ତି ଯେ, ଆମେରିକା ଏକଦା ପାକିସ୍ତାନର ଆଣବିକ ଅସ୍ତ୍ରଶସ୍ତ୍ରକୁ ନିୟନ୍ତ୍ରଣ କରୁଥିଲା। ବୈଦେଶିକ ନୀତିରେ ଆମେରିକାର ଚୟନାତ୍ମକ ନୈତିକତାକୁ ମଧ୍ୟ ସମାଲୋଚନା କରି କିରିଆକୋ ୱାସିଂଟନ ଏକଛତ୍ରବାଦୀଙ୍କ ସହ ଆରାମରେ କାର୍ଯ୍ୟ କରୁଥିବା ଏବଂ ଗଣତାନ୍ତ୍ରିକ ଆଦର୍ଶ ଅପେକ୍ଷା ସ୍ୱାର୍ଥକୁ ପ୍ରାଥମିକତା ଦେଉଥିବା ଅଭିଯୋଗ କରିଛନ୍ତି। କିରିଆକୋ କହିଛନ୍ତି ଯେ, ପରଭେଜ ମୁସାରଫ୍ ପାକିସ୍ତାନର ଆଣବିକ ଅସ୍ତ୍ରଶସ୍ତ୍ରର ନିୟନ୍ତ୍ରଣ



ଆମେରିକାକୁ ହସ୍ତାନ୍ତର କରିଥିଲେ। ମୁସାରଫ୍?ଙ୍କ ଅଧୀନରେ ୱାସିଂଟନ ପାକିସ୍ତାନର ସୁରକ୍ଷା ଓ ସାମରିକ କାର୍ଯ୍ୟରେ ପ୍ରାୟ ଅନିୟନ୍ତ୍ରିତ ପ୍ରବେଶ ଉପଭୋଗ କରିଥିଲା। ଆମେ ସାମରିକ ସହାୟତା ଓ ଲକ୍ଷ ଲକ୍ଷ ଡଲାରର ଅର୍ଥନୈତିକ ସହାୟତା ଦେଇଥିଲୁ ଏବଂ ଆମେ ଯାହା ଚାହୁଁଥିଲୁ ତାହା ମୁସାରଫ୍ ଆମକୁ କରିବାକୁ ଦେଇଥିଲେ। ପୂର୍ବତନ ସିଆଇଏ ଅଧିକାରୀ ଆହୁରି କହିଛନ୍ତି ଯେ, ମୁସାରଫ୍ ଏକ ଡବଲ୍ ଗେମ୍ ଖେଳିଥିଲେ। ସେ ସର୍ବସାଧାରଣରେ ଆତଙ୍କବାଦ ନିରୋଧୀ ପ୍ରସଙ୍ଗରେ ଆମେରିକାର ପକ୍ଷ ନେଇଥିଲେ ଏବଂ ପାକିସ୍ତାନର ସୈନ୍ୟ ଓ ଉଗ୍ରବାଦୀମାନଙ୍କୁ ଭାରତ ବିରୋଧରେ ଆତଙ୍କବାଦୀ କାର୍ଯ୍ୟକଳାପ ଜାରି ରଖିବାକୁ ଗୁପ୍ତରେ ଅନୁମତି ଦେଇଥିଲେ। କିରିଆକୋ ଏହା ମଧ୍ୟ ପ୍ରକାଶ କରିଛନ୍ତି ଯେ, ସାଉଦି ଆରବର ପ୍ରତ୍ୟକ୍ଷ ହସ୍ତକ୍ଷେପ ପରେ ଆମେରିକା ପାକିସ୍ତାନର ଆଣବିକ ବୈଜ୍ଞାନିକ ଅବଦୁଲ କାଦିର ଖାନଙ୍କୁ ହତ୍ୟା କରିବା ଯୋଜନାକୁ ପରିତ୍ୟାଗ କରିଥିଲା, ଯାହା ପାକିସ୍ତାନର ପରମାଣୁ ବୋମାର ଜନକଙ୍କୁ ଆମେରିକାର କାର୍ଯ୍ୟାନୁଷ୍ଠାନରୁ ରକ୍ଷା କରିଥିଲା। ସେ ଏହାକୁ ଏକ ପ୍ରମୁଖ ନୀତିଗତ ଭୁଲ୍ ବୋଲି କହି କହିଛନ୍ତି ଯେ, ସାଉଦିର ଅନୁରୋଧ ପରେ ହ୍ୱାଇଟ୍ ହାଉସ୍ ଉଭୟ ସିଆଇଏ ଓ ଆଇଏଇଏକୁ ଖାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ନିର୍ଦ୍ଦେଶ ଦେଇଥିଲା।

କିରିଆକୋ ଆମେରିକାର ବୈଦେଶିକ ନୀତିର କପଟତାକୁ ଅଙ୍ଗୁଳି ଦେଖାଇ କହିଛନ୍ତି ଯେ, ୱାସିଂଟନ ଏକଛତ୍ରବାଦୀଙ୍କ ସହ ଆରାମରେ କାର୍ଯ୍ୟ କରୁଥିବାବେଳେ ଗଣତନ୍ତ୍ରକୁ ପ୍ରୋତ୍ସାହନ ଦେଉଥିବାର ଡିଣ୍ଡିମ ପିଟେ। ଆମେ ଗଣତନ୍ତ୍ର ଓ ମାନବିକ ଅଧିକାରର ଏକ ଆଲୋକବର୍ତ୍ତିକା ବୋଲି ଛଳନା କରିବାକୁ ପସନ୍ଦ କରୁ। କିନ୍ତୁ ଏହା ସତ୍ୟ ନୁହେଁ - ଆମେ ନିଜ ସ୍ୱାର୍ଥରେ କାମ କରୁ। ସେ କହିଛନ୍ତି ଯେ, ଆମେରିକା-ସାଉଦି ସମ୍ପର୍କ କେବଳ କାରବାର ଉପରେ ରହିଛି। ଆମେ ସେମାନଙ୍କ ତେଲ କିଣୁ ଏବଂ ସେମାନେ ଆମର ଅସ୍ତ୍ରଶସ୍ତ୍ର କିଣନ୍ତି। କିରିଆକୋ କହିଛନ୍ତି ଯେ, ଏବେ ସାଉଦି ଆରବ, ଚୀନ୍ ଓ ଭାରତ ସେମାନଙ୍କ ରଣନୀତିକ ଭୂମିକାକୁ ପୁନଃ ବ୍ୟାଖ୍ୟା କରୁଥିବାରୁ ବୈଶ୍ୱିକ ସମୀକରଣ ବଦଳୁଛି।

# ସିଡନୀରେ ତୃତୀୟ ଦିନିକିଆ ଜିତିଲା ଭାରତ

**ସିଡନୀ,୨୫।୧୦ (ଏଜେନ୍ସି) :** ଅଷ୍ଟ୍ରେଲିଆର ସିଡ଼ନୀରେ ରୋକୋ ଶୋ'। ରୋକୋ ଜଲୱାରେ କମ୍ପିଲା ଷ୍ଟାଡିୟମ। ଅଷ୍ଟ୍ରେଲିଆ ବିପକ୍ଷ ଶେଷ ଦିନିକିଆରେ ଚମକିଛନ୍ତି ଟିମ ଇଣ୍ଡିଆର ଦୁଇ ଭେଟରାନ ରୋହିତ ଶର୍ମା ଓ ବିରାଟ କୋହଲି। ରୋକୋ ଜଲୱା ବଳରେ ଭାରତ ୯ ୱିକେଟରେ ଶେଷ ଦିନିକିଆକୁ ଜିତି ନେଇଛି।

ପ୍ରଥମ ଦୁଇଟି ଦିନିକିଆ ହାରି ସିରିଜ ହାତ ଛଡ଼ା କରିଥିଲେ ହେଁ ଶୁବମନ ଗିଲଙ୍କ ଭାରତ ଶେଷ ମ୍ୟାଚ ଜିତି ସମ୍ମାନ ରକ୍ଷା କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ଅଷ୍ଟ୍ରେଲିଆ ୪୬.୪ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୨୩୫ ରନ କରିଥିଲା। ଏହାର ଜବାବରେ ରୋକୋ ନିଜ ନିଜର ଜଲୱା ଦେଖାଇ ମ୍ୟାଚକୁ ଏକତରଫା ଭାବେ ଭାରତ ସପକ୍ଷରେ କରିଛନ୍ତି। ଦୁଇ ଭେଟରାନଙ୍କ ଅବସର ଚର୍ଚ୍ଚା ଜୋର ଧରିଥିବା ବେଳେ ସେମାନେ ସିଡ଼ନୀରେ ଚମତ୍କାର ଇନିଂସ ଖେଳିଛନ୍ତି।

ରୋହିତ ଶେଷ ଯାଏ ୧୨୫ ବଲରେ ୧୨୧ ଓ ବିରାଟ ୮୧ ବଲରେ ୭୪ ରନ ଭାରତକୁ ୩୮.୩ ଓଭରରେ ବିଜୟ ଭେଟି ଦେଇଛନ୍ତି। ରୋହିତ ତାଙ୍କ ଇନିଂସରେ ୧୩ଟି ଚୌକା ଓ ୩ଟି ଛକା ମାରିଛନ୍ତି। ସେହିପରି ବିରାଟଙ୍କ ବ୍ୟାଟରୁ ଦେଖିବାକୁ ମିଳିଛି ୭ଟି ଚୌକା। ଭାରତ ଏକମାତ୍ର ବ୍ୟାଟର ଭାବେ କେବଳ ଶୁବମନ ଗିଲ ୨୪ଙ୍କୁ ହରାଇଥିଲା।

ପ୍ରଥମ ଦିନିକିଆରେ ଫେଲ ମାରିବା ପରେ ଦ୍ୱିତୀୟ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଥିଲେ ରୋହିତ। ଏବେ ଶେଷ ଦିନିକିଆରେ ସେ ଶତକ ମାରି ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ୧୦୫ ବଲରେ ସେ ଶତକ ମାରି ଏବେ ବି ତାଙ୍କ ଭିତରେ ଆହୁରି ଅନେକ ଖେଳ ରହିଥିବା ପ୍ରମାଣ କରି ଦେଖାଇଛନ୍ତି। ଦୀର୍ଘ ୨ ବର୍ଷ ପରେ ରୋହିତଙ୍କ ବ୍ୟାଟରୁ ଦିନିକିଆରେ ଦେଖିବାକୁ ମିଳିଛି ଶତକ। ସେ ଶେଷଥର



୨୦୨୩ ଅକ୍ଟୋବର ୧୧ରେ ଆଫଗାନ ବିପକ୍ଷ ଦିଲ୍ଲୀ ଦିନିକିଆରେ ୧୩୧ ରନ ଇନିଂସ ଖେଳିଥିଲେ।

ଏବେ ଅଷ୍ଟ୍ରେଲିଆ ବିପକ୍ଷ ସିଡ଼ନୀ ଦିନିକିଆରେ ତାଙ୍କ ବ୍ୟାଟରୁ ଶତକ ଦେଖିବାକୁ ମିଳିଛି। ରୋହିତଙ୍କ କ୍ୟାରିୟରର ଏହା ୫୦ତମ ଅନ୍ତର୍ଜାତୀୟ ଶତକ। ସେ ଦିନିକିଆରେ ୩୩ଟି, ଟେଷ୍ଟରେ ୧୨ଟି ଓ ଟି-୨୦ରେ ୫ଟି ଶତକ ମାରିଛନ୍ତି। ସେ ବିଶ୍ୱର ଏକମାତ୍ର ବ୍ୟାଟର ଯିଏ କ୍ରିକେଟର ୩ଟି ଫର୍ମାଟରେ ୫ କିମ୍ବା ତା'ଠାରୁ ଅଧିକ ଶତକ ହାସଲ କରିଛନ୍ତି।

ସେହିପରି ଅଷ୍ଟ୍ରେଲିଆରେ ଭ୍ରମଣକାରୀ ବ୍ୟାଟର ଭାବେ ସର୍ବାଧିକ ଶତକ ମାରିବାର ରେକର୍ଡ ମଧ୍ୟ ରୋହିତ ନିଜ ନାଁରେ କରି ନେଇଛନ୍ତି। ସେ ୩୩ଟି ଇନିଂସରେ ୬ଟି ଶତକ ମାରିଥିବା ବେଳେ ତାଙ୍କ ପଛକୁ ୩୨ଟି ଇନିଂସରେ ୫ଟି ଶତକ ସହ ବିରାଟ କୋହଲି ଓ ୪୯ଟି ଇନିଂସରେ ୫ଟି ଶତକ ସହ କୁମାର ସାଙ୍ଗାକାରା ରହିଛନ୍ତି। ରୋହିତଙ୍କ ଶତକ ମାରିଥିବା ବେଳେ ଅନ୍ୟତମ ଭେଟରାନ ଖେଳାଳି ବିରାଟ ମଧ୍ୟ ବେଶୀ ପଛରେ ନାହାନ୍ତି। ପ୍ରଥମ ଦୁଇଟି ଦିନିକିଆରେ ଖାତା ଖୋଲି ପାରି ନଥିବା ବିରାଟ ଆଜି ଅର୍ଦ୍ଧଶତକ ହାସଲ କରିଛନ୍ତି। ଦୁଇଟି ଯାକ ଦିନିକିଆରେ ସେ ଶୂନରେ ଆଉଟ ହୋଇଥିବାରୁ ତାଙ୍କ ଅବସର ଚର୍ଚ୍ଚା ଜୋର ଧରିଥିଲା। ହେଲେ ଏବେ ସେ ଅର୍ଦ୍ଧଶତକ ହାସଲ କରି ସମସ୍ତଙ୍କ ମୁହଁ ବନ୍ଦ କରି ଦେଇଛନ୍ତି।

ଏହା ତାଙ୍କ ଦିନିକିଆ କ୍ୟାରିୟରର ୭୫ତମ ଅର୍ଦ୍ଧଶତକ। ସେହିପରି ସେ ଆଜି ୫୩ ରନ କରିବା କ୍ଷଣି ଦିନିକିଆ କ୍ରିକେଟରେ ସର୍ବାଧିକ ରନ ହାସଲକାରୀ କ୍ରିକେଟରଙ୍କ ତାଲିକାରେ ଦ୍ୱିତୀୟ ସ୍ଥାନରେ ପହଞ୍ଚି ଯାଇଛନ୍ତି। ସେ କୁମାର ସାଙ୍ଗାକାରାଙ୍କ ୧୪୨୩୪ ରନକୁ ପଛରେ ପକାଇ ଦେଇଛନ୍ତି।

## ଏହିପରି ପ୍ରଦର୍ଶନ ଜାରି ରଖିବି

**ନୂଆଦିଲ୍ଲୀ,୨୫।୧୦:** ତୃତୀୟ ଦିନିକିଆରେ ଅଷ୍ଟ୍ରେଲିଆକୁ ୯ ୱିକେଟରେ ପରାସ୍ତ କରିଛି ଭାରତ। ଭାରତର ଦୁଇ ତାରକା ବ୍ୟାଟ୍ସମ୍ୟାନ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଦମଦାର ଇନିଂସ ବଳରେ ଏହି ବିଜୟ ସମ୍ଭବ ହୋଇପାରିଛି। ରୋହିତ ଶର୍ମାଙ୍କ କାରଣରୁ ଟିମ୍ ଇଣ୍ଡିଅ ଶନିବାର ସିଡନିରେ ଅଷ୍ଟ୍ରେଲିଅ ବିପକ୍ଷରେ ମ୍ୟାଚ୍ ଜିତିପାରିଛି। ରୋହିତ ପୁଣି ଥରେ ୩୩ତମ ଶତକ



ହାସଲ କରିଛନ୍ତି। ବିଜୟ ପରେ ରୋହିତ କୁହନ୍ତି, ପ୍ରଥମେ ଆପଣଙ୍କୁ ପରିସ୍ଥିତି ବୁଝିବାକୁ ପଡିବ। ମୁଁ କିଛି ସମୟ ଧରି ଖେଳି ନଥିଲି, କିନ୍ତୁ ମୁଁ ଏଠାକୁ ଆସିବା ପୂର୍ବରୁ ଭଲ ଭାବରେ ପ୍ରସ୍ତୁତ ହୋଇଥିଲି। ଆମେ ସିରିଜ୍ ଜିତି ନ ଥାଇପାରୁ, କିନ୍ତୁ ଆମେ ଏଠାରେ ଅନେକ ସକାରାତ୍ମକ ଦିଗ ପାଇଲୁ। ଯୁବ ଖେଳାଳିମାନେ ଏଠାରେ ନିଶ୍ଚିତ ଭାବରେ ବହୁତ କିଛି ଶିଖିଥିବେ। ଯେତେବେଳେ ମୁଁ ପ୍ରଥମେ ଅଷ୍ଟ୍ରେଲିଆ ଆସିଥିଲି, ମୁଁ ମନେ ରଖିଛି ଯେ ବରିଷ୍ଠ ଖେଳାଳିମାନେ ମୋତେ କିପରି ସାହାଯ୍ୟ କରିଥିଲେ। ବର୍ତ୍ତମାନ ଏହି ବାର୍ତ୍ତା ଦେବା ହେଉଛି ଆମର କାମ।

## ଟିପିଏସ୍ଓଡିଏଲ୍ କର୍ମଚାରୀଙ୍କ ସୌର ଶକ୍ତି ଓ ସୁରକ୍ଷା ସଚେତନତା ଯାତ୍ରା

**ବ୍ରହ୍ମପୁର,୨୫।୧୦:** ସୌର ଶକ୍ତିକୁ ଆପଣେଇବା ଏବଂ ବୈଦ୍ୟୁତିକ ସୁରକ୍ଷା ନିୟମକୁ ପାଳନ କରିବାର ବାର୍ତ୍ତା ନେଇ ଦୀର୍ଘ ୬୩୯ କିମି ପଥ ଅତିକ୍ରମ କରି ନିଜର ସଚେତନତା ଯାତ୍ରା ଶେଷ କରିଛନ୍ତି ଶ୍ରୀ ସୌମ୍ୟ ରଞ୍ଜନ ଲେଙ୍କା । ଟିପିଏସ୍ଓଡିଏଲର ପ୍ରୋଜେକ୍ଟ ବିଭାଗରେ ଟିମ୍ ଲିଡ୍ ଭାବରେ କାର୍ଯ୍ୟରତ ଅଛନ୍ତି ଶ୍ରୀ ଲେଙ୍କା । କର୍ମମୟ ଜୀବନ ବ୍ୟତୀତ ସେ ହେଉଛନ୍ତି ଜଣେ ପରିବେଶ ପ୍ରେମୀ। ପରିବେଶର ସୁରକ୍ଷା ପାଇଁ ସେ ସଦା ତତ୍ପର ଏବଂ ବିଭିନ୍ନ ସ୍ତରରେ ଭିନ୍ନ ଉପାୟରେ ସାଧାରଣ ଲୋକଙ୍କୁ ସଚେତନ କରିଥାଆନ୍ତି। ଅକ୍ଟୋବର ୧୫ତାରିଖରେ ଶ୍ରୀ ସୌମ୍ୟ ରଞ୍ଜନ ଲେଙ୍କା ଆରମ୍ଭ କରିଥିଲେ ସାଇକେଲ ଯୋଗେ ସଚେତନତା ଯାତ୍ରା । କୋରାପୁଟ ଜିଲ୍ଲାର ଜୟପୁରଠାରୁ ଆରମ୍ଭ କରିଥିବା ଏହି ଯାତ୍ରା ନବରଙ୍ଗପୁର, ଭବାନୀପାଟଣା, ବଲାଙ୍ଗୀର, ବୌଦ୍ଧ, କନ୍ଧମାଳ, ଭଞ୍ଜନଗର, ଆସିକା ଦେଇ ବ୍ରହ୍ମପୁରରେ ଦୀର୍ଘ ସାତ ଦିନ ପରେ ତଥା ୨୨ ଅକ୍ଟୋବରରେ ଶେଷ ହୋଇଥିଲା । ପିଏମ୍ ସୂର୍ଯ୍ୟ ଘର ମୁଫତ ବିଜୁଳି ଯୋଜନାରେ ସାମିଲ ହୋଇ ସୌର ଶକ୍ତିକୁ ଆପଣେଇବା ଏବଂ ବିଦ୍ୟୁତ ସୁରକ୍ଷା ନିୟମ ମାନିବା ସହିତ ଏଥିପ୍ରତି ଲୋକଙ୍କୁ ସଚେତନ କରାଇବା ଥିଲା ତାଙ୍କର ମୂଳ ଲକ୍ଷ୍ୟ । ଏ ସମ୍ପର୍କରେ ଶ୍ରୀ ଲେଙ୍କା କୁହନ୍ତି "ଆମର ଗୋଟିଏ ପୃଥିବୀ, ଗୋଟିଏ ସୂର୍ଯ୍ୟ ଏବଂ ଗୋଟିଏ ଗ୍ରୀଡ, ହେଲେ ଯାଇ ଆମେ ପରବର୍ତ୍ତୀ ପିଢିକୁ ଏକ ସବୁଜ ଓ ସୁନ୍ଦର ପୃଥିବୀ ଏବଂ ପରିବେଶ ଉପହାର ଦେଇ ପାରିବା । ଏଥିପାଇଁ ଆମକୁ ସବୁଜ ଏବଂ ସ୍ୱଚ୍ଛ ଶକ୍ତିର ବ୍ୟବହାର କରିବାକୁ ହେବ । କେବଳ ସେତିକି ନୁହେଁ ବୈଦ୍ୟୁତିକ ଉପକରଣ ବ୍ୟବହାର କରିବାବେଳେ ସର୍ବଦା ବିଦ୍ୟୁତ ସୁରକ୍ଷା ନିୟମ ମାନିବାକୁ ହେବ । ଆଗାମୀ ଦିନରେ ମୋର ଏହି ସଚେତନତା ଯାତ୍ରା ସାରା ଓଡ଼ିଶାରେ ପହଞ୍ଚିବ ବୋଲି ମୁଁ ଲକ୍ଷ୍ୟ ରଖିଛି"।

# ମହିଳା ବିଶ୍ୱକପ : ଭାରତ-ଅଷ୍ଟ୍ରେଲିଆ ସେମିଫାଇନାଲ ଲଢ଼େଇ

**ନୂଆଦିଲ୍ଲୀ,୨୫।୧୦ (ଏଜେନ୍ସି) :** ମହିଳା ବିଶ୍ୱକପ ସେମି ଫାଇନାଲ ଲାଇନ ଅପ ଚୂଡ଼ାନ୍ତ ହୋଇଛି। ନିଜର ଶେଷ ଗ୍ରୁପ ପର୍ଯ୍ୟାୟ ମ୍ୟାଚକୁ ଅଷ୍ଟ୍ରେଲିଆ ଏକତରଫା ଭାବେ ଜିତି ନେଇଛି। ଦକ୍ଷିଣ ଆଫ୍ରିକାକୁ ଡିଫେଣ୍ଡିଂ ଚମ୍ପିୟନ ଅଷ୍ଟ୍ରେଲିଆ ୭ ୱିକେଟରେ ହରାଇ ଟେବୁଲ ଟପର ଭାବେ ଗ୍ରୁପ ପର୍ଯ୍ୟାୟ ଅଭିଯାନ ଶେଷ କରିଛି। ଶେଷ ମ୍ୟାଚରେ କଙ୍ଗାରୁ ଟିମର ଆଲାନ କିଙ୍ଗ ରେକର୍ଡ ବ୍ରେକିଂ ସ୍ପେଲ ସହ ଟୁର୍ଣ୍ଣାମେଣ୍ଟ ଇତହାସରେ ଶ୍ରେଷ୍ଠ ବୋଲିଂ ଫିଗର ହାସଲ କରିଛନ୍ତି। କିଙ୍ଗ ସ୍ପେଶାଲ ଆଗରେ ଦକ୍ଷିଣ ଆଫ୍ରିକା ଧରାଶାୟୀ ହୋଇଛି।

ଏହି ବିଜୟ ସହ ଅଷ୍ଟ୍ରେଲିଆ ସେମି ଫାଇନାଲରେ ଭାରତର ସାମ୍ନା କରିବା ନିଶ୍ଚିତ ହୋଇଛି। ଅକ୍ଟୋବର ୩୦ରେ ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମରେ ଦୁଇ ଦଳ ଫାଇନାଲ ଟିକେଟ ପାଇଁ ଲଢ଼େଇ କରିବେ। ଅଷ୍ଟ୍ରେଲିଆ ୭ଟି ମ୍ୟାଚରୁ ୧୩ ପଏଣ୍ଟ ଓ +୨.୧୦୨ ରନ ରେଟ୍ ସହ ପଏଣ୍ଟ ଟେବୁଲ ଶୀର୍ଷରେ ରହିଛି। ଟୁର୍ଣ୍ଣାମେଣ୍ଟରେ ଅଷ୍ଟ୍ରେଲିଆ ଏକମାତ୍ର ଦଳ ଯିଏ ଏଯାଏ ଗୋଟିଏ ହେଲେ ମ୍ୟାଚ୍ ହାରିନାହିଁ। ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍ ବର୍ଷା



ଯୋଗୁ ବାତିଲ ହୋଇଥିବା ବେଳେ ବାକି ୬ଟି ଯାକ ଲଢେଇରେ ଦଳ ବାଜିମାତ କରିଛି। ଭାରତ-ଅଷ୍ଟ୍ରେଲିଆ ଗୋଟିଏ ସେମି ଫାଇନାଲ ଖେଳିବାକୁ ଥିବା ବେଳେ ଆଉ ଗୋଟିଏରେ ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ଲଢିବେ। ଏହି ମ୍ୟାଚଟି ଅକ୍ଟୋବର ୨୯ରେ ଗୁହାଟୀର ବର୍ସାପରା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଆଜିର ମ୍ୟାଚ୍ କଥା ବିଚାରକୁ ନେଲେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବାର ଦକ୍ଷିଣ ଆଫ୍ରିକାକୁ ଲୌରା ୱଲଭାର୍ଡଟ ଓ ତାଜମିନ ବ୍ରିଟସ ଠିକଠାକ ଆରମ୍ଭ ଦେଇଥିଲେ। ଉଭୟ ୬.୪ ଓଭର ସୁଦ୍ଧା ୩୧ ରନ ଯୋଡ଼ିଥିଲେ। ମେଗନା ସ୍କଟଙ୍କ ଗୋଟିଏ ଓଭରରେ ୪ଟି ଚୌକା ସହାୟତାରେ ୱଲଭାର୍ଡଟ ୧୬ ରନ ଆଦାୟ କରିଥିଲେ।

କିନ୍ତୁ ୭ମ ଓଭର ଠାରୁ ଅଷ୍ଟ୍ରେଲିଆ କମବ୍ୟାକ ଆରମ୍ଭ କରିଥିଲା। ୩୧ ରନ କରିଥିବା ୱଲଭାର୍ଡଟଙ୍କୁ ଆଉଟ କରି ସ୍କଟ ମଧୁର ପ୍ରତିଶୋଧ ନେଇଥିଲେ। ଏହାପରେ କମି ଗାର୍ଥ ଅନ୍ୟତମ ଓନନର ବ୍ରିଟସ୍‌ଙ୍କୁ ପ୍ୟାଭିଲିୟନ ପଠାଇଥିଲେ। ଏହିଠାରୁ ହିଁ ତାସର ଘର ଭଳି କିଙ୍ଗ ଦକ୍ଷିଣ ଆଫ୍ରିକାର ବ୍ୟାଟିଂ ଲାଇନ ଅପକୁ ଧ୍ୱଂସ କରିଦେଇଥିଲେ। ଶେଷରେ ଦକ୍ଷିଣ ଆଫ୍ରିକା ୨୪ ଓଭରରେ ୯୭ ରନ କରି ଅଲଆଉଟ ହୋଇଯାଇଥିଲା।

କିଙ୍ଗ ୭ ଓଭରରେ ୨ଟି ମେଡେନ ସହ ୧୮ ରନ ଦେଇ ୭ ୱିକେଟ ଦଖଲ କରିଛନ୍ତି। ପ୍ରଥମେ ସେ ୨.୨ ଓଭର ସୁଦ୍ଧା କୌଣସି ରନ ଦେଇ ୪ ୱିକେଟ ନେଇଥିଲେ। କିଙ୍ଗ ୭ଟି, ସ୍କୁଟ, ଗାର୍ଥ ଓ ଆଶଲେ ଗାର୍ଡନରଙ୍କ ଖାତାକୁ ଗୋଟିଏ ୱିକେଟ ଯାଇଛି। ୯୮ ରନର ଟାର୍ଗେଟକୁ ଅଷ୍ଟ୍ରେଲିଆ ୩ ୱିକେଟ ହରାଇ ୧୬.୫ ଓଭରରେ ହାସଲ କରି ନେଇଛି। ଜର୍ଜିଆ ଭଲ ଅପରାଜିତ ୩୮ ରନ କରିଥିବା ବେଳେ ବେଥ ମୁନି ତୃତୀୟ ବ୍ୟାଟର ଭାବେ ୪୨ ରନ କରି ଆଉଟ ହୋଇଥିଲେ। ତାଙ୍କ ପୂର୍ବରୁ ଫୋବ ଲିଚଫିଲ୍ଡ (୫) ଓ ଏଲିସ ପେରୀ(୦) ଆଉଟ ହୋଇଥିଲେ।

# ଦୁଇ ଅଷ୍ଟ୍ରେଲୀୟ ମହିଳା କ୍ରିକେଟରଙ୍କୁ ପିଛା କରି ଅନୁପଯୁକ୍ତ ସ୍ପର୍ଶ କରିଥିବା ବାଇକ୍ ଚାଳକ ଗିରଫ

**ଇନ୍ଦୋର,୨୫।୧୦ (ଏଜେନ୍ସି) :** ମଧ୍ୟପ୍ରଦେଶର ଇନ୍ଦୋରରେ ଜଣେ ମୋଟରସାଇକେଲ ଚାଳକ ଆଇସିସି ମହିଳା କ୍ରିକେଟ ବିଶ୍ୱକପରେ ଅଂଶଗ୍ରହଣ କରିଥିବା ଦୁଇ ଅଷ୍ଟ୍ରେଲୀୟ ମହିଳା କ୍ରିକେଟରଙ୍କୁ ପିଛା କରି ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଅକ୍ଟୋବର ୨୫ ତାରିଖ ଶନିବାର ପୁଲିସ୍ ଏନେଇ ସୂଚନା ପ୍ରଦାନ କରିଛି। ଟୁର୍ଣ୍ଣାମେଣ୍ଟରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅଷ୍ଟ୍ରେଲିଆର ଶୀର୍ଷ ମୁକାବିଲାର ଦୁଇ ଦିନ ପୂର୍ବରୁ; ଅର୍ଥାତ ଗୁରୁବାର ଏହି ଘଟଣା ଘଟିଥିଲା। ଏ ସଂପର୍କରେ ପୁଲିସ୍ କହିଛି, ''ଦୁଇ ଜଣ କ୍ରିକେଟରଙ୍କୁ ବାଇକରେ ପିଛା କରୁଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ଅଭିଯୁକ୍ତ ଅକିଲ ଖାନ ଅସଦାଚରଣ କରିଛି। ଗୁରୁବାର ସକାଳେ ଖଜରାନା ରୋଡ୍ ଅଞ୍ଚଳରେ ଏହି ଘଟଣା ଘଟିଥିଲା ଯେତେବେଳେ ଦଳ ରାଡିସନ ବ୍ଲୁ ହୋଟେଲରୁ ଏକ କାଫେକୁ ଯାଉଥିଲା।'' ସବ୍-ଇନ୍ସପେକ୍ଟର ନିଧି



ରଘୁବଂଶୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି କି ''ଦୁଇ କ୍ରିକେଟର ସେମାନଙ୍କ ହୋଟେଲରୁ ବାହାରି ଏକ କାଫେ ଆଡକୁ ଚାଲିଯାଉଥିଲେ। ସେହି ସମୟରେ ଜଣେ ବ୍ୟକ୍ତି ମୋଟରସାଇକେଲରେ ସେମାନଙ୍କ ପଛେ ପଛେ ପିଛା କରିବା ଆରମ୍ଭ କଲେ। ସେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ଅନୁପଯୁକ୍ତ ଭାବରେ ଛୁଇଁ ଗାଡ଼ି ଚଲାଇ ପଳାଇଗଲେ।'' ଦୁହେଁ ସେମାନଙ୍କ ଦଳର ସୁରକ୍ଷା ଅଧିକାରୀ ଡାନି ସିମନ୍ସଙ୍କ ସହିତ ଯୋଗାଯୋଗ କରିଥିଲେ, ଯିଏ ସ୍ଥାନୀୟ ସୁରକ୍ଷା ଯୋଗାଯୋଗ ଅଧିକାରୀଙ୍କ ସହିତ କଥା ହୋଇ ସହାୟତା ପାଇଁ ଏକ ଗାଡ଼ି ପଠାଇଥିଲେ। ସୂଚନା ପାଇ, ସହକାରୀ ପୁଲିସ କମିସନର ହିମାନି ମିଶ୍ର ଦୁଇ ଖେଳାଳିଙ୍କୁ ଭେଟି ସେମାନଙ୍କ ବୟାନ ରେକର୍ଡ କରିଥିଲେ ଏବଂ ଏମ୍ଆଇଜି ପୁଲିସ ଷ୍ଟେସନରେ ଭାରତୀ ନ୍ୟା ସଂହିତା (ବିଏନ୍ଏସ୍)ର ଧାରା ୭୪ ଏବଂ ୭୮ ଅନୁଯାୀ ଏକ ଏଫ୍ଆଇଆର୍ ପଞ୍ଜିକୃତ କରିଥିଲେ। ଅଧିକାରୀ ଜଣକ କହିଛନ୍ତି ଯେ ଜଣେ ଦେଖଣାହାରୀ ସନ୍ଦିଗ୍ଧ ବ୍ୟକ୍ତିଙ୍କ ମୋଟରସାଇକେଲ ନମ୍ବର ଦେଖିଥିଲେ, ଯାହା ଆଧାରରେ ଅଭିଯୁକ୍ତ ଅକିଲ ଖାନଙ୍କୁ ଗିରଫ କରାଯାଇଥିଲା। ଖାନଙ୍କ ବିରୋଧରେ ପୂର୍ବରୁ ମଧ୍ୟ ଅପରାଧିକ ମାମଲା ରହିଛି ଏବଂ ଏହି ମାମଲାରେ ତଦନ୍ତ ଚାଲିଛି ବୋଲି ଅଧିକାରୀ ରଘୁବଂଶୀ କହିଛନ୍ତି।

## ପାରା ବ୍ୟାଡ଼ମିଣ୍ଟନ ମିଟ୍‌ରେ ଭାରତର ଆଧିପତ୍ୟ

**ଭିକ୍ଟୋରିଆ,୨୫।୧୦:** ଅଷ୍ଟ୍ରେଲିଆନ ପାରା ବ୍ୟାଡ଼ମିଣ୍ଟନ ଇଣ୍ଟରନ୍ୟାଶନାଲ ୨୦୨୫ରେ ଭାରତ ଆଧିପତ୍ୟ ବିସ୍ତାର କରି ପଦକ ତାଲିକାରେ ଶୀର୍ଷ ସ୍ଥାନ ସହ ଏହାର ଅଭିଯାନ ଶେଷ କରିଛି। ଏଥିରେ ପାରାଲିମ୍ପିକ ଚମ୍ପିୟନ ପ୍ରମୋଦ ଭଗତ ଦୁଇ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ସୁକାନ୍ତ କଦମ ଗୋଟିଏ ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ଜିତିଥିଲେ। ଭଗତ ଫାଇନାଲରେ ନିଜ ଦେଶର ମନୋଜ ସରକାରଙ୍କୁ ୨୧-୧୫, ୨୧-୧୭ରେ ପରାସ୍ତ କରି ପୁରୁଷ ସିଙ୍ଗଲ୍ସ ଏସ୍ଏଲ୍୩ ଟାଇଟଲ ଜିତିଥିଲେ। ସେ କଦମଙ୍କୁ ସାଥୀ କରି ଭାରତୀୟ ଯୋଡ଼ି ଉମେଶ ବିକ୍ରମ କୁମାର ଓ ସୂର୍ଯ୍ୟକାନ୍ତ ଯାଦବଙ୍କୁ ୨୧-୧୧, ୧୯-୨୧, ୨୧-୧୮ରେ ହରାଇ ପୁରୁଷ ଡବଲ୍ସ ଏସ୍ଏଲ୍୩-ଏସ୍ଏଲ୍୪ ଚମ୍ପିୟନ ହୋଇଥିଲେ।

# ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା

**ଭଦ୍ରକ,୨୫।୧୦ (ମହଭାରତ) :** ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଭଦ୍ରକ ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ଶିଶୁ ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀଙ୍କ ନିମନ୍ତେ ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା 'ଉତ୍ସାହ' ବାଗୁରାଇ ସ୍ଥିତ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ମର୍ମରେ ଅନ୍ତେବାସୀ ଶିଶୁମାନଙ୍କ ମଧ୍ୟରେ ଲମ୍ବଡ଼ିଆଁ, ଉଚ୍ଚ ଡ଼ିଆଁ, ୧୦୦ମିଟର, ୨୦୦ମିଟର ଦୌଡ଼, ଚେସ୍, କ୍ୟାରେମ୍ (ବାଳକ/ବାଳିକା) ଓ ଫୁଟବଲ୍ ମ୍ୟାଚ୍ ନିମନ୍ତେ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା । ଉଦ୍‌ଘାଟନୀ ପର୍ବରେ ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଶିଶୁମଙ୍ଗଳ କମିଟିର ଅଧ୍ୟକ୍ଷ ଡ଼. ଦେବରାଜ ପାଣିଗ୍ରାହୀ, ସମାଜମଙ୍ଗଳ ଅଧିକାରିଣୀ ରୂପାଲି ମିତ୍ର, ସୁରକ୍ଷା ଅଧିକାରିଣୀ ଚନ୍ଦ୍ରା ସାହୁ, ଶିଶୁ ମଙ୍ଗଳ ସଦସ୍ୟ ଭାରତୀ ଦାଶ, ବାଗୁରାଇ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗଦାନ କରି ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ମଂଚ ସଂଯୋଜନା ଆନୁଷ୍ଠାନିକ ଅଧିକାରୀ ବିଶ୍ୱନାରାୟଣ ପଣ୍ଡା କରିଥିଲେ । ଉଦ୍‌ଯାପନୀ ସଂଧ୍ୟାରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ଅବସରରେ ବରିଷ୍ଠ ନାଗରିକମଂଚର ସଭାପତି ଲଲାଟେନ୍ଦୁ ମହାନ୍ତିଙ୍କ ସମେତ ଡ଼ା. ପାଣିଗ୍ରାହୀ, ସଦସ୍ୟ ନବୀନ ଚନ୍ଦ୍ର ବେହେରା, ଗାନ୍ଧୀବାଳାଶ୍ରମର ସଂପାଦକ ଅଶୋକ ଦାସ ଯୋଗଦାନ କରିଥିଲେ। ଫୁଟବଲ୍ ମ୍ୟାଚରେ ଗାନ୍ଧୀ ଓଡ଼ିଶାବାଳାଶ୍ରମର ଅନ୍ତେବାସୀ ବିଜୟ ଲାଭ କରିବା ସହ ଚମ୍ପିଆନ ହୋଇଥିଲେ । ଶିଶୁ ସୁରକ୍ଷା ଶାଖାର ସାମାଜିକ ତଥା ଆଇନ୍ ଅଧିକାରୀ ସୁବ୍ରତ ଦାସ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ୟୁନିଟ୍‌ର କର୍ମକର୍ତ୍ତା ଅଣ ଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ, ବାହ୍ୟକର୍ମୀ ମହେଶ ଚନ୍ଦ୍ର ଦାଶ, ଦମୟନ୍ତୀ ଦାଶ, ଧୀରଜ ବାରିକ୍, କୁଳଦୀପ ଜେନା, ଲକ୍ଷ୍ମୀପ୍ରିୟା ମଲ୍ଲିକ, ଶୁଭାଶିଷ ପଣ୍ଡା, ସୁଦର୍ଶନ ବାଦ୍ରା, ନବୀନ ବେହେରା ସମେତ ଲିପିକା ପଣ୍ଡା, ସସ୍ମିତା ନାୟକ, ସରିତା ସାମଲ, ପ୍ରଜ୍ଞାଶ୍ରୀ ଦାସ, ଦେବୀସ୍ମିତା ମହାନ୍ତି, ଜ୍ୟୋତିପ୍ରକାଶ ପତି, ଦିଗନ୍ତ ବେହେରା, ସତ୍ୟଦେବ ପାତ୍ର ଚାଇଲ୍ଡ୍‌ଲାଇନ୍‌ର ସଂଯୋଜିକା ଶୁଭଶ୍ରୀ ପଢ଼ିଆରୀ ଓ ତାଙ୍କର ଟିମ୍ ସହଯୋଗ କରିଥିଲେ । ପରିଶେଷରେ ଶ୍ରୀ ଦାସଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ହସ୍ପିଟାଲରେ ଭର୍ତ୍ତି ହେଲେ ଆୟର

**ସିଡନୀ,୨୫।୧୦:** ଭାରତୀୟ ଦଳ ସିଡନୀରେ ଅଷ୍ଟ୍ରେଲିଆ ବିପକ୍ଷରେ ଶେଷ ଏକଦିବସୀୟ ମ୍ୟାଚ ୯ ଉଇକେଟରେ ଜିତିଛି। ରୋହିତ ଶର୍ମାଙ୍କ ଚମତ୍କାର ଶତକ ଏବଂ ବିରାଟ କୋହଲିଙ୍କ ଅର୍ଦ୍ଧଶତକ ମ୍ୟାଚକୁ ଅଷ୍ଟ୍ରେଲିଆ ହାତରୁ ଛଡ଼ାଇ ଆଣିଥିଲା। ହେଲେ ଏହି ମ୍ୟାଚରେ ଟିମ ଇଣ୍ଡିଆର ଜଣେ ଷ୍ଟାର ଖେଳାଳି ଆହତ ହୋଇଥିଲେ। ଯାହା ଫଳରେ ତାଙ୍କୁ ମ୍ୟାଚ ମଝିରେ ହସ୍ପିଟାଲକୁ ନିଆଯାଇଥିଲା। ଏହି ଘଟଣା ଭାରତୀୟ ବ୍ୟାଟ୍ସମ୍ୟାନ ଶ୍ରେୟସ ଆୟରଙ୍କ ସହିତ ଘଟିଥିଲା, ଯିଏ ମ୍ୟାଚ ମଝିରେ ଆଘାତ ପାଇଥିଲେ ଏବଂ ତାଙ୍କୁ ସିଡନୀର ଏକ ହସ୍ପିଟାଲକୁ ନିଆଯାଇଥିଲା। ଅଷ୍ଟ୍ରେଲିଆ ଦଳ ୩୩ ଓଭରରେ ୧୮୦ ରନ ଅତିକ୍ରମ କରିଥିଲା, କେବଳ ତିନୋଟି ଉଇକେଟ ହରାଇଥିଲା। ତା'ପରେ ୩୪ତମ ଓଭରରେ ହର୍ଷିତ ରାଣାଙ୍କ ବୋଲିଂରେ ଆଲେକ୍ସ କ୍ୟାରିଙ୍କ ଡ୍ରପ୍ କ୍ୟାଚ୍ ଶ୍ରେୟସ ଅୟାରଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଥିଲା। ପଏଣ୍ଟରେ ଠିଆ ହୋଇଥିବା ଆୟର କ୍ୟାଚ୍ ନେବା ପାଇଁ ପଛକୁ



ଦୌଡ଼ିଥିଲେ ଏବଂ ତା'ପରେ ଏକ ଚମତ୍କାର ଡାଇଭ୍ ସହିତ କ୍ୟାଚକୁ ନେଇଥିଲେ। କିନ୍ତୁ ଡାଇଭ ପରେ ଯେତେବେଳେ ସେ ତଳେ ପଡ଼ିଗଲେ, ତାଙ୍କ ପେଟର ବାମ ପାର୍ଶ୍ୱରେ ଆଘାତ ଲାଗିଲା। ଶ୍ରେୟସ ତୁରନ୍ତ ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ପରେ ଟିମ୍ ଇଣ୍ଡିଆର ଫିଜିଓ ପଡ଼ିଆକୁ ଯାଇ ଆୟରଙ୍କୁ ପରୀକ୍ଷା କରିଥିଲେ। ପରେ ଆୟରଙ୍କୁ ପଡ଼ିଆ ବାହାରକୁ ନେବାକୁ ପଡିଥିଲା। ତା'ପରେ ସେ ପଡ଼ିଆକୁ ଫେରି ନ ଥିଲେ। ଏନେଇ ବିସିସିଆଇ କହିଛି, ଫିଲ୍ଡିଂ କରିବା ସମୟରେ ଶ୍ରେୟସ ଆୟରଙ୍କ ବାମ ପଞ୍ଜରାରେ ଆଘାତ ଲାଗିଛି। ତାଙ୍କୁ ଅଧିକ ଚିକିତ୍ସା ପାଇଁ ହସ୍ପିଟାଲକୁ ନିଆଯାଇଛି।' ତେବେ ଆୟର ଏବଂ ଟିମ୍ ଇଣ୍ଡିଆ ପାଇଁ ଏକ ଆଶ୍ୱସ୍ତି ହେଉଛି ଯେ ସେ ବର୍ତ୍ତମାନ କୌଣସି ସିରିଜ ଖେଳିବେ ନାହିଁ। ଦିନିକିଆ ସିରିଜ ଶେଷ ହୋଇଛି ଏବଂ ଟି-୨୦ ସିରିଜରେ ଆୟର ଦଳର ଅଂଶ ନୁହନ୍ତି।

## ଏସବିଆଇ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ବ୍ୟବସାୟ ପ୍ରିମିୟମ ହାସଲ

**ଭୁବନେଶ୍ୱର,୨୫।୧୦:** ଦେଶର ଅନ୍ୟତମ ଅଗ୍ରଣୀ ଜୀବନ ବୀମା କମ୍ପାନି ୨୦୨୫ ସେପ୍ଟେମ୍ବର ୩୦ ସୁଦ୍ଧା ଶେଷ ସମୟ ମଧ୍ୟରେ ୧୮,୩୪୯ କୋଟି ଟଙ୍କାର ନୂଆ ବ୍ୟବସାୟ ପ୍ରିମିୟମ ହାସଲ କରିଛି ଯାହା ବର୍ଷକ ପୂର୍ବରୁ ସେହି ସମରେ ୧୫,୭୨୫ କୋଟି ଟଙ୍କା ଥିଲା। ସେହିପରି, ନିୟମିତ ପ୍ରିମିୟମ ପରିମାଣ ଏହି ସମୟରେ ୧୦ ପ୍ରତିଶତ ବୃଦ୍ଧି ପାଇଛି। ସୁରକ୍ଷା ଉପରେ ସ୍ପଷ୍ଟ ଗୁରୁତ୍ୱ ଦେଇଥିବା ଏସବିଆଇ ଲାଇଫର ନୂଆ ବ୍ୟବସାୟ ପ୍ରିମିୟମ ପରିମାଣ ୨୦୨୫ ସେପଟ୍ଟେମ୍ବର ୩୦ ସୁଦ୍ଧା ଶେଷ ତ୍ରୈମାସିକରେ ୨,୨୧୧ କୋଟି ଟଙ୍କା ରହିଛି ଯାହା ପୂର୍ବବର୍ଷ ତୁଳନାରେ ୨୫ ପ୍ରତିଶତ ଅଧିକ। ସୁରକ୍ଷା ବ୍ୟକ୍ତିଗତ ନୂଆ ବ୍ୟବସାୟ ପ୍ରିମିୟମ ପରିମାଣ ଏହି ସମୟରେ ୩୭୧ କୋଟି ଟଙ୍କା ହୋଇଛି। ବ୍ୟକ୍ତିଗତ ନୂଆ ବ୍ୟବସାୟ ପ୍ରିମିୟମ ୬ ପ୍ରତିଶତ ବୃଦ୍ଧି ପାଇ ୧୨,୧୭୫ କୋଟି ଟଙ୍କା ରହିଛି। ୨୦୨୫ ସେପ୍ଟେମ୍ବର ୩୦ ସୁଦ୍ଧା ଏସବିଆଇ ଲାଇଫର ଟିକସ ପରବର୍ତ୍ତୀ ଲାଭ ୧୦୮୯ କୋଟି ଟଙ୍କା ରହିଛି। ୨୦୨୪ ସେପ୍ଟେମ୍ବର ତୁଳନାରେ ଏହା ୪ ପ୍ରତିଶତ ଅଧିକ।

# 'ମୋନ୍ଥା'ର ମୁକାବିଲା ପାଇଁ ଟିପିଏସ୍ଓଡିଏଲର ପ୍ରସ୍ତୁତି

**ବ୍ରହ୍ମପୁର,୨୫।୧୦:** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ମୋନ୍ଥା'କୁ ଦୃଷ୍ଟିରେ ରଖି ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ୍) ତତ୍ପରତା ଦେଖାଇଛି। ନିରବଚ୍ଛିନ୍ନ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ସହ ବିଦ୍ୟୁତ ସରବରାହରେ ବାଧାବିଘ୍ନକୁ ହ୍ରାସ କରିବା ପାଇଁ କମ୍ପାନୀ ପକ୍ଷରୁ ଏକ ବ୍ୟାପକ ବ୍ୟବସାୟ ନିରନ୍ତରତା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନା (ବିସିଡିଏମପି) ପ୍ରସ୍ତୁତ କରାଯାଇଛି। ବିଭିନ୍ନ ସ୍ତରର ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ଟିପିଏସ୍ଓଡିଏଲର ବିସିଡିଏମପି ଯୋଜନା ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ଏକ ଉତ୍ସର୍ଗୀକୃତ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ରହିଛି । ଏହି ଯୋଜନା କମ୍ପାନୀକୁ ବ୍ୟବସ୍ଥିତ ଭାବରେ ସତର୍କ ସୂଚନା ଗ୍ରହଣ ଓ ବିଶ୍ଳେଷଣ କରିବା, ବିପର୍ଯ୍ୟୟ ପୂର୍ବରୁ ସତର୍କ ସୂଚନା ଦେବା ଏବଂ ବିସିଡିଏମପି ପରିଚାଳନା କରିବାରେ ସାହାଯ୍ୟ କରିବ। ରେସପନ୍ସ ଟିମର ପ୍ରସ୍ତୁତିକୁ ଯାଞ୍ଚ କରିବା ପାଇଁ ଏକ ମକ୍ ଡ୍ରିଲ୍ ମଧ୍ୟ ଆୟୋଜନ କରାଯାଇଛି। ଟିପିଏସ୍ଓଡିଏଲ୍ ଉଭୟ ବିତରଣ ଏବଂ ପ୍ରାଇମେରୀ ସବ୍-ଷ୍ଟେସନର ରକ୍ଷଣାବେକ୍ଷଣ କାର୍ଯ୍ୟ ଶେଷ କରିଛି। ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହେଲେ ପୁନରୁଦ୍ଧାରକୁ ତ୍ୱରାନ୍ୱିତ କରିବା ପାଇଁ ଟ୍ରାନ୍ସଫର୍ମର ଏବଂ ସୁଇଚ ଗିୟର ସମେତ ଅତ୍ୟାବଶ୍ୟକ ସ୍ପେୟାର ପାର୍ଟସ, ଉପକରଣଗୁଡ଼ିକୁ ମହଜୁଦ ରହିଛି। ଜରୁରୀକାଳୀନ ସେବାକୁ ନିରନ୍ତର ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ପାଇଁ ଟିପିଏସ୍ଓଡିଏଲର ସ୍ୱତନ୍ତ୍ର ଟିମ୍ ପ୍ରସ୍ତୁତ ରହିଛନ୍ତି। ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ଛଅଟି ମୋବାଇଲ୍ ଡିଷ୍ଟ୍ରିବ୍ୟୁସନ୍ ସବଷ୍ଟେସନର ବ୍ୟବସ୍ଥା କରାଯାଇଛି। ଯାହା ବାତ୍ୟା ପ୍ରଭାବିତ ଅଞ୍ଚଳରେ ତୁରନ୍ତ ବିଦ୍ୟୁତ ସରବରାହ ବ୍ୟବସ୍ଥା ପୁନଃସ୍ଥାପନ କରିବାରେ ସହାୟକ ହେବ। କମ୍ପାନୀର ପାଞ୍ଚଟି ମୁଖ୍ୟ ଷ୍ଟୋର୍ ସହିତ, ବିଭିନ୍ନ ସେକ୍ସନରେ ଏଲଟି ଏବିସି କେବୁଲ୍, ପୋଲ୍ ଏବଂ କଣ୍ଡକ୍ଟର ଭଳି ଜରୁରୀ ସାମଗ୍ରୀର ଉପଲବ୍ଧତା ନିଶ୍ଚିତ କରିବା ପାଇଁ ଅଞ୍ଚଳରେ ୧୬ଟି ଟ୍ରାଞ୍ଜିଟ ଷ୍ଟୋର୍ ସ୍ଥାପନ କରାଯାଇଛି। ସେହିପରି ଗଛ କାଟିବା ପାଇଁ ଦୁଇଟି ଟାୱାର୍ ୱାଗନ୍ ମୁତୟନ କରାଯାଇଛି। ଏହା ସହିତ, କ୍ଷୀଣ ଆଲୋକରେ ଯେପରି ବିଦ୍ୟୁତ ସରବରାହ ବ୍ୟବସ୍ଥା ପୁନଃସ୍ଥାପନ କରିବାରେ କୌଣସି ଅସୁବିଧା ନ ହୁଏ ସେ ଲାଗି ପ୍ରତ୍ୟେକ ଡିଭିଜନରେ ୨୫ଟି ଏଏସକେଏ ଲାଇଟ୍ ଏବଂ ୧୯ଟି ଡିଜି ସେଟ୍ ରଖାଯାଇଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ